CMYK

- Vol.- 46, Issue No. 149
- Saturday, 29 August 2026
- ଶନିବାର, ୨୯ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ପୁନଃ କାର୍ଯ୍ୟକ୍ଷମ ହେବ ନୟାଗଡ଼ ଚିନି କଳ




- ★ ଆରମ୍ଭ ହେବ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ
- ★ ନୟାଗଡ଼ରେ ୧.୩ କୋଟି ମହିଳାଙ୍କୁ 'ସୁଭଦ୍ରା' ପଞ୍ଚମ କିସ୍ତି ବାଣ୍ଟିଲେ ମୋହନ ମାଝୀ
- ★ ପାଇଲେ ୫,୧୬୩ କୋଟିରୁ ଅଧିକ ଟଙ୍କା
- ★ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ
- ★ ନାରୀ ସଶକ୍ତିକରଣର ପ୍ରତୀକ 'ସୁଭଦ୍ରା'

ନୟାଗଡ଼/ଭୁବନେଶ୍ୱର, ୨୮।୮(ନିପ୍ର): ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି । ସୂଚନାଯୋଗ୍ୟ ଯେ ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଂଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟିର ଅଧିକ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା ।'ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ। ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନ କରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ 'ଓମେନ୍ ଏଣ୍ଟରପ୍ରିନ୍ୟୁୟରସିପ୍ ପ୍ଲାଟଫର୍ମ ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ , ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ । ଏହି ଅବସରରେ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ । ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କରିଛନ୍ତି ବୋଲି ସେ କହିଥିଲେ ।

## ନେପାଳ ଜଳପ୍ରଳୟ

# ମୃତ୍ୟୁ ଆଁ'ରୁ ଚାଲିଛି ଜୀବନ ଖୋଜା

- ୫ ଶହ ଟପିଲା ମୃତ୍ୟୁସଂଖ୍ୟା, ଶହ ଶହ ନିଖୋଜ
- ୪୦୦ ଭାରତୀୟ ଚୀନ ସୀମାରେ ଫସିଛନ୍ତି
- ୨୧ ଜଣ ଭାରତୀୟ ଦିଲ୍ଲୀରେ ପହଞ୍ଚିଲେ
- ଓଡ଼ିଶାରୁ ୫ ନିଖୋଜ



କାଠମାଣ୍ଡୁ/ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୮: ନେପାଳରେ ଜଳପ୍ରଳୟର ତିନିଦିନରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି । ଦେଶର ୧୪ ହଜାର ଯବାନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଚାରିଆଡେ କାଦୁଅ ଭର୍ତ୍ତି ଓ ମୃତ୍ୟୁର ଆଁ ଭିତରୁ ଜୀବନ ଖୋଜା ଚାଲିଛି । କେଉଁଠି ମୃତଦେହ ମିଳୁଛି ତ କେଉଁଠି ମୃତଦେହର ଖଣ୍ଡଖଣ୍ଡ ଅଂଶ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୭୯ ଜଣ ପ୍ରାଣ ହରାଇଛନ୍ତି। ୮୫ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ଶହ ଶହ ନିଖୋଜ ଅଛନ୍ତି। ପ୍ରାୟ ୩,୭୪୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଶୁକ୍ରବାର ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଆଧାରରେ ଏଯାବତ ୫୪୭ ଲୋକଙ୍କ ମୃତଦେହ ମିଳିଛି। ସେପଟେ ୩୨୦ ଜଣ ଭାରତୀୟ ଏବେ ବି ନିଖୋଜ ଥିବାବେଳେ ୪୦୦ ଭାରତୀୟ ଚୀନ ସୀମାରେ ଫସି ରହିଛନ୍ତି । ୩୯୩ ମୃତଦେହର ପରିଚୟ ସ୍ପଷ୍ଟ ହୋଇନାହିଁ । ଏବେ ସୁଦ୍ଧା ୩ ହଜାର ୨୫୩ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରାୟ ୯୩ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ୧୫୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଥିବା ବୈଦେଶିକ ମନ୍ତ୍ରାଳୟ ସଚିବ ରଣଧୀର ଜୟସ୍ୱାଲ କହିଛନ୍ତି । ସେପଟେ ୨୧ ଜଣ ଭାରତୀୟ ସୁରକ୍ଷିତ ଭାବେ ଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚୀନ ପାର୍ଶ୍ୱରେ ଥିବା ପ୍ରାୟ ୪୦୦ ଭାରତୀୟ ନାଗରିକ ସୁରକ୍ଷିତ ଅଛନ୍ତି। ନେପାଳରେ ବନ୍ୟା ପରେ ଭାରତ ସରକାର ନିରନ୍ତର ଭାବରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିଆସୁଛି। ନେପାଳ ବନ୍ୟାରେ ଓଡ଼ିଶାର ପାଞ୍ଚ ଜଣ ଲୋକ ଏବେ ବି ନିଖୋଜ ଅଛନ୍ତି, ଓଡ଼ିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର କହିଛନ୍ତି। ସେମାନଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଏବଂ ନେପାଳ ଦୂତାବାସ ସହିତ ସମନ୍ୱୟ ରଖି ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ସୂଚନା ଏବଂ ସହାୟତା ଯୋଗାଇବା ପାଇଁ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି।

# ବାଘୁଣୀ 'ଜିନ୍ନତ'ଠାରୁ ଖୋଲାଯିବ ରେଡିଓ କଲାର

ବାରିପଦା, ୨୮।୮: ଶିମିଳିପାଳରେ ମୁକ୍ତ ଭାବେ ବିଚରଣ କରିପାରିବ ମହାବଳ ବାଘୁଣୀ 'ଜିନ୍ନତ'। ଶିମିଳିପାଳ ଅଭୟାରଣ୍ୟର ପରିବେଶ ସହ ଏହା ସମ୍ପୂର୍ଣ୍ଣ ଭାବେ ଖାପଖୁଆଇ ସାରିଛି।



ତେଣୁ ବିନା ଟ୍ରାଙ୍କୁଲାଇଜରରେ ଏହାଠାରୁ ଖୋଲାଯିବ ରେଡ଼ିଓ କଲାର । ୪ ଶାବକଙ୍କୁ ଜନ୍ମ ଦେଇଥିବା 'ଜିନ୍ନତ୍' ଉପରୁ ଏବେ ନଜର ହଟାଇ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଉଛନ୍ତି ବନ ବିଭାଗ । ବର୍ଷା ଋତୁ ପରେ ବିଚାର ବିମର୍ଶ କରି ବାଘୁଣୀ 'ଜିନ୍ନତ୍'କୁ ସ୍ଥାୟୀ ଭାବରେ ଏନକ୍ଲୋଜରରୁ ମୁକ୍ତ କରିବା ନେଇ ଶିମିଳିପାଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶିମିଳିପାଳରେ ଏହା ସଫଳତାର ସହ ସ୍ଥିର ରହିବା ସହ ଶିମିଳିପାଳର ଅନ୍ୟ ବାଘମାନଙ୍କ ଭଳି ସାଧାରଣ ବିଚରଣ କରୁଥିବାରୁ ଏଭଳି ନିଷ୍ପତ୍ତି ନେବାକୁ ଯାଉଛନ୍ତି କର୍ତ୍ତୃପକ୍ଷ । କିନ୍ତୁ ବାଘୁଣୀ ଯମୁନା ଉପରେ ନଜର ରହିବ ବୋଲି କୁହାଯାଇଛି। ସୂଚନା ଅନୁସାରେ, ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ୨୦୨୪ ମସିହାରେ ପ୍ରଥମେ ଯମୁନା ଏବଂ ପରେ 'ଜିନ୍ନତ୍'କୁ ଶିମିଳିପାଳ ଅଣାଯାଇଥିଲା । ନଭେମ୍ବର ୨୦୨୪ରେ ଶିମିଳିପାଳ ଆସିଥିଲା 'ଜିନ୍ନତ୍'। ସେତେବେଳକୁ ତାକୁ ୪ବର୍ଷ ବୟସ ହୋଇଥିଲା । 'ଜିନ୍ନତ୍' ଗତ ମେ' ୨୦୨୬ରେ ୪ ଶାବକଙ୍କୁ ଜନ୍ମ ଦେଇ ରାଜ୍ୟ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ବଡ଼ସଫଳତା ଆଣିଦେଇଥିଲା।

# ଠକେଇ ମାମଲା: ପୂର୍ବତନ ମନ୍ତ୍ରୀଙ୍କ ପୁଅ ଗିରଫ

ଭୁବନେଶ୍ୱର, ୨୮।୮: ଏକ ଠକେଇ ମାମଲାରେ ନୟାପଲ୍ଲୀ ପୋଲିସ ରାଜ୍ୟ ପୂର୍ବତନ ପରିବହନ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଅଜିତ ସାହୁଙ୍କୁ ଗିରଫ କରିଛି ।ମାମଲାରେ ଜାରି ହୋଇଥିବା ୱାରେଣ୍ଟ ବଳରେ ପୋଲିସ ଅଜିତଙ୍କୁ ନୟାପଲ୍ଲୀର ନୂଆସାହି ଆପାର୍ଟମେଣ୍ଟରୁ ଗିରଫ କରିଛି। ଜମି ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇ ଜଣେ ରାଜ୍ୟସଭା ସାଂସଦଙ୍କୁ ଠକିଥିବା ନେଇ ଅଭିଯୋଗ ହୋଇଛି ।ମାମଲାଟି ୨୦୨୪ ମସିହାର, ଯେତେବେଳେ ଦିଲ୍ଲୀର ତୁଘଲକ ରୋଡ୍ ଥାନାରେ ଅଜିତଙ୍କ ବିରୋଧରେ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ପରେ, ଦିଲ୍ଲୀ ପୋଲିସ ଏକ ମାମଲା ରୁଜୁ କରି ଠକେଇର ତଦନ୍ତ ଆରମ୍ଭ କରିଥିଲା ।ସମନ ସତ୍ତ୍ୱେ ଅଜିତ ବାରମ୍ବାର କୋର୍ଟରେ ହାଜର ନ ହେବାରୁ ଦିଲ୍ଲୀ ପଟିଆଲା ହାଉସ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲା । ପରେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲା।

# ଆଜି ସୃଷ୍ଟି ହୋଇପାରେ ଲଘୁଚାପ

ଭୁବନେଶ୍ୱର, ୨୮।୮: ଭାରତୀୟ ପାଣିପାଗ ବିଭାଗ (ଆଇଏମଡ଼ି) ସୂଚନା ଅନୁସାରେ, ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଶନିବାର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୨୯ ଓ ୩୦ରେ ବ୍ୟାପକ ବର୍ଷା ହେବା ସହ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଅରେଞ୍ଜ ୱାର୍ଣ୍ଣିଂ କେନ୍ଦୁଝର ଓ ମୟୂରଭଞ୍ଜ କୁ ଓ ୟେଲୋ ୱାର୍ଣ୍ଣିଂ ୧୯ ଜିଲ୍ଲାକୁ ଜାରି କରାଯାଇଛି। ତାହା ମଧ୍ୟରେ ରହିଛି ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୁଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଆଦି। ୩୧ ଅଗଷ୍ଟରେ ପଶ୍ଚିମ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ନଦୀ ଜଳସ୍ତର ବୃଦ୍ଧି ଓ ସ୍ଥାନୀୟ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇପାରେ।

# ନେପାଳ: ପୁଣି ରଚିପାରେ 'ମୃତ୍ୟୁ ହ୍ରଦ'

## ଲେହେଣ୍ଡେ ଦ୍ୱିତୀୟ ହ୍ରଦରେ ଜମିଛି ୨୫ ଲକ୍ଷ କ୍ୟୁବିକ୍ ମିଟର ଜଳ



କାଠମାଣ୍ଡୁ, ୨୮।୮: ଜଳପ୍ରଳୟରେ ହାହାକାର ମଧ୍ୟରେ ନେପାଳ ଉପରେ ପୁଣି ନୂଆ ବିପଦର ଆଶଙ୍କା ଉପୁଜିଥିବାରୁ ବଢ଼ିଛି ଚିନ୍ତା। ଜଳପ୍ରଳୟରେ ତ୍ରାହିତ୍ରାହି ଡାକୁଥିବା ନେପାଳର ରସୁୱାଗଢ଼ୀରେ ଭୋଟେକୋଶୀ ନଦୀ ଉପରେ ଥିବା ଲେହେଣ୍ଡେ ନଦୀରେ ଆଉ ଏକ ବିଶାଳ ହ୍ରଦ ସୃଷ୍ଟି ହେବାରୁ ସଙ୍କଟ ଆହୁରି ବଢ଼ିଯାଇଛି। ଏହି ହ୍ରଦ ଠିକ୍ ସେହି ସ୍ଥାନର ଉପରମୁଣ୍ଡରେ ସୃଷ୍ଟି ହୋଇଛି,ଯେଉଁଠାରେ ବୁଧବାର ହଠାତ୍ ବନ୍ୟା ଆସିଥିଲା। ଚୀନର ସରକାରୀ ଗଣମାଧ୍ୟମ ସିସିଟିଭି ଏହି ନିର୍ମିତ ହ୍ରଦର ଭିଡିଓ ଫୁଟେଜ୍ ପ୍ରସାରଣ କରିଛି। ଏହା ପୂର୍ବରୁ ଚୀନ୍ ଚେତାବନୀ ଦେଇଥିଲା ଯେ, ନେପାଳ-ତିବ୍ବତସୀମା ନିକଟରେ ନିକଟରେ ଘଟିଥିବା ଭୂସ୍ଖଳନ ପରେ ସୃଷ୍ଟ ହ୍ରଦର ତଟବନ୍ଧ ଯେକୌଣସି ସମୟରେ ଭାଙ୍ଗିପାରେ। ଏହା ଫଳରେ ତଳମୁଣ୍ଡ ଅଞ୍ଚଳରେ ପୁଣି ବନ୍ୟା ଆସିବାର ଆଶଙ୍କା ରହିଛି। ନେପାଳର ଇଂରାଜୀ ଖବରକାଗଜ 'ଦି ହିମାଳୟାନ 'ଏବଂ ଚୀନର' ଜିନହୁଆ' ଏହି ଖବର ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଚୀନର ରାଜ୍ୟ ପ୍ରସାରଣକାରୀ ସୂଚନା ଦେଇଛନ୍ତି ଯେ ଶୁକ୍ରବାର ସକାଳ ସୁଦ୍ଧା ଏହି ହ୍ରଦ ପ୍ରାୟ ୨୫ ଲକ୍ଷ (୨.୫ ନିୟୁତ) କ୍ୟୁବିକ୍ ମିଟର ଜଳ ସଂଗ୍ରହ କରିଛି। ଏକ ଘନ ମିଟର (ମି. ୩) ୧,୦୦୦ ଏକ ଲିଟର ଜଳ ସହିତ ସମାନ। ଏକ ମାନକ ଅଲିମ୍ପିକ୍ ସୁଇମିଂ ପୁଲ୍ ପ୍ରାୟ ୨୫ ଲକ୍ଷ ଲିଟର (୨.୫ ନିୟୁତ ଲିଟର) ଜଳ ଧାରଣ କରିଥାଏ। ସେହି ଅନୁଯାୟୀ, ୨୫ ଲକ୍ଷ ଘନ ମିଟର ଜଳ ୧,୦୦୦ ଅଲିମ୍ପିକ୍ ସୁଇମିଂ ପୁଲ୍କୁ ସମ୍ପୂର୍ଣ୍ଣ ଭାବେ ପୂରଣ କରିପାରିବ। ପ୍ରବଳ ଭଗ୍ନାବଶେଷ ଯୋଗୁଁ ଲେହେଣ୍ଡେ ନଦୀର ପ୍ରବାହ ବନ୍ଦ ହୋଇଯାଇଛି। ସପ୍ତାହାନ୍ତ ମଧ୍ୟରେ ହ୍ରଦରେ ଅତିରିକ୍ତ ୩ ନିୟୁତ କ୍ୟୁବିକ୍ ମିଟର ଜଳ ପ୍ରବାହିତ ହେବ ବୋଲି ଆଶା କରାଯାଉଛି। ଚୀନର ଜଳ ସମ୍ପଦ ମନ୍ତ୍ରଣାଳୟ ଅନୁଯାୟୀ, ଏହି ହ୍ରଦଟି ଉପୁଡ଼ି ପଡ଼ିଛି। ଏହି ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ଏହି ହ୍ରଦ ଯେକୌଣସି ସମୟରେ ଭାଙ୍ଗି ଯାଇପାରେ। ଲେହେଣ୍ଡେ ନଦୀ (ଲେଣ୍ଡେ ଖୋଲା କିମ୍ବା ଲେଣ୍ଡେ ଷ୍ଟ୍ରିମ) ର ଉତ୍ପତ୍ତି ତିବ୍ବତ (ଚୀନ୍) ର ପାର୍ବତ୍ୟ ଅଞ୍ଚଳରେ ହୋଇଛି ।ଏହା ନେପାଳ-ଚୀନ୍ ସୀମା ନିକଟରେ ରାସୁୱାଗାଡ଼ି ଠାରେ ଭୋଟକୋଶି ନଦୀରେ ମିଶିଛି। ଏହା ଭୋଟକୋଶୀର ଏକ ଉପନଦୀ। ଲେହେଣ୍ଡେ ଏବଂ ଭୋଟକୋଶି ନଦୀର ଏହି ଅଞ୍ଚଳ ଭାରତ, ନେପାଳ ଏବଂ ଚୀନ୍ ମଧ୍ୟରେ ଶତାବ୍ଦୀ ପୁରୁଣା ହିମାଳୟ ବାଣିଜ୍ୟ କରିଡର (କେରୁଙ୍ଗ-ରାସୁୱାଗାଧି ନାକା) ର ମୂଳ ଗଠନ କରେ । ଅଗଷ୍ଟ ୨୬ ରେ, ଏକ ଭୂତାତ୍ତ୍ୱିକ ଗତିବିଧି ହେତୁ ଗ୍ଲେସିୟର ଭାଙ୍ଗିଗଲା, ଯେଉଁଥିରେ ଅଧିକାଂଶ ଗ୍ଲେସିୟର ଏହା ମଧ୍ୟରେ ପଡ଼ି ଭାଙ୍ଗିଗଲା । ପ୍ରବଳ ବନ୍ୟା କାଦୁଅ, ପଥର ଏବଂ ଭଗ୍ନାବଶେଷ ସହିତ ତଳିଆ ଅଞ୍ଚଳ ଆଡ଼କୁ ଗତି କରିଥିଲା। ଏହାଦ୍ୱାରା ଭୋଟକୋଶୀଙ୍କ ଗତି ମନ୍ଥର ହୋଇଯାଇଥିଲା। ଏହା ରାସୁୱାଗାଡ଼ି ସୀମା ପୋଷ୍ଟ, ରାସ୍ତା, ଜଳବିଦ୍ୟୁତ ପ୍ରକଳ୍ପ ଏବଂ ଗ୍ରାମକୁ ଯାଇଥିଲା। ନେପାଳ ଏବଂ ଚୀନ୍ କର୍ତ୍ତୃପକ୍ଷ ଉପଗ୍ରହ ମାଧ୍ୟମରେ ଲେହେଣ୍ଡେ ନଦୀ ମାର୍ଗର ଉପର ଭାଗ ଉପରେ ନିରନ୍ତର ନଜର ରଖିଛନ୍ତି।

## ଚିହ୍ନିକିଲେ ଜୁଏଲ

# ସମ୍ମାନରେ ହାତ ଲଗାଇଲେ ହାତକୁ କାଟି ଫିଙ୍ଗିଦେବି

ରାଉରକେଲା, ୨୮।୮: ରାଉରକେଲା ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି । ସବୁବେଳେ ଶାନ୍ତ ସ୍ୱଭାବର ଭାବମୂର୍ତ୍ତିରେ ରହୁଥିବା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରଣ ହୁଙ୍କାର ଦେଇଛନ୍ତି। ଜୁଏଲ ଖୋଲାଖୋଲି ଭାବେ କହିଛନ୍ତି ଯେ ଯିଏ ତାଙ୍କ ସମ୍ମାନରେ ହାତ ଲଗାଇବାକୁ ଚେଷ୍ଟା କରିବେ ତାଙ୍କ ହାତକୁ କାଟିକି ଫିଙ୍ଗି ଦେବାର ସାମର୍ଥ୍ୟ ରଖିଛନ୍ତି । ଆଉ ଯେଉଁମାନେ ତାଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଜାଳି ସଫା କରିଦେବେ ବୋଲି ସେ ଧମକ ଦେଇଛନ୍ତି । ଜୁଏଲ ଗଣମାଧ୍ୟମରେ କହିଛନ୍ତି ଯେ ରାଉରକେଲାରେ ଗତ କିଛି ଦିନ ହେବ ଟଙ୍କା ଖର୍ଚ୍ଚ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି । ଯେଉଁମାନେ ଏହା ପଛରେ ରହିଛନ୍ତି ସେମାନଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଓ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବା ଷଡ଼ଯନ୍ତ୍ରକାରୀଙ୍କ ଅବସ୍ଥା ଖରାପ କରିବେ ବୋଲି କହିଛନ୍ତି । ଜୁଏଲ କହିଛନ୍ତି ଯେ ସେ ରକ୍ତ ମାଂସ ଦେଇ ଦଳ ଗଢ଼ିଛନ୍ତି । ପାର୍ଟିକୁ ସେ ଚିହ୍ନିଛନ୍ତ ଏବଂ ପାର୍ଟି ତାଙ୍କୁ ଯାହା ଦେଇଛି ତାହା ଯଥେଷ୍ଟ ।



# ଦୟା ପଶ୍ଚିମ କେନାଲର ସଂସ୍କାର : କାହା ଫାଇଦା ପାଇଁ ?



ଭୁବନେଶ୍ୱର, ୨୮।୮(ସ୍ୱପ୍ର): ଗଣମାଧ୍ୟମରୁ ଜଣାଯାଏ ଯେ ଦୟା ପଶ୍ଚିମ କେନାଲର ସଂସ୍କାର କରାଯିବ ଏବଂ ଏକ ଅନୁସନ୍ଧାନରୁ ଜଣାଯାଏ ଏଥିପାଇଁ ପାଖାପାଖି ୪୫୦ କୋଟି ଟଙ୍କାର ନିବେଶ କରାଯାଉଛି। ଷାଠିଏ ଦଶକରେ ଦୟା ପଶ୍ଚିମ କେନାଲର ଯୋଜନା କରାଯାଇଥିଲା। ୧୯୬୯-୭୦ ମସିହା ଆଡ଼କୁ ଏହା କାର୍ଯ୍ୟକ୍ଷମ ହୋଇଥିଲା। ମୁଖ୍ୟତଃ ରେଳ ଲାଇନ୍‌ର ପୂର୍ବ ପଟେ ଥିବା ବାରଙ୍ଗରୁ ଦୟା ନଦୀ ମଧ୍ୟବର୍ତ୍ତୀ କୃଷି ଜମିକୁ ଜଳସେଚନ ଯୋଗାଇବା ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା। ଏହାଦ୍ୱାରା ପଡ଼ାସାହି, କଳାଝରୀ, ଗଣ୍ଡରପୁର, କଳାରାହଙ୍ଗ, ଇଞ୍ଜଣା ଆଦି ଗ୍ରାମଗୁଡ଼ିକ ଉପକୃତ ହୋଇଥିଲେ। କିନ୍ତୁ ଏହାର ନିର୍ମାଣରେ ଅନେକ ତ୍ରୁଟି ଥିଲା। ଫଳରେ କେନାଲରୁ ପାଣି ଲିକ୍ ହୋଇ କିଛି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଥିଲା। ଅଶୀ ଦଶକରେ ବିଡିଏ ଦ୍ୱାରା ଆଇଆଇଟି ଖଡ଼ଗପୁରକୁ ସିଡିପି (କମ୍ପ୍ରେହେନ୍‌ସିଭ ଡେଭେଲପମେଣ୍ଟ ପ୍ଲାନ) କାମ ଦିଆଯାଇଥିଲା ଏବଂ ସେହି ସିଡିପିରେ ଏହି ଅଞ୍ଚଳଗୁଡ଼ିକୁ ଆବାସିକ ଅଞ୍ଚଳ ଭାବେ ସାମିଲ କରାଯାଇଥିଲା। ଫଳରେ ଜମିର ଦର ହୁ ହୁ ହୋଇ ବଢ଼ିଗଲା ଏବଂ ଧୀରେ ଧୀରେ ସବୁ ଚାଷକାମ ବନ୍ଦ ହୋଇଗଲା। ଆଜି ଉପରୋକ୍ତ କୌଣସି ବି ଗ୍ରାମରେ କୌଣସି ପ୍ରକାରର କୃଷି କାର୍ଯ୍ୟ ହେଉନାହିଁ। ତେଣୁ ଏହି କେନାଲ ସଂସ୍କାରର ଉଦ୍ଦେଶ୍ୟ କ'ଣ? ଗ୍ରେଟର ଟ୍ୱିନ୍ ସିଟି (ବୃହତ୍ତର ଯୁଗ୍ମ ସହର) ଆଗାମୀ ଦିନରେ ବର୍ଜ୍ୟଜଳ ନିଷ୍କାସନ, ଏହାର ବିଶୋଧନ ଏବଂ ବର୍ଷା ଜଳ ନିଷ୍କାସନ କ୍ଷେତ୍ରରେ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି। ଏହି କେନାଲର ସ୍ଥାନରେ ହ୍ୟୁମ୍ ପାଇପ୍ ବିଛାଇ ବର୍ଜ୍ୟଜଳ ନିଷ୍କାସନ କାମରେ ବ୍ୟବହାର କରାଯାଇପାରିବ। ଏହାଛଡ଼ା କୌଣସି ଜମି ଅଧିଗ୍ରହଣ ନ କରି ଏହାର ଉପରିଭାଗକୁ ରାସ୍ତା (୪ ଲେନ୍ ବିଶିଷ୍ଟ) ରେ ପରିଣତ କରାଯାଇପାରିବ, ଯାହାକି ପୂର୍ବରୁ ଯୋଜନା କରାଯାଇଛି। ନଗର ଯୋଜନାକାରୀ (ଟାଉନ ପ୍ଲାନର) ମାନେ ଏହା ଉପରେ ବିଚାର କରିବାକୁ ସଚେତନ ନାଗରିକ ମହଲରୁ ମତ ପ୍ରକାଶ ପାଇଛି।

CMYK

ନବପ୍ରଭାତ



# ଶ୍ରୀକୃଷ୍ଣଙ୍କ ଉପାସିକା




ମହତ ଉଦ୍ଦେଶ୍ୟ ନେଇ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ଯଜ୍ଞ ଆୟୋଜନ କରୁଥିଲେ । ତେବେ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ହବନ ସାମଗ୍ରୀ ଦେବତାଙ୍କ ନିକଟରେ ପହଞ୍ଚିପାରୁନଥିଲା । ସମସ୍ତେ ଏ ସମ୍ପର୍କରେ ଅଭିଯୋଗ ନେଇ ସୃଷ୍ଟିକର୍ତ୍ତାଙ୍କ ନିକଟକୁ ଗଲେ । ବ୍ରହ୍ମା ସମସ୍ତଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପାଖକୁ ଗଲେ । ସମସ୍ୟା ଶୁଣିବା ପରେ ଭଗବାନ କୃଷ୍ଣ କହିଲେ- ତୁମେମାନେ ପ୍ରକୃତିକୁ ପୂଜା କର । ପୂଜା ହେବାରୁ ପ୍ରକୃତି ମାତାଙ୍କ କଳା ପ୍ରକଟ ହେଲେ ଏବଂ ସେ ସମସ୍ତଙ୍କୁ ବର ମାଗିବାକୁ କହିଲେ । ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ତାଙ୍କୁ ବର ମାଗିଲେ- ଆପଣ ଯଜ୍ଞରେ ହବନ ହେଉଥିବା ସାମଗ୍ରୀ ଗ୍ରହଣ କରନ୍ତୁ । ଦେବୀ ଏଥିପାଇଁ ରାଜି ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କ ଉପାସିକା ଥିଲେ । ପ୍ରକୃତିଙ୍କର ସେହି କଳା ରୂପୀ ଦେବୀଙ୍କୁ ଶ୍ରୀକୃଷ୍ଣ କହିଲେ- ଆଜିଠାରୁ ଆପଣ 'ସ୍ୱାହା' ନାମରେ ପ୍ରସିଦ୍ଧ ହେବେ । ଆପଣଙ୍କ ମାଧ୍ୟମରେ ଦେବତାମାନେ ଯଜ୍ଞରେ ଅର୍ପଣ କରାଯାଉଥିବା ସାମଗ୍ରୀ ଗ୍ରହଣ କରିବାରେ ସମର୍ଥ ହେବେ । ଏହାରି ମାଧ୍ୟମରେ ତୃପ୍ତ ହୋଇ ଦେବଗଣ ବରଦାନ କରିବେ ।



# ସେବକ ନୁହେଁ, ସଖା

ପଞ୍ଜାବର ନାମୀ ସମାଜ ସଂସ୍କାରକ ଭାବରେ ଖ୍ୟାତି ଥିଲା ରାୟ ବାହାଦୁର ଲାଲଚନ୍ଦଙ୍କର। ପରୋପକାର ଥିଲା ଜୀବନର ବ୍ରତ। ଦୁଃଖୀରଙ୍କୀ, ଅଭାବଗ୍ରସ୍ତ, ନିପୀଡ଼ିତ ଲୋକ, ଯିଏ ବି ତାଙ୍କର ସାହାଯ୍ୟ ପ୍ରାର୍ଥୀ ହେଉଥିଲେ ମୁକ୍ତହସ୍ତରେ ଦାନ କରୁଥିଲେ। ଏପରି କି ଅନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଧ୍ୟ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ ଦେଉଥିଲେ। ପଞ୍ଜାବର ଏକ କନ୍ୟା ଗୁରୁକୁଳକୁ ବିପୁଳ ଅର୍ଥରାଶି ଦାନ କରିଥିଲେ। ଗୁରୁକୁଳାଶ୍ରମ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ନିବେଦନ କରାଯାଇଥିଲା। ଏହା ପଢ଼ି ଲାଲଚନ୍ଦ ସହାୟତା ଦେଇଥିଲେ। ମୋଟା ଅଙ୍କର ଅର୍ଥ ଦେଇ ଥିବାରୁ କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ ତାଙ୍କର ଗୃହକୁ ଯିବାପାଇଁ ପ୍ରଧାନ ଆଚାର୍ଯ୍ୟ ଉଚିତ ମଣିଥିଲେ। ଲାଲଚନ୍ଦଙ୍କ ବାସଭବନରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଦ୍ୱାର ଖଟ୍‌ଖଟ୍ କରିଥିଲେ ମଧ୍ୟ କେହି ଦ୍ୱାର ଖୋଲି ନଥିଲେ। ଶେଷରେ ଆଉଜା ହୋଇଥିବା କବାଟ ଖୋଲି ଗୃହ ଭିତରକୁ ପ୍ରବେଶ କରିଥିଲେ। ଘର ଭିତରକୁ ପ୍ରବେଶ କଲା ପରେ ଯାହା ଦେଖିଲେ ସେଥିରେ ଚକିତ ହୋଇଯାଇଥିଲେ। ଦେଖିବାକୁ ପାଇଥିଲେ ବୟସର ଅପରାହ୍ଣରେ ପହଞ୍ଚିଥିବା, ପକ୍ୱକେଶ ବିଶିଷ୍ଟ ଜଣେ ବୃଦ୍ଧ ଅନ୍ୟ ଜଣେ ବୃଦ୍ଧଙ୍କର ପାଦ ଚିପୁଛନ୍ତି। ପାଦ ଚିପୁଥିବା ବ୍ୟକ୍ତିଙ୍କୁ ଲାଲଚନ୍ଦଙ୍କର କେଉଁଠି ଦେଖା ମିଳିବ ବୋଲି ପଚାରିଥିଲେ ପ୍ରଧାନ ଆଚାର୍ଯ୍ୟ। ଉତ୍ତର ମିଳିଥିଲା ମୁଁ ନିଜେ ଲାଲଚନ୍ଦ। ଏହା ଶୁଣି ପ୍ରଧାନ ଆଚାର୍ଯ୍ୟ ନିଜ ଆଖିକୁ ବିଶ୍ୱାସ କରିପାରି ନଥିଲେ। ଜୀବନର ଅପରାହ୍ଣରେ ପହଞ୍ଚିଥିବା, ସେବା ଚାହୁଁଥିବା ବ୍ୟକ୍ତିଜଣଙ୍କ ଅନ୍ୟ ଜଣେ ବୃଦ୍ଧଙ୍କର ସେବା କରିବା ଦେଖି ପ୍ରଧାନ ଆଚାର୍ଯ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଲାଲଚନ୍ଦଙ୍କୁ ପଚାରିଥିଲେ ଆପଣ ଯେଉଁ ବୃଦ୍ଧ ବ୍ୟକ୍ତିଙ୍କ ପାଦ ମଞ୍ଚାଳୁଛନ୍ତି ସେ ଜଣକ କିଏ ? ଲାଲଚନ୍ଦ ଦୀର୍ଘଶ୍ୱାସ ଛାଡ଼ି ଉତ୍ତର ଦେଇଥିଲେ- 'ସେ ମୋର ସଖା ବୋଲି ଭାବି ନିଅନ୍ତୁ। ପ୍ରକୃତରେ ସେ ମୋର ସେବକ। ବିଗତ ଚାଳିଶ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ମୋର ସେବା କରି ଆସିଛି। ମୋର ଭଲ ମନ୍ଦ, ହାନିଲାଭ ଦୀର୍ଘବର୍ଷ ଧରି ବୁଝି ଆସୁଥିବା ସେବକଟି ଆଜି ଅସୁସ୍ଥ ହୋଇ ପଡ଼ିଛି। ସେ ମୋର ସେବାକାରୀ ନୁହେଁ; ସହୃଦୟ ସଖା। ଏବେ ମୁଁ ତା'ର ସେବା କରିବା ପାଳି ପଡ଼ିଛି। ଏହାକୁ ମୁଁ କିପରି ବା ଏଡ଼ାଇ ଯିବି ?' ଏହା ଶୁଣିବା ପରେ ଖାଲି ବଦାନ୍ୟତା ନୁହେଁ; ଲାଲଚନ୍ଦଙ୍କ ମହତପଣିଆ ଦେଖି ତାଙ୍କ ନିକଟରେ ଶ୍ରଦ୍ଧାରେ ମଥାନତ ହୋଇଯାଇଥିଲା ପ୍ରଧାନ ଆଚାର୍ଯ୍ୟଙ୍କର।



# କେଉଁ ପରିସ୍ଥିତିରେ ଶେଷକୃତ୍ୟ ତୁରନ୍ତ କରାଯାଏ ନାହିଁ

ଗରୁଡ଼ ପୁରାଣ ଅନୁସାରେ, ଏହି ସଂସାରରେ ଯିଏ ବି ଜନ୍ମ ନିଏ, ତାହାର ଅନ୍ତ ନିଶ୍ଚିତ। ମଣିଷ, ଦେବତା, ପଶୁ କିମ୍ବା ପକ୍ଷୀ, କେହି ମୃତ୍ୟୁରୁ ରକ୍ଷା ପାଇପାରିବେ ନାହିଁ। ଗ୍ରହ, ନକ୍ଷତ୍ର ଏବଂ ସୂର୍ଯ୍ୟଙ୍କର ମଧ୍ୟ ଏକ ସ୍ଥିର ଜୀବନକାଳ ଅଛି। ଏହାକୁ ଜନ୍ମ ଏବଂ ମୃତ୍ୟୁ ଚକ୍ର ଭାବରେ ଜଣାଶୁଣା। ଏହି ଚକ୍ରରେ, ଜଣେ ବ୍ୟକ୍ତି ତାଙ୍କ କର୍ମ ଏବଂ ମାନସିକ ଅବସ୍ଥା ଆଧାରରେ ବିଭିନ୍ନ ପ୍ରଜାତିରେ ପୁନର୍ଜନ୍ମ ପାଆନ୍ତି। ଆତ୍ମା ମୋକ୍ଷ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଏହି ଚକ୍ର ଜାରି ରହେ। ଗରୁଡ଼ ପୁରାଣମୃତ୍ୟୁ ପରବର୍ତ୍ତୀ ପ୍ରକ୍ରିୟା ସମ୍ପର୍କରେ ଅନେକ ନିୟମ ବର୍ଣ୍ଣନା କରେ। ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ମୃତ୍ୟୁ ପରେ କାହିଁକି ଏକ ମୃତ ଶରୀରକୁ ଏକାକୀ ଛଡା ଯାଏ ନାହିଁ, ଏବଂ କେଉଁ ପରିସ୍ଥିତିରେ ଶେଷକୃତ୍ୟ ତୁରନ୍ତ କରାଯାଏ ନାହିଁ।



## ମୃତଦେହକୁ ଏକା ନ ଛାଡ଼ିବା ପଛରେ ୩ଟି ମୁଖ୍ୟ କାରଣ

**୧. ସୁରକ୍ଷା କାରଣ:**
ଗରୁଡ଼ ପୁରାଣ ଅନୁସାରେ, ଯଦି କୌଣସି ଶବକୁ ଅବ୍ୟବସ୍ଥିତ ଭାବରେ ଛାଡି ଦିଆଯାଏ, ତେବେ କୀଟପତଙ୍ଗ, ପିମ୍ପୁଡ଼ି କିମ୍ବା ଅନ୍ୟାନ୍ୟ ପ୍ରାଣୀ ଏହାକୁ କ୍ଷତି ପହଞ୍ଚାଇପାରନ୍ତି। ତେଣୁ, କେହି ଜଣେ ପାଖରେ ବସି ଏହାର ଯତ୍ନ ନିଅନ୍ତି।

**୨. ନକାରାତ୍ମକ ଶକ୍ତିରୁ ସୁରକ୍ଷା:**
ଧାର୍ମିକ ବିଶ୍ୱାସ ଅନୁସାରେ, ରାତିରେ ମୃତଦେହକୁ ଏକା ଛାଡିବା ଦ୍ୱାରା ନକାରାତ୍ମକ ଶକ୍ତି ପ୍ରଭାବିତ ହୋଇପାରେ। ଏହା ପରିବାର ପାଇଁ ମାନସିକ ଏବଂ ଭାବନାତ୍ମକ ସଙ୍କଟ ହୋଇପାରେ।

**୩. ଆତ୍ମାର ସଂଯୋଗ:**
ଗରୁଡ଼ ପୁରାଣରେ କୁହାଯାଇଛି ଯେ ଯେପର୍ଯ୍ୟନ୍ତ ଶରୀରକୁ ଦାହ କରାଯାଇ ନାହିଁ। ସେପର୍ଯ୍ୟନ୍ତ ଆତ୍ମା କୌଣସି ପ୍ରକାରେ ଶରୀର ଏବଂ ତା'ର ପରିବାର ସହିତ ସଂଯୁକ୍ତ ରହିଥାଏ। ତେଣୁ, ଶରୀରକୁ ଏକା ଛାଡିବା ଦ୍ୱାରା ଆତ୍ମାକୁ କଷ୍ଟ ଦେଇପାରେ।

## *ଏହି ୩ ଟି କାରଣ ଯୋଗୁଁ ଶବଦାହକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଏ*

**୧. ସୂର୍ଯ୍ୟାସ୍ତ ପରେ ମୃତ୍ୟୁହେଲେ:**
ହିନ୍ଦୁ ବିଶ୍ୱାସ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସୂର୍ଯ୍ୟାସ୍ତ ପରେ ମୃତ୍ୟୁବରଣ କରନ୍ତି, ତେବେ ସେହି ସମୟରେ ଶବଦାହ କରାଯାଏ ନାହିଁ। ଏପରି ପରିସ୍ଥିତିରେ, ଶରୀରକୁ ରାତିସାରା ଘରେ ରଖାଯାଏ ଏବଂ ପରଦିନ ସକାଳେ ଶେଷକୃତ୍ୟ କରାଯାଏ। ଧାର୍ମିକ ଗ୍ରନ୍ଥଗୁଡ଼ିକ ବିଶ୍ୱାସ କରନ୍ତି ଯେ ରାତିରେ ଶବଦାହ କରିବା ଦ୍ୱାରା ଆତ୍ମାକୁ ଶାନ୍ତି ମିଳେ ନାହିଁ ଏବଂ ଏହାର ପ୍ରଗତିରେ ବାଧା ସୃଷ୍ଟି ହୋଇପାରେ।

**୨. ପଞ୍ଚକକାଳରେ ମୃତ୍ୟୁ ହେଲେ**
ଗରୁଡ଼ ପୁରାଣ ଅନୁସାରେ, ଯଦି ପଞ୍ଚକ କାଳରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, ତେବେ ପଞ୍ଚକ ଶେଷ ନହେବା ପର୍ଯ୍ୟନ୍ତ ଶବଦାହ କରାଯାଏ ନାହିଁ। ଏହି ସମୟରେ, ଶରୀରକୁ ଘରେ ରଖାଯାଏ । ଏହା ବିଶ୍ୱାସ କରାଯାଏ ଯେ ପଞ୍ଚକ ସମୟରେ ମୃତ୍ୟୁ ଏକ ବିଶେଷ ନକାରାତ୍ମକ ପ୍ରଭାବ ଆଣିଥାଏ। ଏହି ନକାରାତ୍ମକ ପ୍ରଭାବକୁ ଏଡାଇବା ପାଇଁ, ନକାରାତ୍ମକ ପ୍ରଭାବକୁ ନିରପେକ୍ଷ କରିବା ପାଇଁ କିଛି ଧାର୍ମିକ ପଦକ୍ଷେପ ନିଆଯାଇଥାଏ।

**୩. ପୁଅ କିମ୍ବା ଝିଅ ବାହାରେ ଥିବା କ୍ଷେତ୍ରରେ**
ଯଦି ମୃତକଙ୍କ ପୁଅ କିମ୍ବା ଝିଅ ସେହି ସମୟରେ ଉପସ୍ଥିତ ନ ଥାନ୍ତି, ତେବେ ସେମାନଙ୍କ ଆସିବା ପର୍ଯ୍ୟନ୍ତ ଶବଦାହକୁ ସ୍ଥଗିତ ରଖାଯାଏ। ଏହା ବିଶ୍ୱାସ କରାଯାଏ ଯେ ପିଲା ଦ୍ୱାରା କରାଯାଇଥିବା ଶବଦାହ ଆତ୍ମାକୁ ଶାନ୍ତି ଦିଏ। ତେଣୁ, ଶବକୁ ସେତେବେଳ ପର୍ଯ୍ୟନ୍ତ ଘରେ ରଖାଯାଏ। ସେହି ସମୟରେ କେହି ଜଣେ ଉପସ୍ଥିତ ଥାଆନ୍ତି।

# ପୂର୍ବ କର୍ମର ପ୍ରାୟଶ୍ଚିତ ନିମନ୍ତେ ହିମାଦ୍ରୀ ସଙ୍କଳ୍ପ

## 'କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ କେ କରି ପାରଇ ଆନ'



ଏହାକୁ ଅନୁଭବ କରି ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ପୁରୁଣା ଭୁବନେଶ୍ୱର କେଦାର ଗୌରୀ ନିକଟ ପବିତ୍ର ମୁକ୍ତେଶ୍ୱର ପୀଠରେ ସମାଜ ସେବକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁକ୍ତେଶ୍ୱର ମନ୍ଦିର ସଫେଇ କରାଯାଇଥିଲା। ପରେ ନଅ ନମ୍ବର ଗାୟତ୍ରୀ ଶକ୍ତି ପୀଠର ଶ୍ରଦ୍ଧାଳୁମାନେ ପାରମ୍ପରିକ ରୀତିନୀତିରେ ପୂର୍ବ କର୍ମର ପ୍ରାୟଶ୍ଚିତ କରିବା ସହ ଆଗାମୀ ଜୀବନରେ ସଦଗତି ନିମନ୍ତେ ମୁକ୍ତେଶ୍ୱର ମନ୍ଦିରର ହଳଦୀ କୁଣ୍ଡରେ ଦଶ ପ୍ରକାର ସ୍ନାନ କରି ହିମାଦ୍ରୀ ସଙ୍କଳ୍ପ କରିଥିଲେ। ଶକ୍ତି ପୀଠର ପରିବ୍ରାଜକ ପ୍ରମୋଦ କୁମାରଙ୍କର ମନ୍ତ୍ର ଉଚ୍ଚାରଣ ସହ ଭସ୍ମ,ଗୋବର,ଗୋମୁତ୍ର,ମାଟି,ଖିର, ଘିଅ,ଦହି ,ମହୁ,ହଳଦୀ , କୁଶ ଓ ଗଙ୍ଗା ଜଳ ଇତ୍ୟାଦି ଲଗାଇ ଦଶ ଥର ସ୍ନାନ କରିଥିଲେ। ପରେ ସାମୂହିକ ପଇତା ପିନ୍ଧି ପିତୃପୁରୁଷଙ୍କୁ ଜଳ ତର୍ପଣ କରିଥିଲେ। ଏହାପରେ ସମସ୍ତେ ନ ନମ୍ବର ଗାୟତ୍ରୀ ଶକ୍ତିପୀଠ ଯାଇ ସାମୂହିକ ଯଜ୍ଞରେ ଭାଗ ନେଇଥିଲେ। ଗାୟତ୍ରୀର ସାଧକମାନେ ପ୍ରତିବର୍ଷ ବିଭିନ୍ନ ଜଳାଶୟରେ ହିମାଦ୍ରୀ ସଙ୍କଳ୍ପ କରିଥାଆନ୍ତି। ଭିନ୍ନ ଭିନ୍ନ ଔଷଧୀୟ ବୃକ୍ଷ ଲଗାଇ ଥାଆନ୍ତି। ପରିଶେଷରେ ସମସ୍ତେ ପ୍ରସାଦ ସେବନ କରିଥାଆନ୍ତି।ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ର ଶେଖର ବେହେରା, ସରୋଜିନୀ ଦାସ, ନିରୂପମା ଦାସ,ଗୀତା ବେହେରା, ସ୍ନେହ ମହାପାତ୍ର, ବର୍ଣ୍ଣମାଳା ପାତ୍ର, ସୁବୋଧ ମହାପାତ୍ର, ବଳରାମ ସାମନ୍ତରାୟ, ଅର୍ଜୁନ ମଙ୍ଗରାଜ, ବସନ୍ତ ପ୍ରଧାନ,ସୈାରଭ ଜେନା,ପଞ୍ଚାନନ କର, ଅଙ୍ଗୁର ବାନା ରଥ, ରଜନୀରାଣୀ ହଂସରାଜ,ଧୀରା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ନିଷ୍କାମ ଭକ୍ତ-ଭକ୍ତି-ଭଗବାନ



*ଦିନେ ବନବାସୀ ଋଷିଙ୍କୁ କହିଥିଲେ- 'ମୁଁ ଶୁଣିବାକୁ ପାଉଛି ଭଗବାନ ଶ୍ରୀକୃଷ୍ଣ ଏହି ଜଙ୍ଗଲକୁ ଆସୁଛନ୍ତି । ଯଦି ସେ ସାକ୍ଷାତ କରିବାକୁ ଆପଣଙ୍କ ଦ୍ୱାରକୁ ଆସନ୍ତି, ତେବେ ତାଙ୍କୁ ମୋର କୁଟୀରକୁ ଯିବା ପାଇଁ କହିବେ ।'*

ଘୋର ଜଙ୍ଗଲ ମଧ୍ୟରେ ତପସ୍ୟା କରୁଥିବା ଋଷି ଶାକଲ୍ୟ ଅଧିକାଂଶ ସମୟ ସମାଧିସ୍ଥ ଅବସ୍ଥାରେ ରହୁଥିଲେ। ଜଣେ ବନବାସୀ ତାଙ୍କ ସମ୍ମୁଖରେ ପ୍ରତ୍ୟହ କିଛି ସମିଧ, ଜଙ୍ଗଲୀ ଫଳମୂଳ, ଫୁଲ ଆଦି ସଂଗ୍ରହ କରି ରଖିଦେଇ ଯାଉଥାନ୍ତି ପ୍ରତ୍ୟୁଷରୁ। ଋଷି ପୂଜାର୍ଚ୍ଚନା,ଖାଦ୍ୟ ସଂଗ୍ରହରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ- ଏହା ଦୃଷ୍ଟିରେ ରଖି ବନବାସୀ ସେବାଭାବାପନ୍ନ ହୋଇ ଏହା କରୁଥିଲେ। ଋଷି ଅନୁମାନ କରିନେଲେ କେହି ଜଣେ ସଦୟ ହୋଇ ତାଙ୍କର ସେବା କରୁଛନ୍ତି। ଦିନେ ବିବିଧ ସାମଗ୍ରୀ ରଖି ବନବାସୀ ନୀରବରେ ଚାଲିଯାଉଥିଲାବେଳେ ଋଷିଙ୍କ ନଜରରେ ପଡ଼ିଥିଲେ। ପାଖକୁ ଡାକି କହିଥିଲେ- 'ବତ୍ସ ! ମୁଁ ତୁମର ସେବାରେ ପ୍ରୀତ। ଯଦି କିଛି ଇଚ୍ଛା ଅଛି ପ୍ରାର୍ଥନା କରିପାର। ମୁଁ ତାହା ପୂରଣ କରିବି।' ବନବାସୀ ନମ୍ର ଭାବରେ କହିଥିଲେ- 'ଭଗବନ୍ ! ମୋର ଏକମାତ୍ର ଇଚ୍ଛା ହେଲା ସମଗ୍ର ସଂସାରର ପାଳନକର୍ତ୍ତା ହୋଇଥିବାରୁ ଈଶ୍ୱର ଥକି ପଡ଼ିବେଣି। କେତେ ଦାୟିତ୍ୱ ମୁଣ୍ଡେଇଛନ୍ତି। ଯଦି ସେ ସର୍ବଦା ପ୍ରସନ୍ନ ରହନ୍ତେ, ତେବେ ଥକି ପଡ଼ିବେ ନାହିଁ କି କ୍ଲାନ୍ତିବୋଧ କରିବେନି। ମୁଁ ଚାହୁଁଛି ସେ ସର୍ବଦା ପ୍ରସନ୍ନ ରୁହନ୍ତୁ, ଏହା ମୋ ପକ୍ଷରୁ ତାଙ୍କୁ କହିବେ।' ଗୋଟିଏ ବନବାସୀର ଏଭଳି ଅଦ୍ଭୁତ ଭକ୍ତିଭାବ ଦେଖି ଋଷି ଅବାକ୍ ହୋଇଯାଇଥିଲେ। ଆଶ୍ୱାସନା ଦେଇ କହିଥିଲେ ମୁଁ ତୁମ ମନକଥା ପ୍ରଭୁଙ୍କୁ କହିବି। ଦିନେ ବନବାସୀ ଋଷିଙ୍କୁ କହିଥିଲେ- 'ମୁଁ ଶୁଣିବାକୁ ପାଉଛି ଭଗବାନ ଶ୍ରୀକୃଷ୍ଣ ଏହି ଜଙ୍ଗଲକୁ ଆସୁଛନ୍ତି। ଯଦି ସେ ସାକ୍ଷାତ କରିବାକୁ ଆପଣଙ୍କ ଦ୍ୱାରକୁ ଆସନ୍ତି, ତେବେ ତାଙ୍କୁ ମୋର କୁଟୀରକୁ ଯିବା ପାଇଁ କହିବେ।' ସ୍ଥୁଳବୁଦ୍ଧିରେ ନିରୀହ ବନବାସୀ ଏ କଥା ଋଷିଙ୍କୁ କହିଦେଲା ସିନା, ପରମୁହୂର୍ତ୍ତରେ ମନକୁ ଆସିଲା ଭଗବାନ ମୋର କୁଟୀରକୁ କାହିଁକି ଆସିବେ, ତାଙ୍କର ବା ମୋଠାରେ କ'ଣ କାମ? ସେ ତ ଦୁନିଆଯାକର ଜଞ୍ଜାଳ ମୁଣ୍ଡାଇଛନ୍ତି, ତାଙ୍କୁ କୋଉଠୁ ତର ହେବ ଯେ ଆସିବେ। ହେଲେ ବନବାସୀର ଆଶ୍ଚର୍ଯ୍ୟର ସୀମା ନଥିଲା ଯେତେବେଳେ ସେ ଦେଖିଲା ପରବର୍ତ୍ତୀ ଦିନ ଭଗବାନ ସ୍ୱୟଂ ତା'ର କୁଟୀରର ଦ୍ୱାର ଦେଶରେ ଉଭା ହୋଇ ମୃଦୁମନ୍ଦ ହସୁଛନ୍ତି। ଭାବବିଭୋର ହୋଇ ବନବାସୀ ତାଙ୍କର ଦୁଇ ପାଦକୁ ଧରି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲା। ଭଗବାନ ବନବାସୀ ଉଦ୍ଦେଶ୍ୟରେ କହିଥିଲେ- 'ଋଷି ଶାକଲ୍ୟ ମୋତେ କହିଲେ ଯେ ମୋର କଷ୍ଟ ଅନୁଭବ କରି ତୁମେ ବହୁତ ଚିନ୍ତିତ। ଏହି କାରଣରୁ ତୁମର ସାନ୍ନିଧ୍ୟ ପାଇବା ନିମନ୍ତେ ମୁଁ ତୁମ ନିକଟକୁ ଆସିଛି। ତୁମର ଧାରଣା ଭୁଲ। ପ୍ରକୃତରେ ମୁଁ ସଂସାରର ପାଳନକର୍ତ୍ତା ଭାବରେ ମୋ ଦାୟିତ୍ୱ ନିର୍ବାହ କରୁଛି ମାତ୍ର।' ପ୍ରକୃତପକ୍ଷେ ଯିଏ ବନବାସୀ ସଦୃଶ ଭଗବାନଙ୍କ ଧ୍ୟାନ ନିଷ୍କାମ ଭାବରେ କରିଥାଆନ୍ତି ଭଗବାନ ପ୍ରତି କ୍ଷେତ୍ରରେ ତାଙ୍କର ସହଯୋଗୀ ହୋଇଯାଇଥାନ୍ତି, ତାଙ୍କ ପ୍ରତି ନିଘା ରଖିଥାନ୍ତି।



# ଚିନି ଦର ବୃଦ୍ଧି ପରେ ମହଙ୍ଗା ହେଲା ମିଠା ଦର, ଗ୍ରାହକଙ୍କ ଅସନ୍ତୋଷ

କଣ୍ଟିଲୋ (ନିପ୍ର): ରକ୍ଷା ବନ୍ଧନ ଉତ୍ସବ ଶେଷ ପରେ ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବେଳକୁ ବେଳ ମିଠାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ତେବେ ଇତି ମଧ୍ୟରେ ଚିନି ଦର ଅହେତୁକ ବୃଦ୍ଧିକୁ ନେଇ ଖଣ୍ଡପଡ଼ା, ଖଳିସାହି, କଣ୍ଟିଲୋ, ବାହାଡା ସମେତ ଆଖପାଖ ଅଞ୍ଚଳରେ ଥିବା ମିଷ୍ଟାନ୍ନ ଭଣ୍ଡାର ଗୁଡ଼ିକରେ ବିଭିନ୍ନ ମିଠାର ଦର ଆଶାତୀତ ଭାବେ ବୃଦ୍ଧି ପାଇଥିବା ଜଣାପଡିଛି। ପାର୍ବଣ ଋତୁରେ ମିଠା ଦର ବୃଦ୍ଧିକୁ ନେଇ ଗ୍ରାହକମାନେ ତୀବ୍ର ଅସନ୍ତୋଷ କରିଛନ୍ତି। ଗ୍ରାହକଙ୍କ ପସନ୍ଦ ରସଗୋଲା ଠାରୁ ଆରମ୍ଭ କରି ଛେନାପୋଡ, ଜିଲାପି, ରସାବଳି, ଲଡୁ, ଛେନାଗଜା, ଛେନା ଝିଲ୍ଲି ଆଦି ବିଭିନ୍ନ କିସମ ମିଠାର ଦର ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଜନସାଧାରଣଙ୍କ ନିମନ୍ତେ ମୁଣ୍ଡବଥାର କାରଣ ପାଲଟିଛି। ରାକ୍ଷୀ ପୂର୍ଣ୍ଣିମାରେ ମିଠାର ବିଶେଷ ଚାହିଦା ଥିବା ବେଳେ ସମସ୍ତ ମିଠାର ଦର ବୃଦ୍ଧିକୁ ନେଇ ଗ୍ରାହକମାନେ ଏବେ ଚିନ୍ତାରେ ପଡିଯାଇଥିବା ଜଣାପଡିଛି। ଚିନି କେଜି ପ୍ରତି ଏବେ ୭୫ ଟଙ୍କା ହୋଇଥିବା ବେଳେ ମିଠା ଦର କେଜି ପ୍ରତି ୧୦୦ ଟଙ୍କା ବୃଦ୍ଧି ପାଇ ଛେନାପୋଡ କେଜି ପ୍ରତି ୩୫୦ ରୁ ୪୦୦ ଟଙ୍କାରେ ବିକ୍ରୀ ହେଉଥିବା ଜଣାପଡିଛି। ଚିନି ଦର କେଜି ପ୍ରତି ୩୦ ରୁ ୩୨ ଟଙ୍କା ବୃଦ୍ଧି ପାଇଥିବା



ବେଳେ କେତେକ ମୁନାଫାଖୋର ମିଠା ବ୍ୟବସାୟୀଙ୍କ ଯୋଗୁଁ ମିଠା ଦର ବେଲଗାମ ହୋଇଥିବା ଅଭିଯୋଗ ହେଉଛି।ତେବେ ଚିନି ଦର ଓ ମିଠା ଦର ନିୟନ୍ତ୍ରଣ ଦିଗରେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ



ଭାପୁର (ନିପ୍ର)ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ଗ୍ରାମର ବଡ଼ ତଳସାହିରେ ବିପଦ ସଙ୍କୁଳ ଅବସ୍ଥାରେ ଝୁଲୁଛି ବିଦ୍ୟୁତ ଖୁଣ୍ଟ । ଏହି ସାହିର ବାସିନ୍ଦାମାନେ ବ୍ୟସ୍ତବହୁଳ ସଦାସର୍ବଦା ରହୁଥିବାବେଳେ ଏହାର ତୁରନ୍ତ ସ୍ଥାୟୀ ପ୍ରତିକାର ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ଲୁହା ବିଦ୍ୟୁତ ଖୁଣ୍ଟର ଭୂମି ନିକଟରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ କେତେବେଳେ ଖସିପଡି ଜୀବନ ହାନି ସହିତ ଘର କ୍ଷତିଗ୍ରସ୍ତ ହେବ କହିହେବ ନାହିଁ। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅଭିଯୋଗ କରିଲେ ମଧ୍ୟ ଖୁଣ୍ଟ ପରିବର୍ତ୍ତନ ପାଇଁ କୌଣସି ତତ୍ପରତା ପ୍ରକାଶ କରୁ ନ ଥିବାରୁ ଅଘଟଣ ଘଟିଲେ ବିଦ୍ୟୁତ ଟିପିସିଓଡିଏଲ ସେଥିପାଇଁ ଦାୟୀ ରହିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କୁ ଲକ୍ଷେ ବେଲପତ୍ର ଅର୍ପଣ



କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ସହରର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ନିକଟରେ ଲକ୍ଷେ ବେଲପତ୍ର ଲାଗି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବ ଗୁରୁବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ସହରର ବରିଷ୍ଠ ବ୍ରାହ୍ମଣ ସମାଜ ପକ୍ଷରୁ ଗତ ୭ ଦିନ ଧରି ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବରେ ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ବ୍ରାହ୍ମଣ ସମାଜର ମୁଖ୍ୟ ପୁରୋଧା ଭାବେ ପଣ୍ଡିତ ବାସୁଦେବ ମିଶ୍ର ସୁଚାରୁ ରୁପେ ଦାୟିତ୍ୱ ତୁଲାଇ ଥିବା ବେଳେ ଶିବ ପ୍ରସାଦ ଷଡଙ୍ଗୀ,ଦୁର୍ଗା ମାଧବ ଦାଶ,ପ୍ରମୋଦ ରଥ,ନୃସିଂହ ଚରଣ ରଥ,ପ୍ରଫୁଲ୍ଲ ପରୀକ୍ଷାଙ୍କ ସମେତ ମନ୍ଦିରର ପୂଜକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।ଗତ ୭ ଦିନ ମଧ୍ୟରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ବେଲପତ୍ର ଅର୍ପଣ କରାଯାଇଥିବା ଜଣାପଡିଛି।ଅନ୍ତିମ ଦିବସରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ରକ୍ଷାବନ୍ଧନ ଓ଼ ଗହ୍ମାଡିଆଁ ପାଇଁ ଉତ୍ସବମୁଖର ଭାପୁର

ଭାପୁର(ନିପ୍ର): ପବିତ୍ର ରକ୍ଷାବନ୍ଧନ ଉତ୍ସବକୁ ନେଇ ଭାପୁର ବ୍ଲକର ୨୦ ଗୋଟି ପଞ୍ଚାୟତବାସୀଙ୍କ ମଧ୍ୟରେ ଉତ୍ସବ ମୁଖର ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଦୁଇ ଦିନ ଏହି ପର୍ବ ପଡିଥିବାରୁ ଗହ୍ମା ପୂର୍ଣ୍ଣମୀ ଓ଼ ରକ୍ଷା ବନ୍ଧନ ଭାପୁର ବ୍ଲକରେ ଦୁଇ ଦିନ ଧରି ପାଳିତ ହୋଇଥିଲା। ଘରର ପ୍ରତିଟି ଝିଅ ସେମାନଙ୍କ ଭାଇ ହାତରେ ରକ୍ଷାକବଚ ହିସାବରେ ରାକ୍ଷୀ ବାନ୍ଧି ଦୀର୍ଘ ଜୀବନ କାମନା କରିଥିଲେ। ଅତୀତରେ,ଏହି ପର୍ବ ବଡ଼ ଧୁମଧାମରେ ପାଳନ ହେଉଥିବାବେଳେ ବର୍ତ୍ତମାନ ସ୍ୱାର୍ଥ କୈନ୍ଦ୍ରିକ ହୋଇଗଲାଣି। ଭଉଣୀର ଭାଇ ପ୍ରତି ଆଉ ଆଗଭଳି ସ୍ନେହ ନାହିଁ ଯାହା ଲୋକ ଦେଖାଣିଆ ଭାବରେ ଏହି ରକ୍ଷା ବନ୍ଧନ ଉତ୍ସବ ପାଳିତ ହେଉଛି। ଶିକ୍ଷାନୁଷ୍ଠାନରେ ଏହି ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି।

## ଗଙ୍ଗାଧର ମେହେର ଜୟନ୍ତୀ ପାଳନ

ସୋନପୁର (ନିପ୍ର) : ସପ୍ତଦୀପା ସାହିତ୍ୟ ସଂସଦ ଓ ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁରର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଗଠନର ସଭାପତି ଦୟାନିଧି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ହରିହର ସିଂହ ବାବୁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ଯୋଗଦାନ କରି ମେହେର ସାହିତ୍ୟକୁ କାଳଜୟୀ କୃତି ବୋଲି ବର୍ଣ୍ଣନା କରିଥିଲେ। ପୂର୍ବତନ ସଭାପତି ଡ଼ ପ୍ରଫୁଲ୍ଲ ରଥ ସ୍ୱାଗତ କରିଥିବାବେଳେ ସପ୍ତଦୀପା ସାହିତ୍ୟ ସଂସଦର ସଭାପତି ଡ ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା ସହିତ ମେହେର ସାହିତ୍ୟ ରେ ସାମାଜିକ ପ୍ରତିଛବି ଉପରେ ଆଲୋକପାତ କରିଥିଲେ।

## ମା' ଚର୍ଚ୍ଚିକାଙ୍କ ପୀଠରେ ରଥ ରହଣିସ୍ଥଳୀ ଗୃହ ନିର୍ମାଣର ଶୁଭାରମ୍ଭ

ବାଙ୍କୀ,(ନିପ୍ର): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ପୀଠରେ ସ୍ଥାପିତ ଜଗନ୍ନାଥଙ୍କ ରଥ ରହଣିସ୍ଥଳୀ ଗୃହ ନିର୍ମାଣର ଶୁଭ ପ୍ରଦାନ କାର୍ଯ୍ୟ ଆଜି ଅନୁଷ୍ଠିତ ହୋଇଯାଇଛି। ରଥ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଗୋଳ କିଶୋର ଭୂତ ପୁରୋଧା ଭାବେ ଯୋଗଦେଇ ଶୁଭ ପ୍ରଦାନ କରିଥିଲେ। ରଥଯାତ୍ରା ପରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କ ତିନି ରଥକୁ ସୁରକ୍ଷିତ ଭାବେ ରଖିବା ପାଇଁ ଏହି ଗୃହ ନିର୍ମାଣ କରାଯିବ। କାର୍ଯ୍ୟକ୍ରମରେ ରଥ କମିଟିର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଣାଙ୍କ ସମେତ ବିବେକାନନ୍ଦ ସାମଲ, ମୁରଲୀ ମୋହନ ମହାପାତ୍ର, ବିଜୟ କୁମାର ଦାସ, ଭାଗୀରଥି ବିଶ୍ୱାଳ, ପଠାଣୀ ବେହେରା, ଗୋଖା ବେହେରା, ପ୍ରଶାନ୍ତ କୁମାର ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ବଳଭଦ୍ର ପଣ୍ଡା, ମନ୍ମଥ ମିଶ୍ର, ପ୍ରଦୀପ କୁମାର ପୃଷ୍ଟି ଓ କହ୍ନେଇ ବିଶ୍ୱାଳଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସାଇବର ସଚେତନତା ଓ ନିଶାମୁକ୍ତ ଭାରତ ଅଭିଯାନ




ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳି ପୁଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ହିଞ୍ଜିଳିକାଟୁ ବ୍ଲକ୍ ସମରଝୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡଖଣ୍ଡି ସତ୍ୟଭାମା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଗୋପିନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା ଓ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଡଖଣ୍ଡି ସମିତି ସଭ୍ୟା କେ. ନର୍ମଦା,ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଜୟ କୁମାର ବେବର୍ତ୍ତା, ପ୍ରଧାନ ଶିକ୍ଷକ ଜଗନ୍ନାଥ ଗୌଡ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ଖିଲେ, ସାମ୍ବାଦିକ ଶେଷଦେବ ସାହୁ, ଏସଆଇ ରଶ୍ମିରଞ୍ଜନ ସାମଲ, ଏଏସଆଇ ମନୋଜ ସେନାପତି ପ୍ରମୁଖ ମଞ୍ଚାସିନ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସାଇବର ଅପରାଧ ବ୍ଲାକମେଲିଙ୍ଗର ଏକ ମାଧ୍ୟମ ପାଲଟିଥିବା ବେଳେ ଏହାକୁ ପ୍ରତିହତ କରିବାର ସତର୍କ ଓ ସଚେତନତାର ଆବଶ୍ୟକତା ରହିଥିବା ବେଳେ ଅଜଣା ଓଟିପି ନମ୍ବର ସେୟାର ନକରିବା, ସାମାଜିକ ଗଣମାଧ୍ୟମରେ ଅପରିଚିତ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ ନକରିବାକୁ ପରାମର୍ଶ ଦେଇଥିଲେ। ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଅବଲମ୍ବନ କରି ଠକେଇ କରୁଥିବା ନଜିର ରହିଛି। ସାଇବର ଅପରାଧରୁ ଦୁରେଇ ରହିବା ପାଇଁ ଓ ଆଜିର ସମାଜରେ ଯୁବଗୋଷ୍ଠୀ ନିଶାଦ୍ରବ୍ୟ ସେବନର ଭୟାବହତା ଓ କୁପରିଣାମ ସମ୍ପର୍କରେ ସଚେତନ ରହିଥିଲେ ମଧ୍ୟ ବିଭିନ୍ନ କାରଣରୁ ନିଶା ସେବନ କରି ନିଜର ଏବଂ ସମାଜର କ୍ଷତସାଧନ କରିବାପରେ ଲାଗିଛନ୍ତି।

## ସଂସ୍କୃତ ସପ୍ତାହ ଓ କବି ଗଙ୍ଗାଧରଙ୍କ ଜୟନ୍ତୀ




ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ସଂସ୍କୃତ ସପ୍ତାହ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଅତିଥି ଭାବେ ଯୋଗଦେଇ ସମକାଳୀନ ଓଡ଼ିଆ କାବ୍ୟଧାରା ଓ କବି ଗଙ୍ଗାଧରଙ୍କ କବିତାର ସ୍ୱରୂପ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ବକ୍ତା ଭାବେ ଯୋଗ ଦେଇ ସଂସ୍କୃତ ମହାକାବ୍ୟ, ସଂସ୍କୃତ ମହାପୁରାଣରୁ ଉତ୍ସ ସଂଗ୍ରହ କରି କବି ଗଙ୍ଗାଧର କିଭଳି ଆଦର୍ଶ କାବ୍ୟ ରଚନା କରିଥିଲେ, ତାହାର ଅବତାରଣା କରିଥିଲେ । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଆଭାସି ମାଧ୍ୟମରେ ଯୋଗଦେଇ ସଂସ୍କୃତ ସପ୍ତାହ ପାଳନର ଉଦ୍ଦେଶ୍ୟ ସଂପର୍କରେ ଉଲ୍ଲେଖ କରିବା ସହ କବି ଗଙ୍ଗାଧରଙ୍କ କାବ୍ୟ ସାଧନା ପ୍ରଚ୍ଛଦରେ ସଂସ୍କୃତ କାବ୍ୟର ଭୂମିକା ସଂପର୍କରେ ମତ ରଖିଥିଲେ । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ବାଗ୍ମୀ ଡା. କୃଷ୍ଣ କେଶବ ଷଡଙ୍ଗୀ ଆଭାସି ମାଧ୍ୟମରେ ଯୋଗଦେଇ କବି ଗଙ୍ଗାଧରଙ୍କ ପାଣ୍ଡିତ୍ୟ ଓ କବିତ୍ୱ ସଂପର୍କରେ ମତ ରଖିବା ସହ ସଂସ୍କୃତ ଭାଷାର ଗୌରବମୟ ଧାରା ସଂପର୍କରେ ଉଲ୍ଲେଖ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ । ଓଡ଼ିଆ ବିଭାଗର ଛାତ୍ରୀ ଦୀପ୍ତିମୟୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅନ୍ତେବାସୀଙ୍କ ସହ ରକ୍ଷାବନ୍ଧନ ପାଳିଲା ତାଳଚେର ୱ୍ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍

ତାଳଚେର(ନିପ୍ର): ରକ୍ଷାବନ୍ଧନ କେବଳ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ସମ୍ପର୍କର ପର୍ବ ନୁହେଁ, ଏହା ମାନବିକତା, ଭାଇଚାରା, ଆତ୍ମୀୟତା ଓ ପରସ୍ପର ସହଯୋଗର ଏକ ପବିତ୍ର ବାର୍ତ୍ତା ବହନ କରେ। ଏହି ମହତ୍ ଭାବନାକୁ ଆଧାର କରି ତାଳଚେର ୱ୍ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ (ଟିଡବ୍ଲୁଜେଏ) ପକ୍ଷରୁ ତାଳଚେର ଉପକାରାଗାରରେ ଅନ୍ତେବାସୀମାନଙ୍କ ସହ ଏକ ନିଆରା ଢଙ୍ଗରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟିଡବ୍ଲୁଜେଏର ସଦସ୍ୟମାନେ ଉପକାରାଗାରରେ ଥିବା ଅନ୍ତେବାସୀଙ୍କ ନିକଟକୁ ଯାଇ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ମୁହୂର୍ତ୍ତରେ କିଛି ସମୟ ପାଇଁ କାରାଗାରର ପରିବେଶ ଭାବବିହ୍ୱଳ ହୋଇଉଠିଥିଲା। ଅନ୍ତେବାସୀମାନେ ମଧ୍ୟ ଏହି ଆତ୍ମୀୟତା ଓ ସ୍ନେହପୂର୍ଣ୍ଣ ପ୍ରୟାସକୁ ସ୍ୱାଗତ କରିଥିଲେ। ରକ୍ଷାବନ୍ଧନ ଅବସରରେ ଅନ୍ତେବାସୀମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଏଥିସହିତ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦେହଲଗା ସାବୁନ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ସାମାନ୍ୟ ସହଯୋଗ ଅନ୍ତେବାସୀଙ୍କ ମନରେ ଖୁସି ଓ ଆତ୍ମୀୟତାର ଭାବ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଟିଡବ୍ଲୁଜେଏର ସଦସ୍ୟମାନେ ଅନ୍ତେବାସୀଙ୍କ ସହ କିଛି ସମୟ ଆଲୋଚନା କରିଥିଲେ।

## ବିଭିନ୍ନ ସ୍ଥାନରେ 'ସୁଭଦ୍ରା' ହିତାଧିକାରୀଙ୍କୁ ମିଳିଲା ପଞ୍ଚମ କିସ୍ତି

**ପୁରୀ:** ମହିଳା ସଶକ୍ତ ହେଲେ ସମାଜ ସୁଦୃଢ ଓ ସଶକ୍ତ ହେବ। ସୁଭଦ୍ରା ଯୋଜନା ଆଜି ଜନ ଜାଗରଣରେ ପରିଣତ ହୋଇଛି। ସୁଭଦ୍ରା ମାଧ୍ୟମରେ ପରିବାର ଓ ସମାଜରେ ନାରୀମାନଙ୍କ ସମ୍ମାନ ଓ ପ୍ରତିଷ୍ଠା କେବଳ ବୃଦ୍ଧି ପାଇନାହିଁ, ବରଂ ଆର୍ଥିକ ମାନଦଣ୍ଡରେ ସେମାନଙ୍କ ଭାଗିଦାରୀ ବଢିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଟାଉନ ହଲ ଠାରେ ପୁରୀ ଜିଲ୍ଲାସ୍ତରୀୟ ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ପୂର୍ବରୁ ନାରୀ ମାନଙ୍କର କେବଳ ଘରେ କାମ କରିବା ଦାୟିତ୍ୱ ବୋଲି ବିବେଚନା କରାଯାଉଥିଲା। ତେବେ ନାରୀଟିଏ ଯେ ସବୁ କାମ କରିପାରେ, ତାଙ୍କ ପରିବାର, ରାଜ୍ୟ ଓ ଦେଶର ଆର୍ଥିକ ବିକାଶରେ ସହଭାଗୀ ହୋଇ ପାରେ ଏହା ସୁଭଦ୍ରାର ଏକ ବଳିଷ୍ଠ ପରିଚୟ ଦେଇପାରିଛି। ଆଜି ସୁଭଦ୍ରା ପ୍ରତ୍ୟେକ ନାରୀ ମାନଙ୍କୁ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନର ସୁଯୋଗ ଦେଇଛି ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ ପୁରୀ ଜିଲ୍ଲା ରେ




ପ୍ରଥମ କିସ୍ତିରେ ୪୩୬୫୮୩, ଦ୍ୱିତୀୟ କିସ୍ତି ରେ ୪୨୫୫୫୯,ତୃତୀୟ କିସ୍ତି ରେ ୪୨୫୫୭୩ ଓ ଚତୁର୍ଥ କିସ୍ତି ରେ ୪୨୦୮୫୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି।

**ଭଦ୍ରକ:** ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଅବସରରେ ଆଜି ଭଦ୍ରକସ୍ଥିତ ସହୀଦ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି।ସୁଭଦ୍ରା' ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରତିବର୍ଷ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ଓ ରାକ୍ଷୀ ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ କିସ୍ତିରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଏହି ଆର୍ଥିକ ସହାୟତା ଆର୍ଥିକ ବର୍ଷ ୨୦୨୪-୨୫ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ ପ୍ରଦାନ କରାଯିବ।ଭଦ୍ରକ ଜିଲ୍ଲାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପାଇଁ ସର୍ବମୋଟ ୪,୪୮,୩୯୬ ଜଣ ଆବେଦନ କରିଛନ୍ତି। ୪,୧୦,୭୫୯ ଜଣ ହିତାଧିକାରୀ ପ୍ରଥମ କିସ୍ତି, ୪,୦୧,୧୯୬ ଜଣ ଦ୍ୱିତୀୟ କିସ୍ତି, ୪,୦୧,୨୧୦ ଜଣ ତୃତୀୟ କିସ୍ତି ଏବଂ ୩,୯୬,୭୫୨ ଜଣ ହିତାଧିକାରୀ ଚତୁର୍ଥ କିସ୍ତି ପାଇ ସାରିଥିବାବେଳେ ଆନୁମାନିକ ୪,୦୨,୦୭୩ ଜଣ ଯୋଗ୍ୟ ହିତାଧିକାରୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପାଇବାକୁ ଯାଉଛନ୍ତି। ଏହି ଅର୍ଥରାଶି ସିଧାସଳଖ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଉଛି।ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ସମାରୋହରେ ମହିଳା ହିତାଧିକାରୀମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇବା ସହ ଚାରାବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମାରୋହର ଶୁଭାରମ୍ଭ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ।




**ରାୟଗଡ଼:** 'ସୁଭଦ୍ରା' ଯୋଜନାର ୫ମ କିସ୍ତି ବଣ୍ଟନ ଅବସରରେ ଆଜି ରାୟଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସରସ୍ୱତୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏଡିଏମ୍ (ସାଧାରଣ) ରବୀନ୍ଦ୍ରନାଥ କହଁର, ସିଡିଓ-କମ୍-ଇଓ ଅକ୍ଷୟ କୁମାର ଖେମୁଣ୍ଡୁ, ଏଡିଏମ୍‌ଓ ଡା. ମମତା ସାହୁ, ରାୟଗଡ଼ ବିଡିଓ ସୁଜିତ କୁମାର ମିଶ୍ର ଏବଂ ଡିଏସ୍‌ଡବ୍ଲ୍ୟୁଓ ମିନତୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୟାଗଡ଼ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ 'ସୁଭଦ୍ରା' ୫ମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥଳରେ ପ୍ରଦର୍ଶିତ ହୋଇଥିଲା। ଏହି ସମୟରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ୫ ଜଣ 'ସୁଭଦ୍ରା' ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ ଡେମୋ ଚେକ୍ ପ୍ରଦାନ କରାଯାଇଥିଲା। ରାୟଗଡ଼ ଜିଲ୍ଲାରେ 'ସୁଭଦ୍ରା' ଯୋଜନାରେ ମୋଟ ୨,୨୭,୦୨୬ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେଥିମଧ୍ୟରୁ ୪,୨୮୦ ଜଣ ନୂତନ ହିତାଧିକାରୀ ଯୋଜନାରେ ସାମିଲ ହୋଇଛନ୍ତି। ଯୋଗ୍ୟ ମହିଳାମାନଙ୍କ ନିକଟରେ ଯୋଜନାର ସୁବିଧା ଠିକ୍ ସମୟରେ ପହଞ୍ଚାଇବା ଏବଂ ଏହାର ସୁଚାରୁ କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଜାରି ରହିଛି।

**କଟକ:** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ଆତ୍ମନିର୍ଭରତାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ 'ସୁଭଦ୍ରା'ର ପଞ୍ଚମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାର ୬,୦୨,୪୩୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତି ବାବଦରେ ୫ହଜାର ଟଙ୍କା ଲେଖାଏଁ ସମୁଦାୟ ୩୦୧ କୋଟି ୨୧ ଲକ୍ଷ ୮୦ ହଜାର ଟଙ୍କା ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ସମାଜ ଉପରେ ଯେବେ ବିପଦ ଆସିଛି ନାରୀମାନେ ଶକ୍ତି ରୂପେ ଆମକୁ ସୁରକ୍ଷା ଦେଇଛନ୍ତି । ଏଥିସହ ବିଭିନ୍ନ ପୌରାଣିକ କିମ୍ବଦନ୍ତୀର ବ୍ୟାଖ୍ୟା କରି ସମାଜରେ ନାରୀମାନଙ୍କର ଗୁରୁତ୍ୱ ସମ୍ପର୍କରେ ସେ ମତ ପ୍ରକାଶ କରିଥିଲେ । ସୁଭଦ୍ରା କେବଳ ଏକ ଆର୍ଥିକ ସହାୟତା ନୁହେଁ ବରଂ ଓଡ଼ିଶାର ପ୍ରତ୍ୟେକଟି ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରି ଗଢ଼ି ତୋଳିବା ଏବଂ ସେମାନଙ୍କ ମଧ୍ୟରେ ଉଦ୍ୟୋଗିତାର ବିକାଶ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ରାଜ୍ୟରେ ଜଣେ ବି ଯୋଗ୍ୟ ମହିଳା ଏହି ସହାୟତାରୁ ଯେପରି ବଞ୍ଚିତ ନହେବେ ସରକାର ସେଥିପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ମଧ୍ୟ ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ 'ସୁଭଦ୍ରା' ଯୋଜନା ମହିଳାମାନଙ୍କୁ କେବଳ ଆର୍ଥିକ ସହାୟତା ପ୍ରଦାନରେ ସୀମିତ ନରହି, ସେମାନଙ୍କୁ ଆତ୍ମନିର୍ଭର ଓ ଉଦ୍ୟମୀ ଭାବେ ଗଢ଼ି ତୋଳିବା ଦିଗରେ ଏକ ଅଭିନବ ପଦକ୍ଷେପ ବୋଲି କହିଥିଲେ । କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ଯୋଗଦେଇ ରକ୍ଷାର ସୂତ୍ରକୁ ବାନ୍ଧି ସମାଜକୁ ସୁଦୃଢ କରିବା ତଥା ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ନୟାଗଡଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁଭଦ୍ରା ପଞ୍ଚମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୋଫି ସାଇନିକା ଧନ୍ୟବାଦ ଅର୍ପଣ କରିଥିଲେ ।

**ଭାପୁର:** ଗହ୍ମାପୂର୍ଣ୍ଣିମୀ ଅବସରରେ ଭାପୁର ବ୍ଲକ ର ସୁଭଦ୍ରା ହିତାଧିକାରୀ ଙ୍କ ବ୍ୟାଙ୍କ ଖାତା କୁ ଆସିଛି ୫ମ କିସ୍ତି। ନୟାଗଡ଼ ଜିଲ୍ଲାର ଲାଠିପଡା ରେ ଆୟୋଜିତ ରାଜ୍ୟସ୍ତରୀୟ ସୁଭଦ୍ରା ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ୫ କିସ୍ତି ଅନୁଦାନ ରାଜ୍ୟବାସୀଙ୍କ ପାଇଁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ,ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ପୁରୀ,କନ୍ଧମାଳ,କଟକ ର ସାଂସଦ ଏବଂ ଜ଼ିଲ୍ଲାର ବିଧାୟକ ତଥା ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ।ଏହି ପରିପ୍ରେକ୍ଷୀରେ, ଭାପୁର ବ୍ଲକ ର ୨୫ ହଜାର ୫ ଜଣ ଙ୍କ ହିତାଧିକାରୀ ଆକାଉଣ୍ଟ କୁ ୫ ହଜାର ଟଙ୍କା ହିସାବରେ ୧୨ କୋଟି ୫୦ ଲକ୍ଷ ୨୫ ହଜାର ଟଙ୍କା ଆସିଥିବା ଭାପୁର ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

**ଯାଜପୁର:** ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ତରଫରୁ 'ସୁଭଦ୍ରା' ଯୋଜନାର ୫ମ କିସ୍ତି ଟଙ୍କା ପ୍ରଦାନ କରାଯାଇଛି। ନୟାଗଡ଼ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ମହିଳାଙ୍କ ବ୍ୟାଙ୍କ ଖାତାକୁ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ (ଡିବିଟି) ଜରିଆରେ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଲୋକସଭା, ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ସୁଭଦ୍ରା ଯୋଜନା ରେ ଆମ ସରକାର ନିଜର ପ୍ରତିଶ୍ରୁତି ପୂରଣ କରି ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଉଛନ୍ତି। ଯାଜପୁର ଜିଲ୍ଲାର ପ୍ରାୟ ୪.୭୭ ଲକ୍ଷ ମହିଳା ଏହି କିସ୍ତି ପାଇବା ଗୌରବର



ବିଷୟ। ଏହି ଆର୍ଥିକ ସହାୟତା ମହିଳାମାନଙ୍କୁ ସମାଜରେ ଆଗକୁ ବଢ଼ିବାକୁ ଅପୂର୍ବ ଶକ୍ତି ଯୋଗାଇବ। ଯାଜପୁର ଜିଲ୍ଲାରେ ଗୋଟିଏ ବି ଯୋଗ୍ୟ ମହିଳା ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମେ ନିରନ୍ତର କାର୍ଯ୍ୟ କରୁଛୁ। ଏହି କିସ୍ତିରେ ଜିଲ୍ଲାର ଆଉ ୧୭,୯୫୮ ଜଣ ନୂତନ ମହିଳାଙ୍କୁ ସାମିଲ କରାଯିବା ଏହାର ଜ୍ୱଳନ୍ତ ପ୍ରମାଣ। ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ପର୍ଯ୍ୟାୟକ୍ରମେ ଯୋଡ଼ାଯିବ। ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଅର୍ଥ ରାଶି ପ୍ରଦାନରେ ଯାଜପୁର ଜିଲ୍ଲାରେ ବୃହତ ସଂଖ୍ୟକ ମହିଳା ଉପକୃତ ହୋଇଛନ୍ତି। ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳକୁ ମିଶାଇ ମୋଟ ୪,୭୭,୪୦୦ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି କିସ୍ତିର ଟଙ୍କା ଜମା ହୋଇଛି। ବ୍ଲକ ଓ ପୌରାଞ୍ଚଳ ଓ୍ୱାରି ତଥ୍ୟ ଅନୁସାରେ, ବଡ଼ଚଣା ବ୍ଲକରେ ସର୍ବାଧିକ ୫୭,୭୩୩ ଜଣ ମହିଳା (୧,୫୩୦ ଜଣ ନୂତନ) ଏବଂ ଧର୍ମଶାଳା ବ୍ଲକରେ ୫୭,୯୪୨ ଜଣ (୧,୬୮୪ ଜଣ ନୂତନ) ଏହି କିସ୍ତି ପାଇଛନ୍ତି।

ତିଥି :(ପ୍ରତିପଦ): (ପୂର୍ବଭାଦ୍ର କୁମ୍ଭ)
ଅମୃତ ବେଳା: ରାତ୍ରି ଘ ୯ ।୩୩ ଗତେ ଘ୧୨ ।୪୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଅହିଂସା, ସମତା, ସନ୍ତୋଷ, ତପ, ଦାନ, ଯଶ ଓ ଅପଯଶ- ପ୍ରାଣୀମାନଙ୍କର ଏହି ନାନାବିଧ ପୃଥକ୍ ପୃଥକ୍ ଭାବ ମୋ'ଠାରୁ ହିଁ ଉତ୍ପନ୍ନ ହୁଅନ୍ତି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ମୁକାବିଲାରେ ସଂଶୟ

ନେପାଳରେ ଜଳପ୍ରଳୟ ମୃତ୍ୟୁସଂଖ୍ୟା ୫ଶହ ଟପିଥିବା ସରକାରୀ ଭାବେ କୁହାଯାଉଥିଲେ ହେଁ ଗଣମାଧ୍ୟମରେ ଯେଉଁ ବିଭୀଷିକାର ଚିତ୍ର ଦେଖାଯାଉଛି ତହିଁରୁ ମନେହୁଏ ଏହି ସଂଖ୍ୟା ବହୁ ଗୁଣ ଅଧିକ ହେବ । ହୋଇପାରେ ଏହା ୫ ହଜାର କି ତାହାଠାରୁ ଅଧିକ । ସେହିପରି ବିପର୍ଯ୍ୟୟରେ ତିନିଶହ ଭାରତୀୟଙ୍କ ସମେତ ୧୫ଶହ ନିଖୋଜ ଥିବା କୁହାଯାଉଛି । ନିଖୋଜଙ୍କ ସଂଖ୍ୟା ମଧ୍ୟ ବାସ୍ତବରେ କେତେ ତାହା ଏବେ ଜଣାପଡ଼ିବ ନାହିଁ । କିନ୍ତୁ ଏଥିରେ ଭାରତ ସମେତ ଗ୍ରେଟବ୍ରିଟେନ, ୟୁକ୍ରେନ,କାନାଡ଼ା, ଚୀନ ପ୍ରଭୃତି ରାଷ୍ଟ୍ରର ନିଖୋଜ ବ୍ୟକ୍ତି ଅଛନ୍ତି । ୧୩ହଜାର ଯବାନ ଉଦ୍ଧାର ବିପର୍ଯ୍ୟୟ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା କୁହାଯାଉଥିଲେ ହେଁ ବିଭିନ୍ନ ଦେଶର ନିଖୋଜ ଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ନିକଟରେ କେବେ ତହିଁର ସୂଚନା ପହଞ୍ଚିବ ସେ ସଂପର୍କରେ କିଛି ସତ୍ୟତା ଜଣାପଡୁନାହିଁ । କାରଣ ଏହି ଆକସ୍ମିକ ବନ୍ୟାର ଗମ୍ଭୀରତା ଏଭଳି ଯେ ତାହା ଅତ୍ୟନ୍ତ ଚିନ୍ତାଜନକ । ତାହାରି ମଧ୍ୟରେ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହାଙ୍କୁ ଉଦ୍ଧାର କାର୍ଯ୍ୟ ଲାଗି ବହୁ ଦେଶ ସହଯୋଗ କରିବାକୁ ବାର୍ତ୍ତା ପଠାଇଥିଲେ ହେଁ ତାହାକୁ ସେ ମନା କରିଦେଇଛନ୍ତି । ଅଥଚ ଆର୍ଥିକ ସହାୟତା ଏକକ ସିଷ୍ଟମରେ ପାଇବା ପାଇଁ ଆଶା ରଖିଛନ୍ତି, ଏଥିରୁ ତାଙ୍କ ମାନସିକତା ବୁଝାପଡେ । ୨୦୧୫ରେ ନେପାଳରେ ସଂଘଟିତ ଭୂକମ୍ପ ସମୟରେ ବହୁ ବିଦେଶୀ ସଂସ୍ଥା ଉଦ୍ଧାର ସହାୟତା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ମାତ୍ର ସେ ସମୟରେ ସେଥିନେଇ ସମନ୍ୱୟ ରକ୍ଷା ଓ ପରିଚାଳନାଗତ ବାଧା ଚିନ୍ତାର ବିଷୟ ହୋଇଥିଲା । ହୁଏତ ସେହି ଅନୁଭୂତିକୁ ଆଧାର କରି ନେପାଳ ସରକାର ଭରସି ପାରୁନାହାନ୍ତି ଠିକଣା ଭାବରେ ସଦ୍ୟ ବିପର୍ଯ୍ୟୟ ଉଦ୍ଧାର ପରିଚାଳନା କରିପାରିବେ ।

ବାଲେନ ଶାହା ସରକାରକୁ ଜେନ୍-ଜିବର୍ଗ କ୍ଷମତାସୀନ କରାଇଥିଲେ ହିଁ ଏବେ ଅଧିକ ଭାବରେ ଖୋଦ୍ ପ୍ରଧାନମନ୍ତ୍ରୀ ବାଲେନଙ୍କ ନିଷ୍କ୍ରିୟତା ଲକ୍ଷ୍ୟ କରାଯାଉଛି । ଯେପରିକି ନିଜ ଦେଶର ସଂସଦରେ ୩୯ଟି ଅଧିବେଶନ କ୍ଷମତା ଗ୍ରହଣ ପରଠରୁ ଅନୁଷ୍ଠିତ ହୋଇଥିଲେ ହେଁ ମାତ୍ର ୫ଟିର ଯୋଗଦାନ କରିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଉତ୍ତର ନ ରଖିବା ତାଙ୍କର ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ନିଜ ଦଳୀୟ କର୍ମକର୍ତ୍ତାଙ୍କ ଠାରୁ ବହୁ ସମୟରେ ନିଜକୁ ଦୂରେଇ ରଖୁଛନ୍ତି । ପୁଣି ଗତ ଏପ୍ରିଲରେ ଭାରତରୁ ଅଣାଯାଉଥିବା ସାମଗ୍ରୀ ଉପରେ କଷ୍ଟମସ ନିୟମ କଡ଼ାକଡି ଭାବରେ ଲାଗୁ କରିବା । ଭାରତୀୟ ସାମଗ୍ରୀ ଉପରେ ଅଧିକ କଷ୍ଟମ ବା ବର୍ହିଶୁଳ୍କ ଟିକସ ଲାଗୁ କରିବା ଫଳରେ ଔଷଧ, ତେଜରାତି ଓ କିଛି ଘରୋଇ ସାମଗ୍ରୀର ଦର ବଢିବାରୁ ଲୋକଙ୍କ ମଧ୍ୟରେ ବାଲେନ ସରକାର ପ୍ରତି ଅସନ୍ତୋଷ ପ୍ରକଟିତ ହେଲା, ଫଳରେ ସରକାର ସେଥିରୁ ଓହରିଥିଲେ । ଗତ ଜୁଲାଇରେ ସେଠାରେ ହିନ୍ଦୁ-ମୁସଲିମ ଗୋଷ୍ଠୀ ମଧ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ ଉପୁଜିବାରୁ ତିନି ଜଣଙ୍କ ମୃତ୍ୟୁ ଘଟିଛି । ପୁଣି ବାଲେନ ଶାହା ଲିପୁଲେଖ, ଲିମ୍ପିଆଧୁରା ଓ କାଲାପାନି ଅଂଶ ଦ୍ୱିପାକ୍ଷିକ ଚୁକ୍ତିର ବିବାଦୀୟ ଅଂଶ କହି ନିଜ ଦେଶରେ ବିବାଦର ସୂତ୍ରପାତ କରିଥିଲେ । ଅବଶ୍ୟ ଭାରତ ପକ୍ଷରୁ ପରବର୍ତ୍ତୀ ସମୟରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ କଥାବାର୍ତ୍ତା ଜରିଆରେ ଏ ସଂପର୍କିତ ପ୍ରସଙ୍ଗ ସମାଧାନ ହେବା ଉଚିତ ବୋଲି କୁହାଯାଇଥିଲା । ମୋଟ ଉପରେ ସଦ୍ୟ ନେପାଳ ଜଳପ୍ରଳୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଲେନ ଶାହାଙ୍କ କଥାବାର୍ତ୍ତାବେଳେ ଧନଜୀବନ ହାନି ନେଇ ଶୋକପ୍ରକଟ କରିବା ସହ ନେପାଳଙ୍କୁ ସମସ୍ତ ସହଯୋଗ ଓ ସମ୍ଭାବ୍ୟ ମାନବୀୟ ଓ ରିଲିଫ ସହାୟତା ଯୋଗାଇ ଦେବାକୁ ଦୃଢ ପ୍ରତିଶ୍ରୁତି ଦେଲେ ।କିନ୍ତୁ ବାଲେନ ଏକପ୍ରକାର ନିରବ । ଇତିମଧ୍ୟରେ ନେପାଳକୁ ଭାରତ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ରିଲିଫ ସାମଗ୍ରୀ ପ୍ରେରଣ କରାଯାଇଛି । ତାହା ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଓ ଖାଦ୍ୟ ପ୍ୟାକେଟମାନ ଭର୍ତ୍ତି ହୋଇ ରହିଛି । ସଦ୍ୟ ସଂକଟରେ ଥିବାବେଳେ ସିଆଟୁନରେ ଭୂକମ୍ପର ଝଟ୍‌କା ହୁଏତ ସଦ୍ୟ ବିପର୍ଯ୍ୟୟକୁ ପ୍ରଭାବିତ କରିପାରେ । ସୁତରାଂ ବାଲେନ ଶାହାଙ୍କ ପକ୍ଷରୁ ସ୍ଥିତିର ମୁକାବିଲା ନେଇ ଯେଉଁ ପ୍ରୟାସ କରାଯାଉଛି ସେଥିରେ ଅଧିକ ମାତ୍ରାରେ ସଂଶୟ ହିଁ ପ୍ରକଟିତ ହେଉଛି ।

# ଆଲିଆ ମୀର: ଜମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ

**ଆଫ୍ରୋଜ ଖାନ୍**

୨୦୦୬ରେ ଭାଲୁଟିର ନିର୍ମମ ହତ୍ୟା ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଏହି ଘଟଣାରେ ବିଚଳିତ ହୋଇ ସେ ନିଜ ରାଜ୍ୟ କାଶ୍ମୀରକୁ ଫେରି ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଉଦ୍ଧାର ପାଇଁ କାମ କରିଥିଲେ । ତାଙ୍କ ସ୍ୱାମୀ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ । ବନ୍ୟଜନ୍ତୁ ଉଦ୍ଧାରକୁ ନିଜ ଜୀବନର ଲକ୍ଷ୍ୟ କରିବା ପରେ ସେ ନିଜର ବୈଷୟିକ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଡିପ୍ଲୋମା କରିଥିଲେ ଯେଉଁଥିରେ ଆନିମଲ ହେଲଥ୍ ଏବଂ ଓ୍ୱାଇଲଡ୍ ଲାଇଫ୍ କେୟାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ୨୦୦୭ ମସିହାରେ ଆଲିଆ ଦିଲ୍ଲୀରୁ କାଶ୍ମୀର ଫେରିଥିଲେ ଏବଂ ବନ୍ୟଜନ୍ତୁ ଏସଓଏସର ଜାମ୍ମୁ, କାଶ୍ମୀରର ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରିଥିଲେ ।

ଯେତେବେଳେ ଆଲିଆ ମୀର କୌଣସି ବନ୍ୟଜନ୍ତୁକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଆନ୍ତି, ମହିଳା ହୋଇଥିବାରୁ ତାଙ୍କୁ ପ୍ରାୟତଃ ସନ୍ଦେହ ଓ ନିରୁତ୍ସାହଜନକ ମନ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼େ, ଜଣେ ମହିଳା କିପରି ବନ୍ୟଜନ୍ତୁଙ୍କ ଉଦ୍ଧାର କରିପାରିବ ବୋଲି ଲୋକମାନେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦିଅନ୍ତି । କିନ୍ତୁ ଯେତେବେଳେ ସେ ସହଜରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିଦିଅନ୍ତି । ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ବର୍ଷ ବର୍ଷ ଧରି ଆଲିଆ ମୀର କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ଶହ ଶହ ସାପ, ଚିତାବାଘ, ଭାଲୁ ଓ ପକ୍ଷୀଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କର 'ସବୁଠାରୁ ଚର୍ଚ୍ଚିତ ସଫଳତା ମଧ୍ୟରୁ ଗୋଟିଏ ଥିଲା ଏକ ଅତ୍ୟନ୍ତ ବିଷାକ୍ତ ଲେବାଣ୍ଟାଇନ୍ ଭାଇପରକୁ ସୁରକ୍ଷିତ ଭାବେ ଧରିବା ।' ପ୍ରାୟ ଦୁଇ କିଲୋଗ୍ରାମ ଓଜନର ଏହି ସାପଟି ସେତେବେଳର ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା । ଏହା ଆଲିଆ ମୀରଙ୍କୁ ସାରା ଦେଶରେ ପରିଚିତ କରିଥିଲା । ଜାତୀୟସ୍ତରରେ ଖବରର ଶିରୋନାମ ପାଲଟିଥିଲେ ।

ବର୍ତ୍ତମାନ ଆଲିଆ ମୀର ଜାମ୍ମୁ ଓ କାଶ୍ମୀର ପ୍ରକଳ୍ପର ମୁଖ୍ୟ ଏବଂ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିୟମିତ ଭାବେ ଗାଁ ଗୁଡ଼ିକୁ ଯାଇ ବନ୍ୟଜନ୍ତୁ ନିକଟସ୍ଥ ଅଞ୍ଚଳରେ ଦେଖାଗଲେ କିପରି ପ୍ରତିକ୍ରିୟା କରିବାକୁ ହେବ, ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରନ୍ତି । ବନ୍ୟଜନ୍ତୁଙ୍କୁ ପଥର ମାରିବା କିମ୍ବା ଆକ୍ରମଣ କରିବା ପରିବର୍ତ୍ତେ ଶାନ୍ତ ରହି ତୁରନ୍ତ ଉଦ୍ଧାରକାରୀ ଦଳକୁ ଖବର ଦେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦିଅନ୍ତି । ସେ ଏକଥା ମଧ୍ୟ କୁହନ୍ତି ଯେ ସନ୍ଧ୍ୟା କିମ୍ବା ଭୋର ସମୟରେ ଯେତେବେଳେ ବନ୍ୟଜନ୍ତୁମାନେ ଅଧିକ ସକ୍ରିୟ ଥାଆନ୍ତି, ସେତେବେଳେ କ୍ଷେତକୁ ଯିବା ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ୍ ।ଆଲିଆ ମୀରଙ୍କ ପ୍ରୟାସ କେବଳ ଅସଂଖ୍ୟ ବନ୍ୟଜନ୍ତୁଙ୍କ ଜୀବନ ବଞ୍ଚାଇନାହିଁ, ବରଂ କାଶ୍ମୀରର ଅନେକ ଲୋକଙ୍କ ମନରେ ବନ୍ୟଜନ୍ତୁ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ପ୍ରତି ଥିବା ଧାରଣାକୁ ମଧ୍ୟ ବଦଳାଇଛି । ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହାବସ୍ଥାନକୁ ପ୍ରୋତ୍ସାହନ ଦେଇ ସେ ପ୍ରମାଣ କରିଛନ୍ତି ଯେ ସଂରକ୍ଷଣ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନୁହେଁ; ମଣିଷର ମନୋଭାବ ବଦଳାଇବା ମଧ୍ୟ ଏହାର ମୁଖ୍ୟ ଅଂଶ । ୨୦୨୩ ମସିହା ମାର୍ଚ୍ଚ ମାସରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଜାମ୍ମୁ ଓ କାଶ୍ମୀର ସରକାର ତାଙ୍କୁ ସମ୍ମାନଜନକ ଓ୍ୱାଇଲଡ ଲାଇଫ୍ କନଜରଭେସନ୍ ଆଓ୍ୱାର୍ଡରେ ସମ୍ମାନିତ କରିଥିଲେ ।ନିଜର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଲିଆ ମୀର ପ୍ରମାଣ କରିଛନ୍ତି ଯେ ପାରମ୍ପରିକ ଭାବେ ପୁରୁଷଙ୍କ ପାଇଁ ଉପଯୁକ୍ତ ବୋଲି ଧରାଯାଉଥିବା ବିପଦପୂର୍ଣ୍ଣ ପେସାଗୁଡ଼ିକୁ ମହିଳାମାନେ ମଧ୍ୟ ସମାନ ଦକ୍ଷତା ଓ ନିଷ୍ଠାର ସହିତ କରିପାରିବେ ।(ଅନ୍ତିମ ଭାଗ)
-ନିଉ ଏଜ୍ ଇସଲାମ

# ନେପାଳ ଜଳପ୍ରବାହର ତାଣ୍ଡବଲୀଳା

**ଡ. ପ୍ରମୋଦ କୁମାର ପଣ୍ଡା**

> ନେପାଳରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ସମଗ୍ର ମାନବ ସମାଜ, ବିଶେଷ କରି ଦକ୍ଷିଣ ଏସୀୟ ଦେଶମାନଙ୍କ ପାଇଁ ଏକ ବଡ଼ ଚେତାବନୀ । ପ୍ରକୃତିର କରାଳ ରୂପ ଆମକୁ କିଛି ପାଠ ପଢ଼ାଇଛି । ଶିକ୍ଷା ଦେଇଛି । ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗର ଗତିପଥ ସମ୍ପୂର୍ଣ୍ଣ ବଦଳିଯାଇଛି । କମ୍ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ବା ବାଦଲଫଟା ବର୍ଷା ବର୍ତ୍ତମାନ ଏକ ସାଧାରଣ କଥା ହେଲାଣି । ବିଶ୍ୱ ଉଷ୍ମତାକୁ ଏବେଠାରୁ ନିୟନ୍ତ୍ରଣ କରାନଗଲେ ପାର୍ବତ୍ୟ ଅଞ୍ଚଳରେ ଏଭଳି ବିଭୀଷିକା ବାରମ୍ବାର ଦେଖିବାକୁ ମିଳିବ ।

୨୬.୮.୨୦୨୬, ବୁଧବାର । ସବୁଦିନ ଭଳି ସାମାନ୍ୟ ଥିଲା ନେପାଳର ପାର୍ବତ୍ୟ ଉପତ୍ୟକା । ତେବେ କେହି କିଛି ଜାଣିବା ବୁଝିବା ପୂର୍ବରୁ କିନ୍ତୁ ପ୍ରକୃତିର ଅତଳ ଗର୍ଭରୁ ମାଡିଆସିଲା ଲୁଚି ରହିଥିବା ମହାବିପତ୍ତି । ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀ ଅବବାହିକାରେ ସୃଷ୍ଟି ହେଲା ଭୟଙ୍କର ଜଳପ୍ରବାହ, ଅପ୍ରତ୍ୟାଶିତ ଫ୍ଲାଶ୍ ଫ୍ଲଡ୍ । ଆଖିପିଛୁଳାକେ ଧୋଇନେଲା ସବୁକିଛି । ଛାରଖାର କରି ଦେଲା ଧନଜୀବନ, ଭିତ୍ତିଭୂମି । ବୈଜ୍ଞାନିକ ଏବଂ ଭୂତତ୍ତ୍ୱବିତ୍‌ଙ୍କ କହିବା ଅନୁସାରେ ପ୍ରଳୟର କାରଣ ସାଧାରଣ ବର୍ଷା ନଥିଲା । ତିବ୍ବତ-ନେପାଳ ସୀମାରେ ଥିବା ଏକ ବିଶାଳ ଗ୍ଲେସିୟର, ବରଫ ସ୍ତୁପ, ହଠାତ୍ ଭୁଶୁଡ଼ି ପଡ଼ିଥିଲା । ହିମସ୍ଖଳନ ହୋଇଥିଲା । ଜଳ-ସୁନାମି ସୃଷ୍ଟି ହୋଇ ନିମିଷକ ମଧ୍ୟରେ ବ୍ୟାପକ ଅଂଶ ନିଶ୍ଚିହ୍ନ ହୋଇଗଲା । ନଦୀ କୂଳସ୍ଥିତ ଅନେକ ଗାଁ ଗଣ୍ଡା, ସହର ବଜାର କାଦୁଅ ଓ ଜଳ ସ୍ରୋତରେ ଭାସିଗଲା । ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ଭାଙ୍ଗିଲା । ଅନେକ ଅଞ୍ଚଳ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଲା । ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ବନ୍ୟାରେ ଗୁରୁତର କ୍ଷତିଗ୍ରସ୍ତ ହେଲା । ଏହା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନର ଭୟଙ୍କର ପରିଣାମ । ହିମାଳୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଗ୍ଲେସିୟରଗୁଡ଼ିକ ଦୁର୍ବଳ ହେବାରେ ଲାଗିଛନ୍ତି । ଆଗାମୀ ଦିନ ପାଇଁ ଏଭଳି ଆକସ୍ମିକ ବିପତ୍ତିର ଆଶଙ୍କା ବଢ଼ି ବଢ଼ି ଚାଲିଛି । ସମ୍ପ୍ରତି ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେନା ଓ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି । ପ୍ରକୃତି ଆଗରେ ମଣିଷ କେତେ ଅସହାୟ ତାହା ପୁଣି ପ୍ରମାଣିତ କରିଛି ନେପାଳର ଏହି ଅପ୍ରତ୍ୟାଶିତ ଜଳପ୍ରବାହ । ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଏବଂ ସେମାନଙ୍କର ପୁନରୁଦ୍ଧାର ବର୍ତ୍ତମାନର ସବୁଠାରୁ ବଡ଼ ପ୍ରାଥମିକତା ।

ଭୟଙ୍କର ଅପ୍ରତ୍ୟାଶିତ ଜଳପ୍ରବାହ ହେତୁ ନେପାଳ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ମୃତ୍ୟୁ ସଂଖ୍ୟା ୫ଶହ ଟପିଲାଣି । ବିଶ୍ୱର ୩୩ ଦେଶର ବହୁ ନାଗରିକ ନିଖୋଜ ଅଛନ୍ତି । ପର୍ଯ୍ୟଟକ, ତୀର୍ଥଯାତ୍ରୀ ସଙ୍କଟରେ ଥିବା ଅନୁମାନ କରାଯାଉଛି । ବିପର୍ଯ୍ୟୟ ଘଟିଥିବା ଅଞ୍ଚଳ ଟ୍ରେକିଂ ଏବଂ କୈଳାଶ ମାନସରୋବର ଯାତ୍ରା ପାଇଁ ପ୍ରସିଦ୍ଧ ହୋଇଥିବାରୁ ଶତାଧିକ ବିଦେଶୀ ପର୍ଯ୍ୟଟକ ଫସି ରହିଛନ୍ତି । ଭାରତ ଏହାର ପଡ଼ୋଶୀ ଦେଶ । ତେଣୁ ତା ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡିବା ସ୍ୱାଭାବିକ ।

ଭାରତୀୟ ବୈଦେଶିକ ମନ୍ତ୍ରାଳୟ ଅନୁଯାୟୀ, ନେପାଳର ଜଳବିଦ୍ୟୁତ ପ୍ରକଳ୍ପରେ କାମ କରୁଥିବା ଶ୍ରମିକ ଏବଂ ବୁଲିବାକୁ ଯାଇଥିବା ପ୍ରାୟ ୨୮୮ ଜଣ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି । କୋଲକାତା ଓ କେରଳମ୍‌ର ଅନେକ ପର୍ଯ୍ୟଟକ ଏହି ଅଞ୍ଚଳରେ ଫସି ରହିଛନ୍ତି । ନେପାଳର ତ୍ରିଶୂଳୀ ଏବଂ ଭୋଟେକୋଶୀ ନଦୀ ପରବର୍ତ୍ତୀ ସମୟରେ ନାରାୟଣୀ ନଦୀ ସହ ମିଶି ଭାରତରେ ଗଣ୍ଡକ ନଦୀ ରୂପେ ପ୍ରବେଶ କରିଥାଏ । ସୁତରାଂ ଉତ୍ତର ବିହାର ଏବଂ ପୂର୍ବ ଉତ୍ତର ପ୍ରଦେଶରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି ।

ନେପାଳର ଏହି ଅପ୍ରତ୍ୟାଶିତ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ତଳମୁଣ୍ଡରେ ଥିବା ଭାରତର ଦୁଇ ପ୍ରମୁଖ ରାଜ୍ୟ ବିହାର ଏବଂ ଉତ୍ତର ପ୍ରଦେଶକୁ ହାଇ ଆଲର୍ଟରେ ରଖାଯାଇଛି । ନେପାଳର ଭୋଟେକୋଶୀ ଓ ତ୍ରିଶୂଳୀ ନଦୀର ଜଳପ୍ରବାହ ଗଣ୍ଡକ ଓ କୋଶୀ ନଦୀ ଦେଇ ଭାରତରେ ପ୍ରବେଶ କରିଥାଏ । ବିହାର ନେପାଳ ସୀମାକୁ ଲାଗି ରହିଥିବାରୁ ଏଠାରେ ସବୁଠାରୁ ଅଧିକ ବିପଦ ଆଶଙ୍କା କରାଯାଉଛି । ନେପାଳ ବନ୍ୟା ଯୋଗୁଁ ଉତ୍ତର ପ୍ରଦେଶର ଘାଘରା ଏବଂ ରାପ୍ତୀ ନଦୀର ଜଳସ୍ତର ମଧ୍ୟ ବଢ଼ିବାର ସମ୍ଭାବନା ରହିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୁଇ ରାଜ୍ୟକୁ ବିଶେଷ ସହାୟତାର ପ୍ରତିଶ୍ରୁତି ମିଳିଛି । ସ୍ଥିତିକୁ ସାମ୍ନା କରିବା ପାଇଁ ବିହାରରେ ୯ଟି ଏବଂ ଉତ୍ତର ପ୍ରଦେଶରେ ୧୧ଟି ଏନଡ଼ିଆରଏଫ ଟିମ୍ ମୁତୟନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ବନ୍ୟାର କୌଣସି ସିଧାସଳଖ କୁପ୍ରଭାବ କିମ୍ବା ବଡ଼ ଧରଣର କ୍ଷୟକ୍ଷତି ଘଟିନଥିବା ସୂଚନା ମିଳୁଛି । ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି । ଏହି ପ୍ରଳୟଙ୍କରୀ



ବିପର୍ଯ୍ୟୟର ପ୍ରଭାବ କେବଳ ବିହାର ଓ ଉତ୍ତର ପ୍ରଦେଶ ମଧ୍ୟରେ ସୀମିତ ନୁହେଁ । ଭୌଗୋଳିକ ସ୍ଥିତି ଓ ନଦୀଗୁଡ଼ିକର ସଂଯୋଗୀକରଣ ଯୋଗୁଁ ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ଅନ୍ୟ ପଡ଼ୋଶୀ ପ୍ରଦେଶଗୁଡ଼ିକ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ନିଖୋଜ ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା, ତାମିଲନାଡୁ ଏବଂ କେରଳମ୍ ଭଳି ରାଜ୍ୟ ଚିନ୍ତାରେ ଅଛନ୍ତି । ନେପାଳର ପଶ୍ଚିମ ସୀମାକୁ ଲାଗିଥିବା ଉତ୍ତରାଖଣ୍ଡ ହାଇ ଆଲର୍ଟରେ ରହିଛି । ନେପାଳରୁ ପ୍ରବାହିତ ହେଉଥିବା ଶାରଦା, ଯାହାକୁ ମହାକାଳୀ ମଧ୍ୟ କୁହାଯାଏ, ନଦୀ ଯୋଗୁଁ ଉତ୍ତରାଖଣ୍ଡର ସୀମାବର୍ତ୍ତୀ ଜିଲ୍ଲା ପିଥୋରାଗଡ଼, ଚମ୍ପାଓ୍ୱତ ଏବଂ ଉଧମ ସିଂହ ନଗରରେ ସତର୍କ ସୂଚନା ଜାରି କରାଯାଇଛି । ନେପାଳର ପୂର୍ବ ଭାଗରୁ ଆସୁଥିବା ମେଚୀ ଏବଂ ମହାନନ୍ଦା ନଦୀ ଯୋଗୁଁ ପଶ୍ଚିମବଙ୍ଗର ଉତ୍ତର ଭାଗ ବିଶେଷ ପ୍ରଭାବିତ ହେବାର ଆଶଙ୍କା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଦାର୍ଜିଲିଂ, କାଲିମ୍ପୋଙ୍ଗ ଓ ଜଳପାଇଗୁଡ଼ି ଜିଲ୍ଲାର ପାର୍ବତ୍ୟ ଅଞ୍ଚଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ୟେଲୋ ଆଲର୍ଟ ଜାରି କରାଯାଇଛି ।

ଏହି ବନ୍ୟାର ଆଭ୍ୟନ୍ତରୀଣ ଭୌଗୋଳିକ ପ୍ରଭାବ ଭାରତର ଦୂରବର୍ତ୍ତୀ ରାଜ୍ୟଗୁଡ଼ିକ ଉପରେ ପଡ଼ିଛି କାରଣ ସେଠାରେ ଅନେକ ପର୍ଯ୍ୟଟକ ଓ ଶ୍ରମିକ ଫସି ରହିଛନ୍ତି । ଓଡ଼ିଆ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନଙ୍କ ସହାୟତା ଓ ଉଦ୍ଧାର ପାଇଁ ଓଡ଼ିଶା ସରକାର ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରିଛନ୍ତି । ରାଜ୍ୟ ସରକାର ୩ଟି ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି । ପ୍ରଥମ - +୯୧-୭୪୨୮୧୩୫୦୪୪ ଦ୍ୱିତୀୟ - +୯୧-୮୫୨୭୫୮୦୨୪୫୦ ଓ ତୃତୀୟ - ୧୧-୨୩୦୧୨୮୦୭ ବନ୍ୟା ପ୍ରଭାବିତ ରସୁଓ୍ୱା ଅଞ୍ଚଳରେ ଫସିରହିଥିବା ତାମିଲନାଡୁର ୧୦୩ ଜଣ ଏବଂ କେରଳର ୩୬ ଜଣ ପର୍ଯ୍ୟଟକଙ୍କ ଉଦ୍ଧାର ପାଇଁ ଦୁଇ ରାଜ୍ୟ ସରକାର କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି । ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟ ସକ୍ରିୟ ମୌସୁମୀ ବାୟୁ ପ୍ରଭାବରେ ବିହାର, ଉତ୍ତର ପ୍ରଦେଶ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଆଗାମୀ କିଛି ଦିନ ପ୍ରବଳ ବର୍ଷା ଜାରି ରହିବ । ତେଣୁ ନେପାଳର ପ୍ରବାହିତ ଜଳ ସହ ସ୍ଥାନୀୟ ବର୍ଷା ମିଶି ନଦୀଗୁଡ଼ିକର ଜଳସ୍ତରକୁ ଆହୁରି ବିପଜ୍ଜନକ ସ୍ଥିତିକୁ ନେଇପାରେ ।

ନେପାଳରେ ଘଟିଯାଇଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ସମଗ୍ର ମାନବ ସମାଜ, ବିଶେଷ କରି ଦକ୍ଷିଣ ଏସୀୟ ଦେଶମାନଙ୍କ ପାଇଁ ଏକ ବଡ଼ ଚେତାବନୀ । ପ୍ରକୃତିର କରାଳ ରୂପ ଆମକୁ କିଛି ପାଠ ପଢ଼ାଇଛି । ଶିକ୍ଷା ଦେଇଛି । ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାଣିପାଗର ଗତିପଥ ସମ୍ପୂର୍ଣ୍ଣ ବଦଳିଯାଇଛି । କମ୍ ସମୟ ମଧ୍ୟରେ ଅତ୍ୟଧିକ ବର୍ଷା ବା ବାଦଲଫଟା ବର୍ଷା ବର୍ତ୍ତମାନ ଏକ ସାଧାରଣ କଥା ହେଲାଣି । ବିଶ୍ୱ ଉଷ୍ମତାକୁ ଏବେଠାରୁ ନିୟନ୍ତ୍ରଣ କରାନଗଲେ ପାର୍ବତ୍ୟ ଅଞ୍ଚଳରେ ଏଭଳି ବିଭୀଷିକା ବାରମ୍ବାର ଦେଖିବାକୁ ମିଳିବ । ଏହାହିଁ ଜଳବାୟୁ ପରିବର୍ତ୍ତନର ନିଷ୍ଠୁର ଏବଂ ସାଂଘାତିକ ସତ୍ୟତା । ପାହାଡ଼ିଆ ଅଞ୍ଚଳରେ ପରିବେଶକୁ ନଜରଅନ୍ଦାଜ କରି କରାଯାଉଥିବା ନିର୍ମାଣ କାର୍ଯ୍ୟ ହିଁ ପ୍ରଳୟର ମୁଖ୍ୟ କାରଣ । ରାସ୍ତାଘାଟ, ସହରୀକରଣ ଓ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ପାଇଁ ପାହାଡ଼ କଟାଯିବା ଫଳରେ ମାଟି ଦୁର୍ବଳ ହେଉଛି । ପ୍ରକୃତିର ସନ୍ତୁଳନ ରକ୍ଷା ନକରି କରାଯାଉଥିବା ବିକାଶ କେତେବେଳେ ମଧ୍ୟ ବିନାଶର ରୂପ ନେଇପାରେ । ଏହା ନେପାଳ ବନ୍ୟା ସ୍ପଷ୍ଟ କରିଦେଇଛି । ଦୁର୍ବଳ ଜଳ ନିଷ୍କାସନ ଓ ନଗର ପରିଚାଳନା କାଠମାଣ୍ଡୁ ଭଳି ସହରଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ମୁଖ୍ୟ କାରଣ । ନଦୀପଥକୁ ଅବରୋଧ ପୂର୍ବକ ବେଆଇନ ନିର୍ମାଣ ଓ ଜଳାଶୟଗୁଡ଼ିକୁ ପୋତିଦେବା ଫଳରେ ବର୍ଷାପାଣି ନଦୀକୁ ନଯାଇ ସହର ଭିତରକୁ ପଶୁଛି । ସହରଗୁଡ଼ିକୁ ବନ୍ୟା - ନିରୋଧୀ କରିବା ନିହାତି ଜରୁରୀ । ଭାରତର ହିମାଳୟ ସୀମାବର୍ତ୍ତୀ ରାଜ୍ୟ - ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ,ଏବଂ ଓଡ଼ିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟ ପାଇଁ ମଧ୍ୟ ନେପାଳ ସଙ୍କଟ ଏକ ବଡ଼ ଶିକ୍ଷା । ଓଡ଼ିଶାରେ ମଧ୍ୟ ପ୍ରତିବର୍ଷ ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟ ଆସୁଛି । ମହାନଦୀ ଅବବାହିକା ଏବଂ ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥାରେ ସୁଧାର ନଆସିଲେ ଆଗାମୀ ଦିନରେ ଆମକୁ ଏଭଳି ଭୟଙ୍କର ସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ । ପ୍ରକୃତି ଆମକୁ ସତର୍କ କରାଇ ଚାଲିଛି । ପ୍ରଳୟର ପଦଧ୍ୱନିକୁ ଶୁଣି ଆମେ ନ ଶୁଣିଲା ପରି ରହୁଛେ । ଅତ୍ୟାଧୁନିକ ବିକାଶ ଧାରାରେ ପ୍ରକୃତି ଅନୁକୂଳ ପରିବର୍ତ୍ତନ ନଆସିଲେ ବିପଦ ମୁଣ୍ଡାଇବା ନିଶ୍ଚିତ । ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ଓ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ଼ କରିବା ଆଜିର ବଡ଼ ଆହ୍ୱାନ । ଅନ୍ୟଥା ଆଗାମୀ ଦିନରେ ମାନବ ସମାଜ ଏହାଠାରୁ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେବ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨୮୩୧୯୦

# ବନ୍ୟା ପରବର୍ତ୍ତୀ ପରିଚାଳନା ଅଧିକ ଗୁରୁତ୍ୱପୂର୍ଣ୍ଣ

**ଡ. ଅରୁନ୍ଧତୀ ଦେବୀ**

> **ବନ୍ୟା ପରର ଆଉ ଏକ ବଡ଼ ସମସ୍ୟା ହେଉଛି ପିଇବା ପାଣିର । କୂଅ, ପୋଖରୀ ଏବଂ ନଳକୂପ ଗୁଡ଼ିକର ପାଣି ପ୍ରଦୂଷିତ ହୋଇଥାଏ ବନ୍ୟାପାଣିରେ । ଏସବୁ ପାଣି ପିଇଲେ ପେଟ ରୋଗ ସହିତ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନା ଥାଏ । ତେଣୁ ବନ୍ୟାଞ୍ଚଳ ଲୋକଙ୍କୁ କିଭଳି ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇ ପାରିବ ଏ ଦିଗକୁ ମଧ୍ୟ ପ୍ରାଥମିକତା ଦିଆଯିବା ଦରକାର । ବନ୍ୟା ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ବିଶେଷକରି ଜୀବନ ଜୀବିକାକୁ ଏକ ପ୍ରକାର ଠପ୍ କରିଦେଇଥାଏ । ପ୍ରାଶାସନିକ କ୍ଷେତ୍ର ସହ ଦାତବ୍ୟ ସଙ୍ଗଠନ ମାନଙ୍କର ସହଯୋଗ ମଧ୍ୟ ଜରୁରୀ ।**

ନେପାଳରେ ଅକଳ୍ପନୀୟ ଅଭାବନୀୟ ଜଳ ପ୍ରଳୟ ଧ୍ୱଂସର ଲୀଳା ସୃଷ୍ଟି କରିଛି । ତେବେ ତିବ୍ବତୀୟ କ୍ଷେତ୍ରରେ ଭୂକମ୍ପର ହିମସ୍ଖଳନ ପ୍ରଳୟଙ୍କରୀ ବନ୍ୟା ଧ୍ୱଂସର ଲୀଳା ଖେଳାଇ ଦେଇଛି । ଓଡ଼ିଶାରେ ଏବେ ବର୍ଷା ଓ ଏହାର ବିପତ୍ତିକୁ ନେଇ ପାଣିପାଗ ବିଭାଗ ମଧ୍ୟ ସୂଚନା ଦେଇସାରିଛନ୍ତି । ଲଗାତର ବନ୍ୟାର ଧ୍ୱଂସ ଲୀଳା ଓଡ଼ିଶାର ଜୀବନ ଜୀବିକା ଚଷାପୁଅଙ୍କ ଅଣ୍ଟା ଭାଙ୍ଗି ଦେଉଛି । ଚଳିତ ବନ୍ୟାରେ ସାତଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ସମେତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା କାରଣରୁ ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀ ପ୍ରଭୃତି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ଗାଁ ଗଣ୍ଡା ଠାରୁ ଆରମ୍ଭ କରି ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଅନୁସାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଏସବୁ ଜିଲ୍ଲାର ୧୦୦ଟି ବ୍ଲକର ୫୩୯ଟି ପଞ୍ଚାୟତର ୧୪୫୮ ଗାଁର ୭୦୫୨୩୨ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ଏ ସବୁ ଅଞ୍ଚଳରେ ଘର ଏବଂ ରାସ୍ତାଘାଟ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଛି, ଜନଜୀବନ ବିପର୍ଯ୍ୟୟ ହୋଇପଡ଼ିଛି ।

ଛତିଶଗଡ଼ରୁ ମଧ୍ୟ ଅତ୍ୟଧିକ ପାଣି ମହାନଦୀରେ ପ୍ରବାହିତ ହେଉଛି । ଛତିଶଗଡ଼ର ୧୦ଟି ଜିଲ୍ଲାରେ ହୋଇଥିବା ଭୀଷଣ ବର୍ଷା ଯୋଗୁ ସମସ୍ତ ଉପନଦୀ ଏବେ ମହାନଦୀକୁ ପ୍ଲାବିତ କରିବାରେ ଲାଗିଛି । ଛତିଶଗଡ଼ କଲମା ବ୍ୟାରେଜର ଦୁଇଟି ଅଚଳ ଗେଟକୁ ଛାଡ଼ିଦେଲେ ଅବଶିଷ୍ଟ ୬୪ଟି ଗେଟ ଖୋଲା ରଖିଛି । ଏହା ସତ୍ତ୍ୱେ ମଧ୍ୟ ସେଠାରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି ଜଳ । ତେଣୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ପୂରା ଟଳିନି ବୋଲି ଆଶଙ୍କା କରାଯାଏ ।

ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଛି ବନ୍ୟା ପରବର୍ତ୍ତୀ ସ୍ଥିତିକୁ ପରିଚାଳନା



କରିବା । ବନ୍ୟା ସମୟର ସ୍ଥିତି ଅପେକ୍ଷା ବନ୍ୟା ପରେ ପରେ ଯେଉଁସବୁ ସମସ୍ୟା ସୃଷ୍ଟି ହୁଏ ସେ ସବୁର ମୁକାବିଲା କରିବା ମଧ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଥାଏ । ବନ୍ୟାରେ ଘରଦ୍ୱାର ଭାଙ୍ଗିଛି, ମାଟିଘର ନିଶ୍ଚିହ୍ନ ହୋଇଛି, ରାସ୍ତାଘାଟ ଏବଂ ବଡ଼ ବଡ଼ ପୋଲ ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଛି । ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଛି, ବିଭିନ୍ନ ଜାଗାରେ ରାସ୍ତାଘାଟ ଧୋଇଯିବା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଚାଷଜମି ଜଳ ପ୍ଲାବିତ ହୋଇଛି । ଧାନଗଛ ପାଣିରେ ବୁଡ଼ି ରହିଛି । ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ଖରିଫ ଚାଷ ଉଜୁଡ଼ି ଯିବାର ଆଶଙ୍କା ଦେଖାଦେଇଛି ।

ବନ୍ୟା ଛାଡ଼ିବା ପରେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ । ଘରକୁ ଫେରିବା ପରେ ସେ ସଜଡ଼ା ଘର କ'ଣ ଆଉ ଥିବ ? ପୁଣିଥରେ ଉଜୁଡ଼ା ସଂସାରକୁ ସଜାଡ଼ିବା ପାଇଁ ସରକାରଙ୍କ ସହଯୋଗ ଦରକାର । ସରକାରଙ୍କ ତରଫରୁ କ୍ଷତିପୂରଣ କେତେ ଶୀଘ୍ର ଯୋଗାଇ ଦିଆଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । କ୍ଷୟକ୍ଷତିର ଆକଳନ ଉପରେ ସହାୟତା ନିର୍ଭର କରେ । ଅନେକ ଜାଗାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ନାଁରେ ଘର ଏବଂ ଜମିର ପଟ୍ଟା ନଥିବାରୁ ସେ ବ୍ୟକ୍ତିଜଣଙ୍କ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାଏ । ଏଭଳି ସ୍ଥିତି ଖୁବ ଦୁଃଖଦାୟକ ହୋଇଥାଏ । ତେଣୁ ପ୍ରକୃତ ହିତାଧିକାରୀ କିଭଳି ତା ପ୍ରାପ୍ୟରୁ ବଞ୍ଚିତ ନହୁଏ ସେ ଦିଗକୁ ସରକାର ଏବଂ ସ୍ଥାନୀୟ ଅଧିକାରୀମାନେ ଗୁରୁତ୍ୱ ଦେବା ଦରକାର । ବନ୍ୟା ସମୟରେ କୁମ୍ଭୀରମାନେ ଖୋଲାମେଲା ବନ୍ୟାରେ ପାଣିରେ ଆସି ଆତଙ୍କ ସୃଷ୍ଟି କରୁଥିବାବେଳେ ରାଜ୍ୟରେ ଏକ ପ୍ରକାର ନିୟମିତ ସାପ କାମୁଡ଼ିବା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି ।

ବନ୍ୟା ପରର ଆଉ ଏକ ବଡ଼ ସମସ୍ୟା ହେଉଛି ପିଇବା ପାଣିର । କୂଅ, ପୋଖରୀ ଏବଂ ନଳକୂପ ଗୁଡ଼ିକର ପାଣି ପ୍ରଦୂଷିତ ହୋଇଥାଏ ବନ୍ୟାପାଣିରେ । ଏସବୁ ପାଣି ପିଇଲେ ପେଟ ରୋଗ ସହିତ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନା ଥାଏ । ତେଣୁ ବନ୍ୟାଞ୍ଚଳ ଲୋକଙ୍କୁ କିଭଳି ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଇ ପାରିବ ଏ ଦିଗକୁ ମଧ୍ୟ ପ୍ରାଥମିକତା ଦିଆଯିବା ଦରକାର । ବନ୍ୟା ବିପର୍ଯ୍ୟୟ ସମସ୍ତଙ୍କ ପାଇଁ ବିଶେଷକରି ଜୀବନ ଜୀବିକାକୁ ଏକ ପ୍ରକାର ଠପ୍ କରିଦେଇଥାଏ । ପ୍ରଶାସନିକ କ୍ଷେତ୍ର ସହ ଦାତବ୍ୟ ସଙ୍ଗଠନ ମାନଙ୍କର ସହଯୋଗ ମଧ୍ୟ ଜରୁରୀ । ସହାୟତାର ମାନବିକତାର ଆଦର୍ଶ କଷ୍ଟ ପାଉଥିବା ମଣିଷ ମାନଙ୍କ ପାଇଁ ଆରୋଗ୍ୟସମ ଅମୃତସମ ହୋଇପାରିବ ।

କଟକ, ମୋ: ୯୯୩୭୧୭୨୮୧୦

# ଚମ୍ପୁଆ ମେଡିକାଲରେ ଡାକ୍ତର ଅଭାବ

## ୩୪ ପଦବୀରେ ଅଛନ୍ତି ମାତ୍ର ୧୩ ଜଣ, ରୋଗୀସେବା ବିପର୍ଯ୍ୟସ୍ତ



ଚମ୍ପୁଆ,(ନିପ୍ର): ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବ ଯୋଗୁଁ ରୋଗୀ ସେବା ଦିନକୁ ଦିନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ମେଡିକାଲରେ ମୋଟ ୩୪ଟି ଡାକ୍ତର ପଦବୀ ଥିବା ବେଳେ ବର୍ତ୍ତମାନ ମାତ୍ର ୧୩ ଜଣ ଡାକ୍ତର କାର୍ଯ୍ୟରତ ଥିବା ଜଣାପଡ଼ିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।
ଏହି ସମସ୍ୟା ସମ୍ପର୍କରେ ଚମ୍ପୁଆର ସାଧାରଣ ଲୋକଙ୍କ ସହ ରୋଗୀ କଲ୍ୟାଣ ସମିତିର ସଦସ୍ୟ ତରୁଣ କୁମାର ସାହୁ, ହ୍ୟୁମାନ ରାଇଟ୍ସ କାଉନସିଲ ଅଫ ଇଣ୍ଡିଆ ର ଜିଲ୍ଲା ସଭାପତି ଆବିଦ ଅନସାରୀ, ଫାୟାଜ ଅହମଦ, ଇସ୍ତାଖାର ଅହମଦ, ଅନିଲ ସାହୁ ପ୍ରମୁଖ ମେଡିକାଲର ଦାୟିତ୍ୱରେ ଥିବା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବି. କେ. ଦାସଙ୍କୁ ସାକ୍ଷାତ କରିଥିଲେ।
ସାକ୍ଷାତକାର ସମୟରେ ମେଡିକାଲରେ ରହିଥିବା ବିଭିନ୍ନ ସମସ୍ୟା, ବିଶେଷକରି ଡାକ୍ତର ଅଭାବ, ରୋଗୀ ସେବା ଓ ଆବଶ୍ୟକୀୟ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଚମ୍ପୁଆରେ ଟ୍ରମା ସେଣ୍ଟର ପାଇଁ ଅନୁମୋଦନ ମିଳି ସାରିଥିବା ବେଳେ ଏଥିପାଇଁ ଜାଗା ମଧ୍ୟ ଚିହ୍ନଟ ହୋଇ ସାରିଛି , ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ବୋଲି ମଧ୍ୟ ପ୍ରଶ୍ନ ଉଠିଥିଲା। ସେହିପରି ମେଡିକାଲରେ ଅଲ୍ଟ୍ରାସାଉଣ୍ଡ ଓ ଏକ୍ସ-ରେ ସେବା ସମ୍ପର୍କିତ ସମସ୍ୟାର ସ୍ଥାୟୀ ସମାଧାନ କିପରି କରାଯାଇପାରିବ, ଓ ଖାଲି ପଡିଥିବା ଡାକ୍ତର କିପରି ଆସିବେ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ଚମ୍ପୁଆ ଭଳି ଏକ ଉପାନ୍ତ ଅଞ୍ଚଳର ଲୋକେ ତଥା ପଡୋଶୀ ରାଜ୍ୟ ଝାରଖଣ୍ଡ ଏବଂ ମୟୂରଭଞ୍ଜ ଜିଲ୍ଲାର ରୋଗୀ ସାଧାରଣତଃ ଏହି ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ତେଣୁ ଖାଲି ପଡ଼ିଥିବା ଡାକ୍ତର ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ସହ ଟ୍ରମା ସେଣ୍ଟର, ଅଲ୍ଟ୍ରାସାଉଣ୍ଡ ଓ ଏକ୍ସ-ରେ ଭଳି ଆବଶ୍ୟକ ସେବାକୁ ସୁଚାରୁ ଭାବେ ଉପଲବ୍ଧ କରାଇବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

# ନିଶା ସେବନରୁ ନିବୃତ୍ତ ରହିବା ପାଇଁ ଶପଥ ପାଠ


କାଶୀନଗର/କଣ୍ଟିଲୋ(ନିପ୍ର): ପବିତ୍ର ରାକ୍ଷୀ ପୂର୍ଣ୍ଣମା ପାଳନ ଅବସରରେ କାଶୀନଗର ଠାରେ ଥିବା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ମୁଖ୍ୟ ପରିଚାଳିକା ବ୍ରହ୍ମକୁମାରୀ ମାଳାଙ୍କ ନିର୍ଦ୍ଦେଶ କ୍ରମେ ରାକ୍ଷୀ ବନ୍ଧନ ସହ ନିଶା ନିବାରଣ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ହୃଷିକେଶ ଗୌଡ଼ ଓ ସମ୍ମାନିତ ଅତିଥି ଭାବେ ମିଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ରଶ୍ମି ଉପସ୍ଥିତ ଥିବା ସମସ୍ତ ସଦସ୍ୟ, ସଦସ୍ୟ ଛାତ୍ର ଛାତ୍ରୀଙ୍କୁ ରାକ୍ଷୀ ବାନ୍ଧିବା ପରେ ନିଶା ସେବନରୁ ନିଜେ ଆଉ ନିଜ ଚାରିପାକ ଲୋକମାନଙ୍କୁ ନିବୃତ୍ତ ରହିବା ପାଇଁ ଶପଥ ପାଠ କରେଇ ଥିଲେ। ଏହି ଅଭିନବ ପ୍ରୟାସ ଛାତ୍ରଛାତ୍ରୀଙ୍କ ମନରେ ନୈତିକ ମୂଲ୍ୟବୋଧ, ଭାଇଚାରା ଓ ନାରୀ ସମ୍ମାନର ବାର୍ତ୍ତା ଭରିବାରେ ସଫଳ ହୋଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।
ଖଣ୍ଡପଡ଼ା ସହରର ୧୦ ନଂ ୱାର୍ଡସ୍ଥିତ ଓମ ଶାନ୍ତି ଭବନ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସେବାକେନ୍ଦ୍ର ପରିସରରେ ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ଉପସେବା କେନ୍ଦ୍ରର ମୁଖ୍ୟ ପରିଚାଳକ ତଥା ପ୍ରଫେସର ଗୋପବନ୍ଧୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଭଉଣୀ ଶୈଳବାଳାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ ଆର୍ତ୍ତତ୍ରାଣ ମିଶ୍ର, ଖଣ୍ଡପଡ଼ା ଉପକାରାଗାରର ପରିଚାଳିକା ରଶ୍ମିପ୍ରଭା ରାୟ,ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ର ଓ ଭବାନୀଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗ ଦେଇ ରକ୍ଷାବନ୍ଧନ ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂର୍ପକରେ ଆଲୋକପାତ କରିଥିଲେ।

# ରାଖୀ ପୂର୍ଣ୍ଣିମା: ଦେଖିବାକୁ ମିଳିଲା ନାହିଁ ନଡ଼ିଆ ଲଢେଇ

ପିପିଲି (ନିପ୍ର): ଗହ୍ମା ପର୍ବ ଓ ବଳଭଦ୍ର ଦେବ ଜନ୍ମ ଦିନରେ ନଡ଼ିଆ ଲଢେଇ ହେଉଛି । ପୁରୀ ଜିଲ୍ଲାର ସ୍ୱତନ୍ତ୍ର ନିଆରା ପର୍ବ। ହେଲେ ସେ ନଡ଼ିଆ ଲଢେଇ ଏବେ ପୁରୀ ଜିଲ୍ଲାରେ ହଜି ଗଲାଣି. ଜିଲ୍ଲାରେ ଅଛି ନଡ଼ିଆ ଲଢେଇ ନା ଦେଖେଣାହାରିଙ୍କ ମଉଜ ମଜଲିସ। ନଡ଼ିଆ ଲଢେଇ କରିବା ପାଇଁ ଯୁବପିଢ଼ି ଏବଂ ବୟସ୍କ ବ୍ୟକ୍ତି ମାନେ ପର୍ବର ମାସ ମାସ ପୂର୍ବରୁ ଭଲ ଭଲ ନଡ଼ିଆ ସଂଗ୍ରହ କରି ରଖି ଥାନ୍ତି ।ପର୍ବ ଦିନ ସକାଳ ସମୟରେ ପାଳିତ ଗୋରଙ୍କ ପାଇଁ ଘାସ କାଟି ରଖି ଗୋରୁଙ୍କୁ ତେଲ ହଳଦୀରେ ଶୌଚ କରି ବିଧିବଦ୍ଧ ଭାବରେ ପୂଜାର୍ଚ୍ଚନା କରି ଥାନ୍ତ। ପରେ ପର୍ବ ପାଳନ କରି ଅପରାହ୍ନ ସମୟରେ ଗଚ୍ଛିତ ଚିହ୍ନଟ ନଡ଼ିଆ ବଜାରକୁ ଆଣି ନଡ଼ିଆ ଲଢେଇ କରି ଥାନ୍ତି। ଏହି ସମୟରେ ନଡ଼ିଆ ଲଢେଇ ଉତ୍ସାହିତ କରୁ ଥିବା ବେଳେ ଦେଖଣାହାରୀମାନଙ୍କ ମଧ୍ୟରେ ବହୁତ ଆନନ୍ଦ ଉଲ୍ଲାସ ଦେଖା ଦେଇ ଥାଏ। ବିଶେଷ କରି ପୁରୀ ଜିଲ୍ଲା ପିପିଲି, ସାକ୍ଷୀଗୋପାଳ, ବଳଙ୍ଗା ଅଞ୍ଚଳରେ ବ୍ୟାପକ ନଡ଼ିଆ ଚାଷୀ ମାନେ ଥିବା ବେଳେ ସେମାନଙ୍କ ଠାରୁ ଉତ୍ସାହିତ ଯୁବକମାନେ ନଡ଼ିଆ ସଂଗ୍ରହ କରି ସାତଶଙ୍ଖ ବଜାର ଅଞ୍ଚଳରେ ଥିବା ଛକ ଏବଂ ଗ୍ରାମାଞ୍ଚଳ ମାନଙ୍କରେ ଗାଁ ଦାଣ୍ଡରେ ଏସବୁ କରାଯାଇ ଥାଏ। ଏହି ନଡ଼ିଆ ଲଢେଇ ସାରା ରାଜ୍ୟରେ ଚର୍ଚ୍ଚିତ ହୋଇ ରହି ଥିବା ବେଳେ ଏସବୁ ପରମ୍ପରା ହଜି ଯାଉଥିବା ନେଇ ପୁରୁଖା ନାଗରିକ ମହଲ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଛାତ୍ରଛାତ୍ରୀ ନେଲେ ନାରୀ ସମ୍ମାନ ଓ ଦେଶପ୍ରେମର ଶପଥ

ନିରାକାରପୁର(ନିପ୍ର): ସ୍ନେହ, ପବିତ୍ରତା ଓ ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମାକୁ ଏକ ନିଆରା ଏବଂ ଆଦର୍ଶ ଢଙ୍ଗରେ ପାଳନ କରିଛି ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ। ପ୍ରଥମ ଥର ପାଇଁ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନାରୀ ସମ୍ମାନ, ସମାଜ ପ୍ରତି ଦାୟିତ୍ୱବୋଧ ଏବଂ ଦେଶପ୍ରେମର ଶପଥ ଗ୍ରହଣ କରି ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ସକାଳ ୭ଟା ପୂର୍ବରୁ ବିଦ୍ୟାଳୟରେ ପ୍ରାୟ



୬୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ହୋଇଥିଲେ। ଏଥିମଧ୍ୟରେ ୨୫ ଜଣ ବାଳକ ଓ ୩୫ ଜଣ ବାଳିକା ସାମିଲ ଥିଲେ। ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ୱାର୍ଡ ସଦସ୍ୟା ରୀନା ବିଶ୍ୱାଳ ଓ ପାର୍ବତୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉତ୍ସାହିତ କରିଥିବା ବେଳେ ଏସ ଏମ୍ ସି ଅଧ୍ୟକ୍ଷା ରଶ୍ମିତା ପରିଡ଼ା ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସମ୍ମାନ ଓ ଦେଶପ୍ରେମର ଶପଥକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯଜ୍ଞେଶ୍ୱର ଛୋଟରାୟ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମା ପଛରେ ଥିବା ଆଦର୍ଶ ଓ ଭାଇ-ଭଉଣୀ ସମ୍ପର୍କର ମହତ୍ତ୍ୱ ବୁଝାଇଥିଲେ। ତାଙ୍କ ନେତୃତ୍ୱରେ ଛାତ୍ରମାନେ ବିଦ୍ୟାଳୟ ଓ ଗ୍ରାମର ସମସ୍ତ ଭଉଣୀଙ୍କୁ ସମ୍ମାନ ଦେବା, ଜଣେ ଜଣେ ଭଲ ନାଗରିକ ଭାବେ ଗଢ଼ିଉଠିବା ଏବଂ ଗ୍ରାମ ଓ ଦେଶର ଗୌରବ ବୃଦ୍ଧି କରିବା ପାଇଁ ଶପଥ ପାଠ କରିଥିଲେ। ଉତ୍ସବରେ ସଦସ୍ୟା ମମତା ସାଥୁଆ, ଟିକି ଭୋଇ, ସୂର୍ଯ୍ୟକାନ୍ତି ଜେନା ଏବଂ ଅଭିଭାବକ ତପନ ବିଶ୍ୱାଳ, ନିରଞ୍ଜନ ଦଳେଇ ଓ କୈଳାସ ଦଳେଇ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହାସହ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ମନୋରଞ୍ଜନ ସାହୁ, ପ୍ରତ୍ୟାଶା ଷଡ଼ଙ୍ଗୀ, ବିଷ୍ଣୁପ୍ରିୟା ସାହୁ, ସୁଭଶ୍ରୀ ରଣସିଂହ, ପ୍ରିୟାଂଶୀ ମିଶ୍ର, ସୋନାଲି ଜେନା ଓ ସୁଦାମ ଜେନା ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସ୍ମରଣୀୟ କରିଥିଲେ।

# ପାର୍ବଣ ଅବସରରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ

## ୩,୬୦୫ କିଲୋଗ୍ରାମ ଅପମିଶ୍ରିତ ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ, ୪୭୫ ନମୁନା ସଂଗ୍ରହ

ଭୁବନେଶ୍ୱର : ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବ୍ୟାପକ ଯାଂଚ କରାଯାଉଛି । ଖାଦ୍ୟ ସୁରକ୍ଷା କମିଶନର ଡ଼ ପୋମା ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ପୌରାଂଚଳ ଆଦି ଅଂଚଳରେ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଯାଂଚ କରାଯାଇ ଅପମିଶ୍ରିତ ଖରାପ ଖାଦ୍ୟ ସାମଗ୍ରୀ ଗୁଡିକ ନଷ୍ଟ କରାଯିବା ସହ ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଜି ଯାଏଁ ଏହି ଅଭିଯାନରେ ମୋଟ ୩,୬୦୫ କିଲୋଗ୍ରାମ ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ବେଳେ ୪୭୫ଟି ଖାଦ୍ୟ ନମୁନା ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଛି । ଏହାସହିତ ମୋଟ ୨,୮୪,୫୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। ସେଥିରୁ ବିଏମ୍ସି, ଭୁବନେଶ୍ୱର ଅଂଚଳରେ ସର୍ବାଧିକ ୭୮୭ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ସହ ୬୧ଟି ନମୁନା ସଂଗ୍ରହ ଏବଂ ୬୮,୫୦୦ ଟଙ୍କା ଜରିମାନା ଲଗାଯାଇଛି । ସେହିପରି କେଏମ୍‌ସି, କଟକରେ ୫୭୦ କିଲୋଗ୍ରାମ ଏବଂ ଆରଏମ୍ସି, ରାଉରକେଲାରେ ୧୨୩ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ଅପମିଶ୍ରଣ ଯୋଗୁଁ ନଷ୍ଟ କରାଯାଇଛି। ଜିଲ୍ଲାସ୍ତରରେ ମଧ୍ୟ ଜୋରଦାର ଅଭିଯାନ ମାଧ୍ୟମରେ ପୁରୀରେ ୧୨୦ କିଲୋଗ୍ରାମ, ବାଲେଶ୍ୱରରେ ୯୮ କିଲୋଗ୍ରାମ, ଢେଙ୍କାନାଳରେ ୯୫ କିଲୋଗ୍ରାମ, କେନ୍ଦ୍ରାପଡ଼ାରେ ୯୫ କିଲୋଗ୍ରାମ, ଏବଂ ସୁନ୍ଦରଗଡ଼ରେ ୭୦ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଛି। କେନ୍ଦ୍ରାପଡ଼ାରେ ୪୪,୦୦୦ ଟଙ୍କା, ଢେଙ୍କାନାଳରେ ୨୮,୦୦୦ ଟଙ୍କା ଏବଂ ଭଦ୍ରକରେ ୩୧,୫୦୦ ଟଙ୍କା ଜରିମାନା ଲଗାଯାଇଛି । ଏହି ଅଭିଯାନ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ଯୋଗାଣ ନିଶ୍ଚିତ କରିବା ଏବଂ ଖାଦ୍ୟ ବ୍ୟବସାୟୀମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପ୍ରତି ସଚେତନତା ବୃଦ୍ଧି କରିବା ଉପରେ ବିଭାଗ ଗୁରୁତ୍ୱ ଦେଇଛି । ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଭଳି ଯାଂଚ ଓ ନିରୀକ୍ଷଣ ଅଭିଯାନ ଜାରି ରହିବ। ଉପଭୋକ୍ତାମାନଙ୍କୁ ମଧ୍ୟ ଖାଦ୍ୟ କିଣିବା ସମୟରେ ଗୁଣବତା, ପରିଷ୍କାର-ପରିଚ୍ଛନ୍ନତା ଓ ଲେବେଲିଂ ଯାଂଚ କରିବାକୁ ବିଭାଗ ପକ୍ଷରୁ ସଚେତନ କରାଯାଇଛି ।

# ଅଲୋଡ଼ା ହେଲାଣି କି ଗୋସମ୍ପଦ, ଖୋଲା ଆକାଶ ତଳେ ବିତୁଛି ଜୀବନ



ପିପିଲି,(ନିପ୍ର): ଆଜିର ଯୁଗରେ ବଳଦମାନେ ଅଲୋଡ଼ା ହୋଇ ଯାଇଛନ୍ତି। ଟ୍ରାକ୍ଟର ଓ ବିଭିନ୍ନ କୃଷି ଯନ୍ତ୍ରପାତିକୁ ଲୋକେ ପ୍ରାଧାନ୍ୟ ଦେଉଛନ୍ତି । ଫଳରେ ବଳଦ ଅଥବା ଷଣ୍ଢ ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି । ଷଣ୍ଢଙ୍କ ଉପଦ୍ରବରେ ଚାଷୀମାନେ ତ୍ରାହି ତ୍ରାହି ଡାକିଲେଣି। ବଳଦ ଆବଶ୍ୟକତା ନଥିବାରୁ ଲୋକେ ଘରେ ଥିବା ଅଣ୍ଡିରା ବାଛୁରୀକୁ ଛାଡ଼ି ଦେଉଛନ୍ତି । ସେମାନେ ଷଣ୍ଢ ହୋଇ ବ୍ୟାପକ ଫସଲକୁ ନଷ୍ଟ କରୁଛନ୍ତି । ଯାହାକି ଚାଷୀକୁଳ ଯେ କୌଣସି ପନିପରିବା ଧାନ ଚାଷ କରୁ ଥିବା ବେଳେ ବୁଲା ଗାଇ ଗୋରୁ ବ୍ୟାପକ ଫସଲ ନଷ୍ଟ କରି ପକାଉ ଛନ୍ତି। ଚାଷୀ ହଜାର ହଜାର ଟଙ୍କା କରଜ କରି ଭଲ ଫସଲ କରି ଦି ପଇସା ରୋଜଗାର କରିବା ଆଶା ବାନ୍ଧି ଥିବା ବେଳେ ବୁଲା ଗୋରୁ ନଷ୍ଟ କରି ଦେବାରୁ ଏବେ ଅଞ୍ଚଳର ଚାଷୀ ମାନେ ଚାଷ ଛାଡି ବାକୁ ବସିଲାଣି। ଅପରପକ୍ଷରେ ଗାଇମାନେ ଯେତେବେଳେ କ୍ଷୀର ଦେଉଛନ୍ତି ସେହି ସମୟରେ ମାଲିକମାନେ ଘରେ ରଖୁ ଛନ୍ତି । ଏହାପରେ ସେମାନଙ୍କୁ ପଦାକୁ ଛାଡ଼ି ଦିଆଯାଉଛି । ପିପିଲି,ବଳଙ୍ଗାର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗ୍ରାମାଞ୍ଚଳରେ ମାଳମାଳ ଗାଇଗୋରୁ ବୁଲୁଛନ୍ତି । ରାସ୍ତା ଉପରେ ସେମାନଙ୍କ ଜୀବନଖୋଲା ଆକାଶ ତଳେ କଟୁଛି। ରାସ୍ତା ଅବରୋଧ ଯୋଗୁଁ ଗାଡ଼ି ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । କେତେବେଳେ ମଣିଷ ଖଣ୍ଡିଆ ଖାବରା ହେଉଛି ତ ଆଉ କେତେବେଳେ ଗାଇଗୋରୁ ଆହତ ହେଉଥିବାର ଲୋକେ ଅଭିଯୋଗ କରୁଛନ୍ତି।

# ବିଦ୍ୟାଳୟରେ ରାକ୍ଷୀ ବନ୍ଧନ ଓ ନିଶାମୁକ୍ତି ସଂକଳ୍ପ

ରମ୍ଭା,(ନିପ୍ର): ସୁବଳୟା ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷର ରାକ୍ଷୀ ବନ୍ଧନ ଓ ନିଶା ମୁକ୍ତ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି ଏଚ ସୁଧାକର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରମ୍ଭା ଥାନା ଏ ଏସ ଆଇ ଛବି ରାଣୀ ବେହେରା ସ୍ୱାଗତ କରିଥିଲେ। ଆଗାମୀ ସମୟରେ ଏକ ଆଞ୍ଚଳିକ ରକ୍ତ ଦାନ ଶିବିର ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜି ଦିବସର ମାହାତ୍ମ୍ୟ ଓ ମଦ ମୁକ୍ତି ତଥା ରକ୍ତଦାନର ସାମାଜିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।
ମହାବିଦ୍ୟାଳୟର ଯୁବ ରେଡ୍ କ୍ରସ୍ ସଂଯୋଜକ ଅଧ୍ୟାପକ ଡ଼ ଜଗଦୀଶ ଚନ୍ଦ୍ର ପାଲ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇ ଆଗାମୀ ଦିନରେ ନିଶାମୁକ୍ତ ଅଭିଯାନ ଭଳି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର କୁମାର ସାହୁ ଓ ସୁଦର୍ଶନ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସମୂହ,ସୁବଳୟା ଗ୍ରାମ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟା ବୃନ୍ଦ ଓ ରମ୍ଭା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓଁ ଶାନ୍ତି ଭଉଣୀମାନେ ଉପସ୍ଥିତ ରହି ଭାଇମାନଙ୍କୁ ରାକ୍ଷୀ ବାନ୍ଧିବା ସଙ୍ଗେ ସଙ୍ଗେ ନିଶା ସେବନରୁ ନିବୃତ୍ତ ରହି ନିଜ ପରିବାର ଓ ସମାଜର ହିତ ସାଧନ ପାଇଁ ନାରୀ ସଂକଳ୍ପ କରାଇଥିଲେ ।

# ମହାଲିଙ୍ଗ- ଚାରମାଳ ରାସ୍ତାରେ 'ମୋ ବସ୍' ଚଳାଚଳ ପାଇଁ ଦାବି

## ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ଦେଲେ ସ୍ୱେଚ୍ଛାସେବୀ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତରେ ଗମନାଗମନ ସୁବିଧା ପାଇଁ ପଞ୍ଚାୟତ ଅନ୍ତର୍ଗତ ମହାଲିଙ୍ଗ ଛକଠାରୁ ମୁଗପାଲ ଦେଇ ଚାରମାଳ ଏନ୍‌ଏଚ୍-୫୫କୁ ସଂଯୋଗ କରୁଥିବା ଆ ?ଡି ରାସ୍ତାରେ ବସ୍ ସେବା ଆରମ୍ଭ 'ମୋ ବସ୍' ସେବା ଯୋଗାଇ ଦେବାକୁ ଦାବି ହୋଇଛି।



ଏନେଇ ସ୍ୱେଚ୍ଛାସେବୀ ସଞ୍ଜୟ ସାଗର ଶୁକ୍ରବାର ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତିଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।
ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୈନନ୍ଦିନ କାର୍ଯ୍ୟ ପାଇଁ ଗ୍ରାମବାସୀମାନଙ୍କୁ ଏହି ରାସ୍ତା ଦେଇ ଚାରମାଳ ସ୍ଥିତ ଡାକ୍ତରଖାନା, କଲେଜ, ବଜାର, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ବନ ବିଭାଗ କାର୍ଯ୍ୟାଳୟକୁ ଯିବାକୁ ପଡ଼ିଥାଏ। ଏହାସହିତ ସମ୍ବଲପୁର ସହର ଓ ବୁର୍ଲା ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିବା ଲୋକେ ଏହି ରାସ୍ତା ଦେଇ ଜାତୀୟ ରାଜପଥରେ ପହଞ୍ଚି ଗାଡ଼ି ମୋଟର ଧରିଥାନ୍ତି । ଉଚିତ୍ ସରକାରୀ ପରିବହନ ବ୍ୟବସ୍ଥା ନ ଥିବାରୁ ଏଠାକାର ନିରୀହ ଗ୍ରାମବାସୀମାନେ ଦୀର୍ଘ ଦିନ ହେବ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଏହି ରୁଟ୍‌ରେ 'ମୋ ବସ୍' ସେବା ଆରମ୍ଭ କରାଯାଏ, ତେବେ ଲୋକେ ସୁବିଧା ଓ ସୁଲଭ ମୂଲ୍ୟରେ ଯାତାୟାତ କରିପାରିବେ ବୋଲି ଗ୍ରାମବାସୀ ଆଶାପ୍ରକାଶ କରିଛନ୍ତି ।

# ଅଜୟଗଡ଼ରେ ମେଗା ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,(ନିପ୍ର): ଗୁମ୍ମା ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଅଜୟଗଡ଼ଠାରେ ଏକ ବୃହତ୍ ମେଗା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଜୟଗଡ଼ ଓ ଏହାର ନିକଟବର୍ତ୍ତୀ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକ ଏହି ଶୁଣାଣିରେ ଯୋଗଦେଇ ନିଜ ନିଜ ସମସ୍ୟା ଓ ଅଭିଯୋଗ ଜଣାଇଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲେରାମ ମାରାଣ୍ଡି, ଗୁମ୍ମା ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।
ଏହି ମେଗା ଜନ ଅଭିଯୋଗ ଶୁଣାଣିରେ ଅଜୟଗଡ଼ ନିକଟବର୍ତ୍ତୀ ଅଞ୍ଚଳରୁ ୧୫୦୦ରୁ ଅଧିକ ଜନସାଧାରଣ ଯୋଗଦେଇଥିବା ଜଣାପଡ଼ିଛି। ଲୋକମାନେ ରାସ୍ତା, ପାନୀୟ ଜଳ, ଆବାସ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ, ଭତ୍ତା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କିତ ସମସ୍ୟା ଅଧିକାରୀ ଓ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।
ବିଧାୟକ ରୂପେଶ ପାଣିଗ୍ରାହୀ ଲୋକଙ୍କ ଅଭିଯୋଗଗୁଡ଼ିକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପ୍ରଶାସନ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣୁଥିବାରୁ ଏହି ଜନ ଅଭିଯୋଗ ଶୁଣାଣିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଗୁମ୍ମା ବ୍ଲକରେ ଏଭଳି ଜନମୁଖୀ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିଲେ ଦୂରଦୂରାନ୍ତର ଲୋକମାନେ ନିଜ ସମସ୍ୟାର ସମାଧାନ ପାଇବାରେ ଅଧିକ ସୁବିଧା ପାଇବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ଅଜୟଗଡ଼ ଗୁମ୍ମା ବ୍ଲକର ଏକ ଗ୍ରାମ ପଞ୍ଚାୟତ ଭାବେ ସରକାରୀ ତାଲିକାରେ ରହିଛି।

# ନିଆରା ଢଙ୍ଗରେ ରକ୍ଷାବନ୍ଧନ

ରାଉରକେଲା,(ନିପ୍ର): ସାମାଜିକ ଅନୁଷ୍ଠାନ ଦର୍ଶୀ ରକ୍ଷାବନ୍ଧନ ଉତ୍ସବ ନିଆରା ଢଙ୍ଗରେ ପାଳନ କରିଛି। ୭/୧୭ ଛକଠାରେ ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମରେ 'ଦର୍ଶୀ, କେବଳ ଭାଇ ନୁହେଁ ପ୍ରକୃତି ଆମକୁ ଜୀବନ ଦେଉଥିବାରୁ, ଗଛକୁ ମଧ୍ୟ ସୁରକ୍ଷାର ପ୍ରତିଶ୍ରୁତି ରଖି ରକ୍ଷାବନ୍ଧନ କାର୍ଯ୍ୟକ୍ରମ କରିଥିଲା। ଦର୍ଶୀର ମୁଖ୍ୟ ରଶ୍ମିରେଖା ମିଶ୍ର ଓ ସମ୍ପାଦିକା ସ୍ୱାଗତିକା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ୍ତ,




ଚିତ୍ରଶିଳ୍ପୀ ଦେବେନ୍ଦ୍ର ମହାରଣା, କବି କୁଞ୍ଜବିହାରୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ମତ ରଖିଥିଲେ।
ଭାଇ ଯେପରି ଭଉଣୀର ସୁରକ୍ଷାରେ ସହାୟତା କରେ, ସେହିପରି ବୃକ୍ଷ କେବଳ ଆମକୁ ଅମ୍ଳଜାନ ନୁହେଁ ଫଳ, ପୁଷ୍ପ,ପତ୍ର, ମୃର୍ତ୍ତିକା କ୍ଷୟରୁ ବଞ୍ଚାଇବା ସହ ଓ ପ୍ରକୃତିକୁ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଥିପାଇଁ ପ୍ରତ୍ୟେକ ଜନସାଧାରଣ ଏ ସମ୍ପର୍କରେ ଅଧିକ ସଚେତନ ହୋଇ ଗଛର ସୁରକ୍ଷା ନେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅତିଥି ମାନଙ୍କୁ ସଦସ୍ୟାମାନେ ରାକ୍ଷୀ ବାନ୍ଧିବା ସହ ଓ ପଥଚାରୀ ମାନଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ସୁଜାତା ସାହୁ, ସୁଜାତା ପାଣିଗ୍ରାହୀ, ସଂଯୁକ୍ତା ଜେନା, କଳ୍ପନା ଚକ୍ରବର୍ତ୍ତୀ, ପ୍ରବୀର ଚକ୍ରବର୍ତ୍ତୀ, ପ୍ରବୋଧ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବାରିପଦା ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଯୁବପିଢ଼ିଙ୍କୁ ଉତ୍ସାହିତ କଲା ଖେଲୋ ଇଣ୍ଡିଆ ସଂଳାପ

ବାରିପଦା/ଭୁବନେଶ୍ୱର: ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ 'ଖେଲୋ ଇଣ୍ଡିଆ ସଂଳାପ – ଖେଲ୍ କି ବାତ୍ ପିଏମ୍ ମୋଦୀ କେ ସାଥ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସୁସ୍ଥ, ସଶକ୍ତ ତଥା କ୍ରୀଡ଼ାଭିତିକ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସହିତ ଯୋଡ଼ି ହେବା ନିମନ୍ତେ ଏହା ଯୁବ ଛାତ୍ରଛାତ୍ରୀମାନଙ୍କୁ ଏକ ଉତ୍ସାହଜନକ ମଂଚ ପ୍ରଦାନ କରିଛି ।
ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟର କୁଳପତି ମହେନ୍ଦ୍ର ମହାନ୍ତି, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଦିବ୍ୟରଞ୍ଜନ ଦାସ ଏବଂ ଶ୍ରୀମତୀ ରଶ୍ମିତା ସାହୁ ଉପସ୍ଥିତ ଥିଲେ । ସେମାନେ ଉତ୍ସାହୀ ଛାତ୍ରଛାତ୍ରୀଙ୍କ ସହ ମିଶି ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ଅଭିଭାଷଣ ଶୁଣିଥିଲେ । ମନ୍ତ୍ରୀ ଡଃ ମହାପାତ୍ର ଯୁବପିଢ଼ିଙ୍କ ସଶକ୍ତୀକରଣ ତଥା ସେମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ଦୃଢ଼ ସଂକଳ୍ପ, ଦଳଗତ ମନୋଭାବ ଏବଂ ନେତୃତ୍ୱ ଗୁଣ ବିକଶିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।
ସେ କହିଥିଲେ ଯେ ଓଡ଼ିଶାର ଏକ ସମୃଦ୍ଧ କ୍ରୀଡ଼ା ପରମ୍ପରା ରହିଛି ଏବଂ ଏଠାକାର ଯୁବପିଢ଼ିଙ୍କ ମଧ୍ୟରେ ପ୍ରଚୁର ସମ୍ଭାବନା ରହିଛି । 'ଖେଲୋ ଇଣ୍ଡିଆ' ଭଳି ପଦକ୍ଷେପ ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଭା ଚିହ୍ନଟ, ଉନ୍ନତ ତାଲିମ ଏବଂ ଭିତିଭୂମି ଯୋଗାଇଦେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି।
ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, କ୍ରୀଡ଼ା କେବଳ ପଦକ ଜିତିବା ମଧ୍ୟରେ ସୀମିତ ନୁହେଁ, ବରଂ ଏକ ସୁସ୍ଥ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ପିଢ଼ି ଗଠନ କରିବାର ମାଧ୍ୟମ । କ୍ରୀଡ଼ାରେ ଅଧିକ ଭାଗୀଦାରିତା ଦ୍ୱାରା ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ସହ ରାଷ୍ଟ୍ର ନିର୍ମାଣ ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ପୂରଣରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ ।
ଯୁବପିଢ଼ିଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିଲେ ଯେ କିପରି ସମଗ୍ର ଦେଶରେ କ୍ରୀଡ଼ା ପ୍ରତିଭା ଚିହ୍ନଟ, ଉତ୍ସାହିତ ଏବଂ ସହାୟତା ପ୍ରଦାନ କରିବାରେ 'ଖେଲୋ ଇଣ୍ଡିଆ' ଏକ ଶକ୍ତିଶାଳୀ ମଞ୍ଚ ଭାବେ ଉଭା ହୋଇଛି। ଯୁବ କ୍ରୀଡ଼ାବିତ୍ ମାନଙ୍କୁ ଉପଯୁକ୍ତ ସୁଯୋଗ, ଗୁଣାତ୍ମକ ତାଲିମ, ଭିତିଭୂମି, ଉତ୍ସାହ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।
ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରୀଡ଼ାର ମହତ୍ୱ କେବଳ ପଦକ ଏବଂ ରେକର୍ଡ ମଧ୍ୟରେ ସୀମିତ ନୁହେଁ । ଏହା ଶୃଙ୍ଖଳା, ନିଷ୍ଠା, ଦଳଗତ କାର୍ଯ୍ୟ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ବ୍ୟକ୍ତିଗତ ଉନ୍ନତି ଓ ଜାତୀୟ ପ୍ରଗତିର ଏକ ଦୃଢ଼ ମୂଳଦୁଆ ସ୍ଥାପନ କରେ ।ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିଥିଲେ ଏବଂ ଭାରତର କ୍ରୀଡ଼ା ଭବିଷ୍ୟତ ପାଇଁ ତାଙ୍କ ଦୂରଦୃଷ୍ଟିରୁ ପ୍ରେରଣା ଲାଭ କରିଥିଲେ । ଏହି ଆଲୋଚନାରେ ଓଡ଼ିଶାର ଯୁବପିଢ଼ିଙ୍କ ବର୍ଦ୍ଧିତ ଆକାଂକ୍ଷା ଏବଂ ଦେଶର କ୍ରୀଡ଼ା ଯାତ୍ରାରେ ଅବଦାନ ରଖିବାର ଉତ୍ସାହ ପ୍ରତିଫଳିତ ହୋଇଥିଲା ।
ତୃଣମୂଳ ସ୍ତରରେ କ୍ରୀଡ଼ାର ପ୍ରସାର କରିବା ଏବଂ ବିଭିନ୍ନ ଅଂଚଳରୁ ପ୍ରତିଭାବାନ ଖେଳାଳିଙ୍କୁ ସୁଯୋଗ ଦେଇ ଭାରତର କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ 'ଖେଲୋ ଇଣ୍ଡିଆ' ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବାରିପଦାରେ ଆୟୋଜିତ ଏହି 'ଖେଲୋ ଇଣ୍ଡିଆ ସଂଳାପ' ଯୁବପିଢ଼ିଙ୍କ ଉର୍ଜା ଏବଂ ଆକାଂକ୍ଷାକୁ ଉଜ୍ଜୀବିତ କରିବା ସହ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ, କ୍ରୀଡ଼ାକୁ ଆପଣେଇବାକୁ ଏବଂବିକଶିତ ଭାରତ ନିର୍ମାଣ ଯାତ୍ରାରେ ନିଜର ଯୋଗଦାନ ଦେବାକୁ ପ୍ରେରିତ କରିଛି ।

# ସିଧାମୂଳା ଗ୍ରାମରେ ଗହ୍ମାଡିଆ ପର୍ବ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଗହ୍ମାଡିଆ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ଗ୍ରାମର କ୍ରୀଡାଙ୍ଗନରେ ଆୟୋଜିତ ଗହ୍ମାଡିଆ ପର୍ବକୁ ଉପଭୋଗ କରିବା ନିମନ୍ତେ ଆଖପାଖ ଗ୍ରାମରୁ ହଜାର ହଜାର ଜନସାଧାରଣଙ୍କ ସମାଗମ ହେବା ସହ ସମସ୍ତେ ଗହ୍ମାଡିଆ ପର୍ବକୁ ମନଭରି ଉପଭୋଗ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ବେଳେ ରେସିଂ ସାଇକେଲ ପ୍ରତିଯୋଗୀତାରେ ରୁଦ୍ରମାଧବ ଦଳେଇ ବିଜେତା ହୋଇ ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିବର୍ଷ ଉକ୍ତ ଉତ୍ସବକୁ ସିଧାମୂଳା ଗ୍ରାମସଭା ପକ୍ଷରୁ ଆୟୋଜନ କରାଯାଉଥିବା ଜଣାପଡିଛି। ସିଧାମୂଳା ଗ୍ରାମସଭାର ସଭାପତି କୈଳାସ ଚନ୍ଦ୍ର ଦଳେଇ ଓ ସମାଜସେବୀ ହେମନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦାରୁବ୍ରହ୍ମ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।

# ବିଦେଶୀ ଉଦ୍ଧାରକାରୀଙ୍କ ସହାୟତା ନେବାକୁ ମନାକଲା ନେପାଳ

## ନିଜସ୍ୱ ସେନା ଓ ପୁଲିସ ଦ୍ୱାରା ଉଦ୍ଧାରକାର୍ଯ୍ୟ ଜାରି



କାଠମାଣ୍ଡୁ, ୨୮।୮: ନେପାଳରେ ଭୋଟେ କୋଶୀ ନଦୀର ଭୟଙ୍କର ବନ୍ୟା ପରେ ନିଖୋଜ ଲୋକଙ୍କ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିରେ ସହଯୋଗ କରିବାକୁ ଭାରତ, ଚୀନ, ଆମେରିକା ସମେତ ବିଭିନ୍ନ ଦେଶ ପକ୍ଷରୁ ଦିଆଯାଇଥିବା ହେଲିକପ୍ଟର ଓ ପ୍ରଶିକ୍ଷିତ ଉଦ୍ଧାରକାରୀ ଦଳର ସହାୟତା ନେବାକୁ ନେପାଳ ସରକାର ମନା କରିଦେଇଛନ୍ତି। ନିଜ ଦେଶର ସୁରକ୍ଷା ଏଜେନ୍ସିଗୁଡ଼ିକ ଉଦ୍ଧାର କାର୍ଯ୍ୟ ସମ୍ଭାଳିବାରେ ସକ୍ଷମ ବୋଲି କହିଛି କାଠମାଣ୍ଡୁ । ନେପାଳରେ ଆକସ୍ମିକ ବନ୍ୟା ପରେ ବଢୁଛି ମୃତକ ଓ ନିଖୋଜଙ୍କ ସଂଖ୍ୟା । ନିଖୋଜଙ୍କ ମଧ୍ୟରେ ଶତାଧିକ ବିଦେଶୀ ନାଗରିକ । କୈଳାସ ମାନସରୋବର ଓ ଗୋସାଇଁକୁଣ୍ଡ ଯାତ୍ରାରେ ଯାଇଥିବା ଅନେକ ଭାରତୀୟ ମଧ୍ୟ ନିଖୋଜ ଅଛନ୍ତି । ଏଭଳି କ୍ଷେତ୍ରରେ ବିଭିନ୍ନ ଦେଶରୁ ସହାୟତା ସହ ଉଦ୍ଧାକାରୀ ଦଳର ସୁଅ ଛୁଟୁଛି । ଏପଟେ କିନ୍ତୁ ବିଦେଶୀ ଉଦ୍ଧାରକାରୀ ଦଳକୁ ଅନୁମତି ଦେବାକୁ ମନା କରି ଦେଇଛି ନେପାଳ । ଏହା ପଛରେ ରହିଛି ବଡ ରହସ୍ୟ । କୁହାଯାଉଛି ୨୦୧୫ ମସିହାର ଭୟାବହ ଭୂମିକମ୍ପର ଅଭିଜ୍ଞତା ମୁଖ୍ୟ କାରଣ ବୋଲି ନେପାଳୀ ଅଧିକାରୀମାନେ କହିଛନ୍ତି । ୨୦୧୫ରେ ଭୂମିକମ୍ପ ପରେ ବିଭିନ୍ନ ଦେଶରୁ ବହୁ ସଂଖ୍ୟାରେ ଉଦ୍ଧାରକାରୀ ଦଳ, ସାମରିକ ବିମାନ ଓ ରିଲିଫ୍ ସଂଗଠନ ନେପାଳରେ ପହଞ୍ଚିଥିଲେ । ଏହା ନେପାଳର ଜରୁରୀକାଳୀନ କ୍ଷମତା ବଢ଼ାଇଥିଲା । କିନ୍ତୁ ଏକାସାଙ୍ଗରେ ଏତେ ବିଦେଶୀ ଦଳ ପହଞ୍ଚିବା ଯୋଗୁ ଲଜିଷ୍ଟିକ୍ସ ଓ ପ୍ରଶାସନିକ ସମନ୍ୱୟରେ ସମସ୍ୟା ସୃଷ୍ଟି ହୋଇଥିଲା । ବିଦେଶୀ ଉଦ୍ଧାରକାରୀ ଦଳଗୁଡ଼ିକ ମଧ୍ୟରେ ସମନ୍ୱୟର ଅଭାବ ଏବଂ ସେମାନଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବାରେ ଅସୁବିଧା ହୋଇଥିବାରୁ ଏଥର ନେପାଳ ସ୍ପଷ୍ଟ ଭାବେ ନିଜସ୍ୱ ଚେନ୍ ଅଫ୍ କମାଣ୍ଡ ମଧ୍ୟରେ ଉଦ୍ଧାର ଅଭିଯାନ ଚଳାଇବାକୁ ଚାହୁଁଛି । ଉଦ୍ଧାରକାରୀ ଦଳକୁ ଅନୁମତି ନଦେଇଥିଲେ ମଧ୍ୟ ନେପାଳ ବିଦେଶୀ ଦେଶଗୁଡ଼ିକରୁ ରିଲିଫ୍ ସାମଗ୍ରୀ ଓ ଆର୍ଥିକ ସହାୟତା ଗ୍ରହଣ କରୁଛି । ଭାରତ 'ପଡ଼ୋଶୀ ପ୍ରଥମ' ନୀତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୧୦ ଟନ୍ ମାନବିକ ସହାୟତା ପଠାଇଥିଲା। ପରେ ସାମରିକ ପରିବହନ ବିମାନ ଯୋଗେ ଆଉ ୩୭.୫ ଟନ୍ ସାମଗ୍ରୀ ପଠାଯାଇଥିଲା। ଭାରତୀୟ ବାୟୁସେନା ଅସ୍ଥାୟୀ ଆଶ୍ରୟସ୍ଥଳୀ, କମ୍ବଳ, ହାଇଜିନ୍ କିଟ୍, ସୋଲାର ଲ୍ୟାମ୍ପ, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ପଠାଯାଇଛି। ବନ୍ୟାରେ ନଷ୍ଟ ହୋଇଥିବା ଛୋଟ-ବଡ଼ ଅନେକ ପୋଲର ପୁନର୍ନିର୍ମାଣ ପାଇଁ ବେଲି ବ୍ରିଜ୍ ଯୋଗାଇବାକୁ ମଧ୍ୟ ପ୍ରସ୍ତାବ ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ନେପାଳ ଯେଉଁ ସହାୟତା ଚାହିଁଛି, ଭାରତ ସେହି ଅନୁଯାୟୀ କାର୍ଯ୍ୟ କରୁଛି । ବିଦେଶରୁ ମିଳୁଥିବା ଆର୍ଥିକ ସହାୟତାକୁ କେନ୍ଦ୍ରୀଭୂତ କରିବା ପାଇଁ ନେପାଳ ସରକାର 'ୱାନ୍-ଡୋର୍ ମେକାନିଜମ୍' ଲାଗୁ କରିଛି। ବିଦେଶରେ ଥିବା ନେପାଳୀ ଦୂତାବାସ ଓ ମିଶନଗୁଡ଼ିକୁ କେବଳ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡ୍ ମାଧ୍ୟମରେ ଆର୍ଥିକ ସହାୟତା ସଂଗ୍ରହ କରିବାକୁ କୁହାଯାଇଛି। ଗୋଟିଏ ସ୍ଥାନରୁ ସବୁ ଅପରେଟ ହେଲା ପରେ ସମ୍ବଳ ପହଞ୍ଚାଇବା ସହଜ ହେବ ବୋଲି ସରକାର ଆଶା କରୁଛନ୍ତୁ । ଆମେରିକା, ବ୍ରିଟେନ୍ ଓ ବିଶ୍ୱ ବ୍ୟାଙ୍କ ସହାୟତା ଘୋଷଣା କରିଥିବାବେଳେ ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ଜରୁରୀକାଳୀନ ସହାୟତା ସହ ଭବିଷ୍ୟତରେ ବିପଦ ମୂଲ୍ୟାଙ୍କନ, ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଦୃଢ଼ ଭିତ୍ତିଭୂମି ପାଇଁ ସହଯୋଗର ପ୍ରସ୍ତାବ ଦେଇଛି।

## ଭାସି ଆସିଥିବା ୭ ଜଣଙ୍କ ମୃତଦେହ ଉତ୍ତରପ୍ରଦେଶରୁ ଉଦ୍ଧାର

ନୂଆଦିଲ୍ଲୀ, ୨୮।୮: ନେପାଳରେ ଭୟଙ୍କର ବନ୍ୟାଜଳରେ ଭାସି ଆସିଥିବା ୭ ଜଣଙ୍କ ମୃତଦେହ ଭାରତର ତଳିଆ ଅଞ୍ଚଳରୁ ମିଳିଛି। ଉତ୍ତର ପ୍ରଦେଶର ମହାରାଜଗଞ୍ଜ ଓ କୁଶୀନଗର ଜିଲ୍ଲାର ନଦୀଗୁଡ଼ିକରୁ ଏହି ମୃତଦେହଗୁଡ଼ିକୁ ଭାରତୀୟ କର୍ତ୍ତୃପକ୍ଷ ଉଦ୍ଧାର କରିଛନ୍ତି। ଏହି ଅଞ୍ଚଳ ନେପାଳର ବନ୍ୟାପ୍ରଭାବିତ ଦକ୍ଷିଣ ଚିତୱନ ସୀମାକୁ ଲାଗିଛି। ମୃତଦେହଗୁଡ଼ିକ ବନ୍ୟାରେ ଭାସି ଯାଇଥିବା ଲୋକଙ୍କର ବୋଲି ଅଧିକାରୀମାନେ କହିଛନ୍ତି। ମହାରାଜଗଞ୍ଜ ଜିଲ୍ଲା ମାଜିଷ୍ଟ୍ରେଟ୍ ଗୌରବ ସିଂହ ସୋଗରୱାଲ୍ଲ କହିଛନ୍ତି, ରୁବାର ଜିଲ୍ଲାରୁ ୪ଟି ଅଚିହ୍ନା ମୃତଦେହ ଉଦ୍ଧାର କରାଯାଇଛି। ସେ କହିଛନ୍ତି, ଆମର ଅନୁମାନ ଯେ ନେପାଳରେ ହଠାତ୍ ଆସିଥିବା ବନ୍ୟା ପରେ ଏହି ମୃତଦେହଗୁଡ଼ିକ ନଦୀ ସ୍ରୋତରେ ଭାସି ଭାରତକୁ ଆସିଛି। ସୀମାଠାରୁ ପ୍ରାୟ ୭୦ କିଲୋମିଟର କୁଶୀନଗର ଜିଲ୍ଲାରୁ ଆଉ ୩ଟି ମୃତଦେହ ଉଦ୍ଧାର କରାଯାଇଥିବା ଜଣେ ପୁଲିସ ଅଧିକାରୀ ନିଶ୍ଚିତ କରିଛନ୍ତି। କର୍ତ୍ତୃପକ୍ଷ ମୃତକମାନଙ୍କର ପରିଚୟ ଜାଣିବା ପାଇଁ ପ୍ରୟାସ କରୁଛନ୍ତି।

## ନେପାଳ ବନ୍ୟାରେ ଜୀବନ ରକ୍ଷା କଲା ହାଇଡ୍ରୋପାୱାର ସୁଡ଼ଙ୍ଗ, ବଞ୍ଚିଗଲେ ୩୫୦



କାଠମାଣ୍ଡୁ, ୨୮।୮: ନେପାଳରେ ବିନାଶକାରୀ ବନ୍ୟା ମଧ୍ୟରେ ଅପର ତ୍ରିଶୂଳୀ ହାଇଡ୍ରୋପାୱାର ପ୍ରକଳ୍ପର ଏକ ସୁଡ଼ଙ୍ଗ ଶତାଧିକ ଲୋକଙ୍କ ପାଇଁ ଜୀବନରକ୍ଷକ ପାଲଟିଛି। ବନ୍ୟାଜଳ ସହ ମାଟି, ପଥର ଓ ଆବର୍ଜନା ତଳ ଅଞ୍ଚଳରେ ତାଣ୍ଡବ ରଚୁଥିବା ବେଳେ ପ୍ରାୟ ୩୫୦ ଜଣ ଏହି ସୁଡ଼ଙ୍ଗ ଭିତରେ ଆଶ୍ରୟ ନେଇ ନିଜ ଜୀବନ ବଞ୍ଚାଇଥିଲେ । ନେପାଳୀ ସେନା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ଅଭିଯାନ ଚଳାଇ ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରେ ଅନେକ ଭାରତୀୟ ନାଗରିକ ମଧ୍ୟ ଥିବା ସୂଚନା ମିଳିଛି। ତେବେ ସୁଡ଼ଙ୍ଗ ଭିତରେ ଏବଂ ଏହାର ଆଖପାଖରେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା ରହିଛି। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଉଦ୍ଧାର ଅଭିଯାନ ଜାରି ରହିଛି। ରସୁୱା ଜିଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଥିଲା। ତୀବ୍ର ବେଗରେ ପାଣି ସହ ବଡ଼ ବଡ଼ ପଥର ଓ ଆବର୍ଜନା ଆସିବାରୁ ଖୋଲା ସ୍ଥାନରେ ରହିବା ବିପଦପୂର୍ଣ୍ଣ ହୋଇଥିଲା। ଏହି ସମୟରେ ଅପର ତ୍ରିଶୂଳୀ ହାଇଡ୍ରୋପାୱାର ପ୍ରକଳ୍ପର ସୁଡ଼ଙ୍ଗ ଲୋକଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ପାଲଟିଥିଲା।

## ଭାସିଆସିଥିବା ମୃତଦେହରୁ ଅଳଙ୍କାର ଲୁଟିଲେ ଯୁବକ



କାଠମାଣ୍ଡୁ, ୨୮।୮: ନେପାଳରେ ବିନାଶକାରୀ ବନ୍ୟା ଯୋଗୁ ହଜାର ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ଲୋକେ ନିଜ ଜୀବନ ବଞ୍ଚାଇବା ସହ ପରସ୍ପରକୁ ସାହାଯ୍ୟ କରୁଥିବା ବେଳେ ଏହାରି ମଧ୍ୟରେ ସାମ୍ନାକୁ ଆସିଛି ଏକ ଅମାନବୀୟ ଘଟଣା। ଘଟଣାଟି ସମଗ୍ର ମାନବ ସମାଜକୁ ଚକିତ କରିଦେଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଦ୍ରୁତଗତିରେ ଭାଇରାଲ ହେଉଛି। ଭିଡିଓରେ ବନ୍ୟା ପାଣିର ପ୍ରଖର ସ୍ରୋତରେ ଭାସି ଆସିଥିବା ଏକ ମୃତଦେହ ନିକଟରେ ଦୁଇ ଯୁବକ ଥିବା ଦେଖାଯାଉଛନ୍ତି। ସେମାନେ ମୃତଦେହର କାନରୁ ସୁନା ଅଳଙ୍କାର ଚୋରି କରିବାକୁ ଚେଷ୍ଟା କରୁଥିବା ଭିଡିଓରେ ଦାବି କରାଯାଇଛି। ଭିଡିଓଟି ସାମ୍ନାକୁ ଆସିବା ପରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅମାନବୀୟ କାର୍ଯ୍ୟ କରିଥିବା ଲୋକଙ୍କ ବିରୋଧରେ କଠୋର ଦଣ୍ଡ ଦାବି ହୋଇଛି। ଭିଡିଓ ଭାଇରାଲ ହେବା ପରେ ଚିତୱନ ଜିଲା ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଛାନଭିନ ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ହେପାଜତକୁ ନେଇଛି। ସେମାନଙ୍କ ପରିଚୟ ୨୫ ବର୍ଷୀୟ ମଦନ ଗୁରୁଙ୍ଗ ଓ ୩୮ ବର୍ଷୀୟ ଉମେଶ ଚୌଧୁରୀ ବୋଲି ଜଣାପଡ଼ିଛି।

## ଗୋଟିଏ ପରିବାରର ୨୯ ସଦସ୍ୟ ନିଖୋଜ

ନେପାଳ, ୨୮।୮: ନେପାଳର ଭୋଟକୋଶୀ ଏବଂ ତ୍ରିଶୂଳୀ ନଦୀ ଉପତ୍ୟକାରେ ଚଳିତ ସପ୍ତାହ ଆରମ୍ଭରୁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୫୦୦ରେ ପହଞ୍ଚିଥିବା ବେଳେ ପ୍ରାୟ ୧,୪୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ନେପାଳ ବନ୍ୟାର ଦୁଃଖ ମଧ୍ୟପ୍ରଦେଶର ଭୋପାଳରେ ପହଞ୍ଚିଯାଇଛି। କୋଲାର ଅଞ୍ଚଳର ବାସିନ୍ଦା ଦେବକୀ ଅଧିକାରୀଙ୍କ ସମ୍ପୂର୍ଣ୍ଣ ପରିବାର ନେପାଳ ବନ୍ୟାରେ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ନିଖୋଜ ଲୋକଙ୍କ ମଧ୍ୟରେ କେବଳ ଗୋଟିଏ କିମ୍ବା ଦୁଇ କିମ୍ବା ତିନିଜଣ ନୁହଁନ୍ତି, ବରଂ ପରିବାରର ୨୯ଜଣ ସଦସ୍ୟ ଅଛନ୍ତି। ଅଗଷ୍ଟ ୨୬ ପରଠାରୁ ସେମାନଙ୍କ ସହ ଯୋଗାଯୋଗ କରାଯାଇ ପାରୁ ନାହିଁ। ଅନ୍ୟପକ୍ଷରେ, ଗୁରୁବାର ରାତି ସୁଦ୍ଧା ୨୯୦ ଜଣ ଭାରତୀୟଙ୍କ ସହ ଯୋଗାଯୋଗ ହୋଇପାରି ନଥିବା ବେଳେ ତ୍ରିଶୂଳୀ-୧ ପ୍ରକଳ୍ପର ୬୩ ଜଣ ଶ୍ରମିକ ଏବଂ ତାମିଲନାଡୁର ୨୧ ଜଣଙ୍କୁ ମିଶାଇ ମୋଟ ୮୪ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। କୋଲାର ଅଞ୍ଚଳର ବାସିନ୍ଦା ଦେବକୀ ଅଧିକାରୀ କହିଛନ୍ତି ଯେ ତାଙ୍କ ପରିବାରର ୨୯ ଜଣ ସଦସ୍ୟ ନେପାଳର ରସୁୱା ଜିଲ୍ଲାର ଗୋସାଇଁକୁଣ୍ଡକୁ ତୀର୍ଥଯାତ୍ରାରେ ଯାଇଥିଲେ। ସେଠାରେ ଥିବା ସମୟରେ, ସେମାନେ ନେପାଳର ବନ୍ୟାରେ ଫସି ଯାଇଥିବା ସୂଚନା ଦେଇଥିଲେ। ଶେଷ ଥର ପାଇଁ ଅଗଷ୍ଟ ୨୬ ବୁଧବାର ସକାଳ ପ୍ରାୟ ୯:୩୦ ସମୟରେ ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ତା'ପର ଠାରୁ ପରିବାରର କୌଣସି ସଦସ୍ୟଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ।'

## ଲ୍ୟାଣ୍ଡିଂ ସମୟରେ ଫାଟିଗଲା ବିମାନର ଟାୟାର

### ଅଳ୍ପକେ ବର୍ତ୍ତିଲେ ୪୧ ଯାତ୍ରୀ

ନୂଆଦିଲ୍ଲୀ, ୨୮।୮: ଦିଲ୍ଲୀରୁ ଛତିଶଗଡ଼ର ବିଳାସପୁର ଯାଉଥିବା ଆଲାଏନ୍ସ ଏୟାରର ଏକ ବିମାନ ବିଳାସପୁର ବିମାନବନ୍ଦରରେ ଅବତରଣ କରିବା ସମୟରେ ଟାୟାର ଫାଟି ଯାଇଥିଲା। ବିମାନଟିରେ ୩୭ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟ ଥିଲେ, ଅର୍ଥାତ ମୋଟ ୪୧ ଜଣ। ଅବତରଣ କରିବା ପରେ, ସମସ୍ତଙ୍କୁ ସୁରକ୍ଷିତ ଭାବରେ ରନୱେକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ଟର୍ମିନାଲ କୋଠାକୁ ନିଆଯାଇଥିଲା। ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ କହିଛନ୍ତି ଯେ ଆଜି ସକାଳ ପ୍ରାୟ ୧୧ଟାରେ ୪୧ ଜଣ ଲୋକଙ୍କୁ ନେଇ ଯାଉଥିବା ଫ୍ଲାଇଟ୍ ୯ ଆଇ ୬୧୩ ରେ ଏହି ଘଟଣା ଘଟିଥିଲା। ସେମାନେ କହିଛନ୍ତି ଯେ ବିଳାସପୁର ବିମାନବନ୍ଦର ରନୱେରେ ବିମାନଟି ଅବତରଣ କରୁଥିବା ସମୟରେ, ଏହାର ବାମ ପାର୍ଶ୍ୱ ଟାୟାର ପଙ୍କଚର ହୋଇ ଫାଟି ଯାଇଥିଲା। ସେମାନେ କହିଛନ୍ତି ଯେ ଏହି ଘଟଣାରେ କୌଣସି ଯାତ୍ରୀ କିମ୍ବା କ୍ରୁ ସଦସ୍ୟ ଆହତ ହୋଇ ନାହାଁନ୍ତି। ସେମାନେ କହିଛନ୍ତି ଯେ ସମସ୍ତଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ଟର୍ମିନାଲ କୋଠାକୁ ନିଆଯାଇଛି। ଘଟଣା ପରେ, ଅଧିକାରୀମାନେ ଏହା ମଧ୍ୟ ରିପୋର୍ଟ କରିଛନ୍ତି ଯେ ଆଲାଏନ୍ସ ଏୟାର ଏୟାରଲାଇନ୍ସ ପରବର୍ତ୍ତୀ ସମୟରେ ଛତିଶଗଡ଼ର ବିଳାସପୁରକୁ ଏହାର ପରବର୍ତ୍ତୀ ଉଡ଼ାଣ ବାତିଲ କରିଛି।

## ମୋଦିଙ୍କ ଉଜବେକିସ୍ତାନ ଏବଂ କିର୍ଗିଜ୍ ଗଣରାଜ୍ୟ ଗସ୍ତ

ନୂଆଦିଲ୍ଲୀ, ୨୮।୮(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୯ ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଗସ୍ତରେ ଉଜବେକିସ୍ତାନ ଗସ୍ତ କରିବେ। ଏହାପରେ ସେ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୬ତମ ଏସସିଓ ସମ୍ମିଳନୀରେ ଯୋଗଦେବା ପାଇଁ କିର୍ଗିଜ୍ ଗଣରାଜ୍ୟ ଗସ୍ତ କରିବେ। ଏହି ଚାରିଦିନିଆ କେନ୍ଦ୍ର ଏସିଆ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଉଜବେକିସ୍ତାନ ସହ ଆଞ୍ଚଳିକ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ଏସସିଓ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ବିଷୟବସ୍ତୁ ଉପରେ ଆଲୋଚନା କରିବେ।

## ଦିଲ୍ଲୀରେ ବଢୁଛି ସ୍ୱାଇନଫ୍ଲୁ: ୧୭ ଦିନରେ ୧୨୬୮ ମାମଲା

ନୂଆଦିଲ୍ଲୀ, ୨୮।୮: ସ୍ୱାଇନ ଫ୍ଲୁ ସଂକ୍ରମଣ ଏବେ କେବଳ ଜାତୀୟ ରାଜଧାନୀ ଦିଲ୍ଲୀ ମଧ୍ୟରେ ସୀମିତ ନାହିଁ। ବର୍ଷା ଋତୁ ଯୋଗୁ ଦିଲ୍ଲୀ ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ତାମିଲନାଡୁ, କେରଳ, ଗୁଜୁରାଟ ଓ ରାଜସ୍ଥାନ ସମେତ ଅନ୍ୟ ରାଜ୍ୟରେ ସଂକ୍ରମଣ ଦ୍ରୁତ ବଢୁଛି। ଦିଲ୍ଲୀରେ ଅଗଷ୍ଟ ୧୦ ତାରିଖ ସୁଦ୍ଧା ୧୩୪୪ଟି ସ୍ୱାଇନ ଫ୍ଲୁ ମାମଲା ଥିଲା। ଏହା ଅଗଷ୍ଟ ୨୦ ତାରିଖ ବେଳକୁ ୧୭୭୭ ଓ ୨୭ ତାରିଖ ବେଳକୁ ୨୬୧୨କୁ ପହଞ୍ଚି ଯାଇଛି। ଅର୍ଥାତ ୧୦ରୁ ୨୭ ଅଗଷ୍ଟ ୧୭ ଦିନରେ ୧୨୬୮ ଟି ମାମଲା ବଢିଛି। ଏହି ସମୟରେ ଇନଫ୍ଲୁଏଞ୍ଜା-ଏ ର ମୋଟ ମାମଲା ୩୩୦୦ରୁ ଅଧିକ ରିପୋର୍ଟ ହୋଇଛି। ଭାରତରେ ଇନଫ୍ଲୁଏଞ୍ଜା ଗତିବିଧି ମୌସୁମୀ ଓ ଶୀତ ଉଭୟ ଋତୁରେ ବଢିଥାଏ। ଏଣୁ ଅଗଷ୍ଟର ବୃଦ୍ଧି ଦୃଷ୍ଟିରୁ ନଭେମ୍ବରରୁ ଫେବୃଆରୀ ମଧ୍ୟରେ ମାମଲା ଦ୍ରୁତ ବଢିବ ବୋଲି ଆଶଙ୍କା କରାଯାଉଛି। ଏହି କାରଣରୁ ଫ୍ଲୁ ଭେକ୍ସିନ ଚାହିଦା ଗତବର୍ଷର ସମାନ ଅବଧିରେ ପାଖାପାଖି ୩ ଗୁଣା ଓ ଜୁଲାଇ ତୁଳାରେ ୨ ଗୁଣାରୁ ଅଧିକ ବଢିଛି। ମହାରାଷ୍ଟ୍ରରେ ଅଗଷ୍ଟ ୨୧ ତାରିଖ ସୁଦ୍ଧା ୧୧୦୯ଟି ସ୍ୱାଇନଫ୍ଲୁ ମାମଲା ସାମ୍ନାକୁ ଆସିଛି। ଏହା ୨୦୨୫ର ୯୪୨ଟି ମାମଲରୁ ଅନେକ ଅଧିକ। ଏଥିରୁ ମୁମ୍ବାଇରେ ୪୮୮ଟି ଓ ପୁଣେରେ ୨୪୧ ମାମଲା ରହିଛି। ଏହା ରାଜ୍ୟର ମୋଟ ମାମଲାର ପାଖାପାଖି ୬୫ ପ୍ରତିଶତ ବୋଲି କୁହାଯାଇଛି। କର୍ଣ୍ଣାଟକରେ ୨୨ ଅଗଷ୍ଟ ପର୍ଯ୍ୟନ୍ତ ୩୨ ଜିଲ୍ଲାରେ ୪୨୧୨ଟି ଲ୍ୟାବରେଟରୀ ଦ୍ୱାରା ପୁଷ୍ଟି ହୋଇଥିବା ଇନଫ୍ଲୁଏଞ୍ଜା ମାମଲା ମିଳିଛି।

### ସଡ଼କ ପରିବହନ ମନ୍ତ୍ରାଳୟଙ୍କ ବଡ଼ ନିଷ୍ପତ୍ତି

# ହାଇୱେ ଏବଂ ଏକ୍ସପ୍ରେସ୍ ୱେ କାମର ହେବ ଥାର୍ଡପାର୍ଟି ଯାଞ୍ଚ

ନୂଆଦିଲ୍ଲୀ, ୨୮।୮: ଏକ୍ସପ୍ରେସ୍ ୱେ ଏବଂ ନ୍ୟାସନାଲ ହାଇ ୱେ ପ୍ରୋଜେକ୍ଟସ୍‌ରେ କାମର ମାନ ସୁଧାର ସହ ଅବହେଳା ରୋକିବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ବଡ଼ ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରାଳୟ ଦେଶର ପାଖାପାଖି ୫୦୦୦ କିଲୋମିଟର ଦୀର୍ଘ ଏକ୍ସପ୍ରେସ୍ ୱେ ଏବଂ ହାଇୱେ ନିର୍ମାଣ ଆରମ୍ଭରୁ ନେଇ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିରୀକ୍ଷଣ ଓ ଯାଞ୍ଚ ଲାଗି ଥାର୍ଡପାର୍ଟି ଅଡିଟକୁ ଅନିବାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି। ଆରମ୍ଭରେ ତୃତୀୟପକ୍ଷ ନିରୀକ୍ଷଣ ଏଜେନ୍ସି (ଟିପିଏ)କୁ ୩ ବର୍ଷ ଅବଧି ନିମନ୍ତେ ନିଯୁକ୍ତ କରାଯିବ। ଏକ ଇଂରାଜୀ ୱେବସାଇଟରୁ ମିଳୁଥିବା ସୂଚନା ଆଧାରରେ ସଡ଼କ ପରିବହନ ମନ୍ତ୍ରାଳୟ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଳୟ ଅନ୍ତର୍ଗତ ଇଞ୍ଜିନିୟରିଂ କନସଲଟାନ୍ସି ଫାର୍ମ 'ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ' (ଇଆଏଲ)କୁ ଏଥି



ପାଇଁ ବାଛିବାକୁ ନିଷ୍ପତ୍ତି ନେଇଛି। ଏହି ଏଜେନ୍ସି ମୁଖ୍ୟରୂପେ ସାରା ଦେଶରେ ଏକ୍ସପ୍ରେସ୍ ୱେ, ସିକ୍ସ ଲେନ୍ ଓ ୪ ଲେନର ନ୍ୟାସନାଲ ହାଇୱେର ଅଡିଟ କରିବ। ବର୍ତ୍ତମାନ ନିର୍ମାଣ କାର୍ଯ୍ୟର କ୍ୱାଲିଟି ଯାଞ୍ଚ (ଥାର୍ଡ ପାର୍ଟି କ୍ୱାଲିଟି ଅଡିଟ) ସ୍ୱତନ୍ତ୍ର ଅଡିଟରଙ୍କ ଦ୍ୱାରା କରାଯାଉଛି। ଏଥିରେ ଅଧିକାଂଶ ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଏଆଇ) ଓ ଅନ୍ୟ ସରକାରୀ ଏଜେନ୍ସିଙ୍କ ଦ୍ୱାରା ସୂଚୀବଦ୍ଧ ଅବସରପ୍ରାପ୍ତ ସରକାରୀ ଇଞ୍ଜିନିୟର ଥାଆନ୍ତି। ଏହି ଏଜେନ୍ସିକୁ ମୋଟ ୫ ହଜାର କିଲୋମିଟର ଦୀର୍ଘ ସଡ଼କ ନେଟୱାର୍କର ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯିବ। ଏଥିରେ ୭୭୦ କିଲୋମିଟର ଏକ୍ସପ୍ରେସ୍ ୱେ, ୨,୨୦୦ କିଲୋମିଟର ୬ ଲେନ୍ ରାଜମାର୍ଗ ଓ ୪ ଲେନ ଓ ୨ଲେନ ରାଜମାର୍ଗର ୧ ହଜାର କିଲୋମିଟର ଲେଖାଏଁ ଅଂଶ ସାମିଲ ରହିବ। ନିର୍ମାଣର ମାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସଡ଼କ ପରିବହନ ମନ୍ତ୍ରାଳୟକୁ ସ୍ୱତନ୍ତ୍ର ଥାର୍ଡପାର୍ଟି ଅଡିଟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଯୋଜନା ଅନୁସାରେ ଇଆଇଏଲର ଭୂମିକା ମୁଖ୍ୟ ରୂପେ ଅନୁବନ୍ଧରେ ନିର୍ଦ୍ଧାରିତ ଟେକ୍ନିକାଲ ମାନ ଓ ଗାଇଡଲାଇନ ପାଳନର ଯାଞ୍ଚ ଓ ନିରୀକ୍ଷଣ ମଧ୍ୟରେ ସୀମିତ ରହିବ।

## ଚୀନରେ ୫.୧ ତୀବ୍ରତାର ଭୂକମ୍ପ ଝଟକା

ନୂଆଦିଲ୍ଲୀ, ୨୮।୮: ଚୀନ୍‌ରେ ଭୂମିକମ୍ପର ଝଟକା। ୫.୧ ତୀବ୍ରତାର ଭୂମିକମ୍ପରେ ଥରିଲା ସିଚୁଆନ୍ ପ୍ରଦେଶର କିଛି ଅଞ୍ଚଳ। ଚୀନର ସରକାରୀ ଖବର ସଂସ୍ଥା ସିନହୁଆର ରିପୋର୍ଟ ଅନୁସାରେ, ନାଇଜିଆଙ୍ଗର ଲଙ୍ଗଚାଙ୍ଗ ସହର ନିକଟରେ ଏହି ଭୂକମ୍ପ ଅନୁଭୂତ ହୋଇଛି। ଚୀନ୍ ଭୂକମ୍ପ ନେଟୱର୍କ କେନ୍ଦ୍ର ଅନୁସାରେ, ବେଜିଂ ସମୟ ଦିନ ୧ଟା ୧୩ ମିନିଟ୍‌ରେ ଭୂମିକମ୍ପ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୧୩ କିଲୋମିଟର ଗଭୀରରେ ଥିବା ଜଣାପଡ଼ିଛି। ତେଣୁ ନିକଟବର୍ତ୍ତୀ ଅଞ୍ଚଳରେ ଏହାର ଝଟକା ଅନୁଭୂତ ହୋଇଥାଇପାରେ। ଲଙ୍ଗଚାଙ୍ଗ ସହର ସିଚୁଆନ୍ ବେସିନରେ ଅବସ୍ଥିତ। ଏହି ଅଞ୍ଚଳ ସିଚୁଆନ୍ ଓ ଏହାର ଆଖପାଖ ଅଞ୍ଚଳକୁ ଯୋଡୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ କେନ୍ଦ୍ର ଭାବେ ମଧ୍ୟ ଜଣାଶୁଣା ।

## କାଶ୍ମୀରୀ ପଣ୍ଡିତଙ୍କୁ ପୁଣି ଧମକ

ଶ୍ରୀନଗର, ୨୮।୮: ଜାମ୍ମୁ-କାଶ୍ମୀରରେ କାଶ୍ମୀରୀ ପଣ୍ଡିତମାନଙ୍କୁ ପୁଣି ଧମକ ଦିଆଯାଇଛି। ଲସ୍କର-ଏ-ତୋଇବା (ଏଲ୍ଇଟି) ସହ ସମ୍ପର୍କ ଥିବା କୁହାଯାଉଥିବା ୟୁନାଇଟେଡ୍ ଲିବରେସନ୍ କାଉନସିଲ (ୟୁଏଲସି) ନାମରେ ଅଗଷ୍ଟ ୨୭ ତାରିଖର ଏକ ଧମକପୂର୍ଣ୍ଣ ଚିଠି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଚଳିତ ମାସରେ କାଶ୍ମୀର ପଣ୍ଡିତଙ୍କୁ ଟାର୍ଗେଟ୍ କରି ଏହା ଚତୁର୍ଥ ଧମକ ବୋଲି ରିପୋର୍ଟ ହୋଇଛି। ତେବେ ଚିଠିର ସତ୍ୟତା ଏବଂ ଏହା ପଛରେ କିଏ ଅଛି ସେନେଇ ସୁରକ୍ଷା ଓ ଗୁଇନ୍ଦା ଏଜେନ୍ସି ଯାଞ୍ଚ କରୁଛନ୍ତି। ଚିଠିରେ କାଶ୍ମୀରୀ ପଣ୍ଡିତଙ୍କ ବିସ୍ଥାପନ ଓ ହତ୍ୟା ସମ୍ପର୍କିତ ପୁରୁଣା ମାମଲା ପୁଣି ଖୋଲିବା ପ୍ରୟାସକୁ ନେଇ ଆପତ୍ତି ଉଠାଯାଇଛି। ଏଥିରେ ବିଜବେହରା, ଗାବକାଦଲ, ସୋପୁର ଓ ହଣ୍ଡୱାଡ଼ା ଘଟଣାର ମଧ୍ୟ ତଦନ୍ତ କରିବାକୁ କୁହାଯାଇଛି। ବିସ୍ଥାପିତ ପଣ୍ଡିତଙ୍କ ସମ୍ପର୍କିତ ମାମଲା ଖୋଲିବାରେ ଯେଉଁମାନେ ଭୂମିକା ନେଉଛନ୍ତି, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଚିଠିରେ ଧମକ ଦିଆଯାଇଛି। ଅତିରିକ୍ତ ସୁରକ୍ଷା ଦିଆଗଲେ ମଧ୍ୟ ଏଥିରୁ ସୁରକ୍ଷା ମିଳିବ ନାହିଁ ବୋଲି ମଧ୍ୟ ଧମକ ଦିଆଯାଇଛି।

## ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର: 'ମିଛ' କହି ଖଣ୍ଡନ କଲେ ଇରାନର ସୁରକ୍ଷା ପ୍ରମୁଖ

ନୂଆଦିଲ୍ଲୀ, ୨୮।୮: ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର ରିପୋର୍ଟକୁ ନେଇ ତେଜିଲା ଚର୍ଚ୍ଚା । ରିପୋର୍ଟକୁ 'ମିଛ' ଓ 'ଭିତ୍ତିହୀନ' କହି ସମ୍ପୂର୍ଣ୍ଣ ଖଣ୍ଡନ କଲେ ଇରାନର ସୁରକ୍ଷା ପ୍ରମୁଖ ମୋହସେନ ରେଜାଇ । ଅନ୍ୟପଟେ ଘଟଣା ଉପରେ ଆମେରିକା ସିକ୍ରେଟ୍ ସର୍ଭିସର ତୀକ୍ଷ୍ଣ ନଜର । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାନପୁଅ ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ସମ୍ଭାବ୍ୟ ଷଡ଼ଯନ୍ତ୍ର ରଚାଯାଉଥିବା ନେଇ ଏକ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହି ରିପୋର୍ଟକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଚର୍ଚ୍ଚା ତୀବ୍ର ହୋଇଛି। ଲେବାନନର ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଇରାନର ସୁରକ୍ଷା ପ୍ରମୁଖ ମୋହସେନ ରେଜାଇ କହିଛନ୍ତି ଯେ, ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କିତ ରିପୋର୍ଟ ସମ୍ପୂର୍ଣ୍ଣ ମିଛ ଏବଂ ଭିତ୍ତିହୀନ। ସେ ଏହି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛନ୍ତି । ତେବେ ଏହି ବିବାଦର ଆରମ୍ଭ ହୋଇଥିଲା ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏକ ଭିଡିଓକୁ ନେଇ । ଏହି ଭିଡିଓରେ ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା କରିବାର ସମ୍ଭାବ୍ୟ ଷଡ଼ଯନ୍ତ୍ର ସମ୍ପର୍କରେ ଦାବି କରାଯାଇଥିବା ସୂଚନା ମିଳିଥିଲା । ଏହି ଭିଡିଓ ସମ୍ପର୍କରେ ଆମେରିକା ସିକ୍ରେଟ୍ ସର୍ଭିସ୍ ମଧ୍ୟ ଅବଗତ ଥିବା କହିଥିଲା । ଘଟଣା ଉପରେ କଡ଼ା ନଜର ରଖାଯାଇଛି ବୋଲି ମଙ୍ଗଳବାର ସିକ୍ରେଟ୍ ସର୍ଭିସ୍ ପକ୍ଷରୁ କୁହାଯାଇଥିଲା । ଅର୍ଥାତ୍ ଗୋଟିଏ ପଟେ ବ୍ୟାରନ୍ ଟ୍ରମ୍ପଙ୍କୁ ନେଇ ହତ୍ୟା ଷଡ଼ଯନ୍ତ୍ରର ରିପୋର୍ଟ, ଅନ୍ୟପଟେ ଇରାନ ପକ୍ଷରୁ ତାହାକୁ ସିଧାସଳଖ ଖଣ୍ଡନ । ଏହାରି ଭିତରେ ଆମେରିକା ସିକ୍ରେଟ୍ ସର୍ଭିସର ନଜର ରହିବା ଘଟଣାକୁ ଆହୁରି ଗୁରୁତ୍ୱ ଦେଇଛି।

## ମନ୍ତ୍ରୀ ଓ ବିଧାୟକ ପଦରୁ ଇସ୍ତଫା ଦେଲେ ବି. ନାଗେନ୍ଦ୍ର

ବେଙ୍ଗାଲୁରୁ, ୨୮।୮: କର୍ଣ୍ଣାଟକ ସରକାରଙ୍କ ମନ୍ତ୍ରୀ ତଥା କଂଗ୍ରେସ ନେତା ବି. ନାଗେନ୍ଦ୍ର ରାଜ୍ୟ ମନ୍ତ୍ରୀମଣ୍ଡଳ ଏବଂ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। 'କର୍ଣ୍ଣାଟକ ମହର୍ଷି ବାଲ୍ମୀକି ଅନୁସୂଚିତ ଜନଜାତି ଉନ୍ନୟନ ନିଗମ' ରେ ହୋଇଥିବା ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ନାଗେନ୍ଦ୍ର କହିଛନ୍ତି ଯେ, ନିଜ ଦଳ (କଂଗ୍ରେସ) କୁ କୌଣସି ପ୍ରକାରର ଅସୁବିଧା କିମ୍ବା ଲଜ୍ଜାଜନକ ସ୍ଥିତିରୁ ରକ୍ଷା କରିବା ପାଇଁ ସେ 'ସ୍ୱେଚ୍ଛାକୃତ ଭାବରେ' ନିଜ ପଦବୀରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ନିଜକୁ ବିଜେପିର 'ମନୁବାଦୀ ରାଜନୀତି' ର ଶିକାର ବୋଲି ଅଭିଯୋଗ କରିଛନ୍ତି ଏବଂ ବିରୋଧୀ ଦଳ ତାଙ୍କୁ ଚକ୍ରାନ୍ତ କରି ଫସାଇବାକୁ ଚେଷ୍ଟା କରୁଛି ବୋଲି ଦାବି କରିଛନ୍ତି। ଏହା ସହ ସେ ସାମ୍ବାଦିକ ସମ୍ମିଳନୀରେ କାନ୍ଦୁଥିବା ମଧ୍ୟ ଦେଖିବାକୁ ମିଳିଛି । ବାଲ୍ମୀକି ଉନ୍ନୟନ ନିଗମର ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୮୯ କୋଟିରୁ ଅଧିକ ଟଙ୍କା ଗାଏବ ଏବଂ ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ଅଭିଯୋଗ ହୋଇଥିଲା। ୨୦୨୪ ମସିହାରେ ନିଗମର ଜଣେ ଅଧିକାରୀ ଚନ୍ଦ୍ରଶେଖରନ୍ ଆତ୍ମହତ୍ୟା କରିବା ଏବଂ ତାଙ୍କ ସୁଇସାଇଡ୍ ନୋଟ୍‌ରେ ଆର୍ଥିକ ଅନିୟମିତତା କଥା ଉଲ୍ଲେଖ କରିବା ପରେ ଏହି ଦୁର୍ନୀତି ସାମ୍ନାକୁ ଆସିଥିଲା। ବିଜେପି ଏବଂ ଜେଡିଏସ୍ ନାଗେନ୍ଦ୍ରଙ୍କ ଇସ୍ତଫା ଦାବିରେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ ଜାରି ରଖିଥିଲେ।

## ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କର ପରଲୋକ



ନୂଆଦିଲ୍ଲୀ, ୨୮।୮: ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶୁକ୍ରବାର ଓସଲୋ ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ନେଇ ରାଜପ୍ରାସାଦ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ବିୟୋଗ ପରେ ପୁଅ, କ୍ରାଉନ୍ ପ୍ରିନ୍ସ ହାକନ୍ ନୋରୱେର ପରବର୍ତ୍ତୀ ରାଜା ଭାବରେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ରାଜା ହାରାଲ୍ଡ 'ହେମୋଲିଟିକ୍ ଆନେମିଆ' ରୋଗରେ ପୀଡ଼ିତ ହୋଇ ଅଗଷ୍ଟ ୧୭ ରୁ ଚିକିତ୍ସିତ ହେଉଥିଲେ। ପୂର୍ବରୁ ୨୦୦୩ରେ ତାଙ୍କର କର୍କଟ ଅପରେସନ୍ ହୋଇଥିଲା ଏବଂ ୨୦୨୪ରେ ପେସମେକର ଖଞ୍ଜା ଯାଇଥିଲା। ୧୯୯୧ରୁ ଶାସନ ଭାର ସମ୍ଭାଳିଥିବା ହାରାଲ୍ଡ ୟୁରୋପର ସବୁଠାରୁ ବୟସ୍କ ସମ୍ରାଟ ଥିଲେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନିଜ ଦାୟିତ୍ୱ ପାଳନ କରିଥିଲେ। ଏହି ସିଂହାସନ ଆରୋହଣ ଏପରି ସମୟରେ ହେଉଛି, ଯେତେବେଳେ କ୍ରାଉନ୍ ପ୍ରିନସେସ୍ ମେଟେ-ମାରିଟ୍ ଆମେରିକାର ବିବାଦୀୟ ବ୍ୟକ୍ତି ଜେଫ୍ରି ଏପଷ୍ଟିନଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି।

### ଏସଟିଏଫ ଆଇଜି ଭାବେ ଯୋଗଦେଲେ ହିମାଂଶୁ ଲାଲ

# ମାଫିଆରାଜ ଚାଲିବନି, ଏଣିକି ସିଧା ଏନ୍‌କାଉଣ୍ଟର

ଭୁବନେଶ୍ୱର(ନି.ପ୍ର): ଏସଟିଏଫ ଆଇଜି ଭାବେ ବରିଷ୍ଠ ଆଇପିଏସ୍ ଅଫିସର ହିମାଂଶୁ ଲାଲ ଯୋଗ ଦେଇଛନ୍ତି। ୨୦୦୩ ବ୍ୟାଚର ଆଇପିଏସ୍ ଅଫିସର ଶ୍ରୀଲାଲଙ୍କର ଏସଟିଏଫ ଡିଆଇଜି ଭାବେ ଅଭିଜ୍ଞତା ରହିଛି। ୨୦୧୮ରେ ଏସଟିଏଫ ଡିଆଇଜି ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ଏହାସହ ସେ ପୂର୍ବରୁ ମଧ୍ୟ ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟ କରିସାରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସେ ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ସ୍ଥିତିକୁ ଅଧିକ ସୁଦୃଢ଼ କରିବା ନେଇ ନିଜର ପ୍ରାଥମିକତା ସ୍ପଷ୍ଟ କରିଛନ୍ତି। ତାଙ୍କର ମୁଖ୍ୟ ଲକ୍ଷ ମଧ୍ୟରେ ନିଶା ମୁକ୍ତ ଓଡ଼ିଶା ଗଠନ ଦିଗରେ କାମ କରି ବେଆଇନ ନିଶା କାରବାର ଏବଂ ସଂପୃକ୍ତ ନେଟୱର୍କ ଉପରେ ଚଢ଼ାଉ କରିବା ସହ ସଂଗଠିତ ଅପରାଧୀ ଦଳ ଏବଂ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି, ବେଆଇନ ଗୋ-ଚାଲାଣ ରୋକିବା ଦିଗରେ ପଦକ୍ଷେପ, ଅବୈଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ କଡ଼ା ନଜର ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଖଣି ଅଞ୍ଚଳରେ ଚାଲିଥିବା ସମସ୍ତ ପ୍ରକାର ବେଆଇନ ମାଇନିଂ ଏବଂ ହେରଫେର ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜି ଆଇପିଏସ୍ ହିମାଂଶୁ ଲାଲ କହିଛନ୍ତି। ଏହାସହ ଦଣ୍ଡାଦେଶ ଉପରେ ମଧ୍ୟ ହରଇଜି ଗୁରୁତ୍ୱାରୋପ କରିଛନ୍ତି। ନୂଆ ଆଇନ ବଳରେ ଆମ ପାଖରେ ସମସ୍ତ ଟେକ୍‌ନୋଲୋଜି ରହିଛି। ଯାହାଦ୍ୱାରା ଦଣ୍ଡବିଧାନ ହାର ବଢ଼ାଇବାରେ ସାହାଯ୍ୟ ହେବ। ରାଜ୍ୟରେ କୌଣସି ବି ବେଆଇନ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଏସଟିଏଫ୍ ଏବଂ ଇଓଡବ୍ଲ୍ୟୁ ଦ୍ୱାରା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଆଇଜି କହିଛନ୍ତି। ଏହି ନିଯୁକ୍ତି ନିଶା ଓ ସଂଗଠିତ ଅପରାଧ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜୋରଦାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଅଗଷ୍ଟ ୨୧ ତାରିଖରେ ୬ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଅଦଳବଦଳ ହୋଇଥିଲା। ରାଜ୍ୟ ଗୃହ ବିଭାଗ ପକ୍ଷରୁ ନେଇ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ଅଦଳବଦଳରେ ପୂର୍ବରୁ ଉତ୍ତରାଞ୍ଚଳ (ସମ୍ବଲପୁର)ର ଆଇଜି ଭାବେ କାର୍ଯ୍ୟରତ ଥିବା ବରିଷ୍ଠ ଆଇପିଏସ୍ ଅଫିସର ହିମାଂଶୁ ଲାଲଙ୍କୁ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁର ଆଇଜି ପଦବୀ ସହ ଏସଟିଏଫର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏସଟିଏଫ୍ ବର୍ତ୍ତମାନ ନିଶା ବିରୋଧୀ କାର୍ଯ୍ୟରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବେଳେ ୨୦୧୮ରେ ଏସଟିଏଫର ଡିଆଇଜି ଭାବେ କାର୍ଯ୍ୟ କରୁଥିବା ବେଳେ ହିମାଂଶୁଙ୍କର ଏନେଇ ପୂର୍ବ ଅଭିଜ୍ଞତା ଥିବା କୁହାଯାଉଛି। ସେହିପରି ଇଓଡବ୍ଲ୍ୟୁ ଆର୍ଥିକ ଅପରାଧ, ଆର୍ଥିକ ଅପରାଧ ଓ ସାଇବର ଠକେଇ ଭଳି ମାମଲାରେ କାର୍ଯ୍ୟ କରୁଥିବାବେଳେ ବରିଷ୍ଠ ଆପିଏସ୍‌ଙ୍କ ଦିଗଦର୍ଶନରେ ଏହା ମଧ୍ୟ ଉତ୍ତମ ପ୍ରଦର୍ଶନ କରିବ ବୋଲି କୁହାଯାଉଛି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଆକ୍ସନ୍ ମୋଡରେ ରହିଛନ୍ତି। ନିଶା ଓ ସଂଗଠିତ ଅପରାଧ ରୋକିବା ପାଇଁ ଭାରତୀୟ ନ୍ୟାୟ ସଂହିତାର ୧୧୧ ଧାରା ଲାଗୁ କରାଯିବ ଏବଂ ସଜା ନିଶ୍ଚିତ କରିବା ଉପରେ ବିଶେଷ ନଜର ରଖାଯିବ ବୋଲି କହିଛନ୍ତି।



## ବସ୍ତିରେ ଭାଇଗିରି: ପୋଲିସ୍ ଉଠାଇନେଲା

ଭୁବନେଶ୍ୱର(ନି.ପ୍ର): ବସ୍ତିରେ ଭାଇଗିରି କରୁଥିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି। ଅଭିଯୋଗକାରୀ ବାପି ଦାସଙ୍କ ଏତଲା ଆଧାରରେ ଖଣ୍ଡଗିରି ଥାନା ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତ ସଂଗ୍ରାମ ଗୌଡ ଓରଫ ମୁନା (୩୧)କୁ ଗିରଫ କରିଛି। ଅଭିଯୁକ୍ତ ନିଜକୁ ବସ୍ତିର ଜଣେ ଦାଦା ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରେ। ୨୭ ତାରିଖ ରାତିରେ ସିରିପୁର ଛକରେ ଅଭିଯୁକ୍ତ ମୋ-ରୁମର କାଚ କାହିଁକି ଭାଙ୍ଗିଲୁ କହି ଅଭିଯୋଗକାରୀଙ୍କ ସହ ଝଗଡ଼ା କରିଥିଲା। ଅଭିଯୋଗକାରୀ କାଚ ଭାଙ୍ଗିନଥିବା କହି ଘରକୁ ପଳାଇ ଆସିଥିଲେ। କିନ୍ତୁ କିଛି ସମୟ ପରେ ଅଭିଯୁକ୍ତ ହାତରେ ଖଣ୍ଡା ଧରି ତାଙ୍କ ଘରେ ପହଞ୍ଚିଥିଲା ଏବଂ ବାହାରକୁ ଆସିବାକୁ ଧମକ ଦେଇଥିଲା। ପରେ ଅଭିଯୋଗକାରୀ ବାହାରକୁ ଆସିବାରୁ ଅଭିଯୁକ୍ତ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଖଣ୍ଡାରେ ହାଣିଦେବାକୁ ଉଦ୍ୟମ କରିଥିଲା। ମାତ୍ର ଅଭିଯୋଗକାରୀ ତଳେ ବସିପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଏବଂ ଭୟରେ ୧୧୨କୁ ଫୋନ୍ କରିଥିଲେ। ପିସିଆର ଆସିବା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖଣ୍ଡଗିରି ପୋଲିସ ଅଭିଯୁକ୍ତର ଘରେ ଚଢ଼ାଉ କରି ଗିରଫ କରିବାରେ ସଫଳ ହୋଇଛି। ପଚରାଉଚରା ବେଳେ ସେ ନିଜର ଦୋଷ ମାନିବା ସହ ନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ଏଭଳି କରିଥିବା କହିଛି।

### କଟକରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ

## କିଚେନ ଭିତରେ ଅସ୍ୱାସ୍ଥ୍ୟକର ପରିବେଶ, ଏକ୍ସପାଏରୀ ଖାଦ୍ୟ ବିକ୍ରି

କଟକ(ନିପ୍ର): କଟକ ସହରରେ ଖାଦ୍ୟର ମାନ ଓ ସ୍ୱଚ୍ଛତା ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କଟକର ବାଦାମବାଡ଼ି ଛକ ଅଞ୍ଚଳରେ ଏକ ସଂସ୍ଥା ଉପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଅଚାନକ ଚଢ଼ାଉ କରି ଯାଞ୍ଚ କରିଛି। ଯାଞ୍ଚ ସମୟରେ କିଚେନ୍ ଭିତରେ ଅସ୍ୱାସ୍ଥ୍ୟକର ପରିବେଶ ଥିବା ଟିମ୍ ଦେଖିବାକୁ ପାଇଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଞ୍ଚ କରିବା ସମୟରେ ଖାଦ୍ୟ ପ୍ରସ୍ତୁତି ସ୍ଥାନରେ ସ୍ୱଚ୍ଛତାକୁ ନେଇ ଅବହେଳା ଥିବା ଦେଖିବାକୁ ମିଳିଥିଲା। କିଚେନର ପରିବେଶ ଅସ୍ୱାସ୍ଥ୍ୟକର ଥିବାରୁ ଖାଦ୍ୟର ଗୁଣବତ୍ତା ଓ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚଢ଼ାଉ ସମୟରେ ଆହୁରି ଏକ ଗୁରୁତର ଅନିୟମିତତା ସାମ୍ନାକୁ ଆସିଥିବା ଜଣାପଡ଼ିଛି। ଏକ୍ସପାଏରୀ ହୋଇଯାଇଥିବା ଖାଦ୍ୟକୁ ରଖି ଏହାର ତାରିଖ ପରିବର୍ତ୍ତନ କରି ପୁଣି ବିକ୍ରି କରାଯାଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଜାଣିବାକୁ ପାଇଥିବା ସୂଚନା ମିଳିଛି। ଏଭଳି ଖାଦ୍ୟ ବିକ୍ରି ହେଉଥିଲେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇପାରେ। ତେଣୁ ଘଟଣାକୁ ନେଇ ବିଭାଗୀୟ ଟିମ୍ ପକ୍ଷରୁ ଯାଞ୍ଚ ଜାରି ରହିଛି। ଚଢ଼ାଉ ସମୟରେ ମିଳିଥିବା ଅନିୟମିତତା ଓ ଖାଦ୍ୟ ସାମଗ୍ରୀକୁ ନେଇ ଅଧିକ ଯାଞ୍ଚ କରାଯାଉଛି। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ ନିୟମ ଉଲ୍ଲଂଘନ ହୋଇଥିଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ହୋଇପାରେ। ବାଦାମବାଡ଼ି ଛକ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ଖାଦ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ତେବେ ଚଢ଼ାଉ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗାମୀ ସମୟରେ କ'ଣ ପଦକ୍ଷେପ ନିଆଯାଉଛି, ତାହା ଉପରେ ନଜର ରହିଛି।

---

## ପିପିଲିରେ ଯାଞ୍ଚ ହେଉନି ଖାଦ୍ୟ: ନିଘୋଡ଼ ନିଦରେ ଖାଦ୍ୟ ସୁରକ୍ଷା ଅଧିକାରୀ

ପିପିଲି(ନିପ୍ର): ପିପିଲି ଅଞ୍ଚଳରେ ଥିବା ନାମିଦାମୀ ହୋଟେଲଗୁଡିକରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପ୍ରତି ହେଉନି ଯାଞ୍ଚ କି କାର୍ଯ୍ୟାନୁଷ୍ଠାନ । ଏସବୁ ନ ହେବା ଦ୍ୱାରା ହୋଟେଲ ମାଲିକମାନେ ବାସି ମାଛ, ଚିକେନ. ମଟନ ଫ୍ରିଜରେ ରଖି ପରଦିନ ଗରମ କରି ଜନସାଧାରଣଙ୍କୁ ଖାଦ୍ୟ ଦେଉଥିବା ଖାଉଟି ମାନେ ପ୍ରକାଶ କରୁଛନ୍ତି । ଏମିତି ବାସି ଖାଦ୍ୟ ଦେଇ ମୋଟା ଅଙ୍କର ଅର୍ଥ ଲୁଟି ନେଉଥିବା ଭଳି ଚର୍ଚ୍ଚା ହେଉଛି । ମିଲ ଚାର୍ଜ ବଢ଼ାଇ ନେଉଥିବା ବେଳେ ମାଲିକମାନେ ଖାଦ୍ୟର ମାନ ତାଲିକା ଦର୍ଶାଉନଥିବା ଜନସାଧାରଣମାନେ ଅଭିଯୋଗ କରିଛନ୍ତି । ଏସବୁ ପିପିଲି ଅଞ୍ଚଳରେ ଥିବା ନାମିଦାମୀ ହୋଟେଲ ମାଲିକମାନେ ଖାଦ୍ୟ ପରୀକ୍ଷା ନ କରିବା ନିମନ୍ତେ ପୁରୀ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମାସିକ ମୋଟା ଅଙ୍କର ଅର୍ଥ ଦେଇ ସେମାନଙ୍କ ପାଇଁ ପିପିଲି ଅଞ୍ଚଳରୁ ମଟନ, ଚିଙ୍ଗୁଡ଼ି ପାର୍ସଲ ପଠାଯାଉଥିବା କେତେ ଜଣ ବ୍ୟକ୍ତି ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ହୋଟେଲମାନଙ୍କରେ ଗ୍ରାମାଞ୍ଚଳରୁ ନିରୀହ ବ୍ୟକ୍ତିମାନେ ଖାଦ୍ୟ ଖାଇବାକୁ ଯାଉଥିବା ବେଳେ ହୋଟେଲ ମାଲିକ ଅଣଦେଖା କରି ନାମିଦାମୀ କାର ଯୋଗେ ଆସୁଥିବା ବାବୁମାନଙ୍କୁ ଶୋଷଣ କରିବା ଉଦେଶ୍ୟ ରଖି ଖାଦ୍ୟ ଦେଉଥିବା କେତେକ ଖାଉଟି ଜନସାଧାରଣ ଦୁଃଖର ସହିତ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ଜିଲ୍ଲା ପ୍ରଶାସନ ନଜର ଦେବାକୁ ପିପିଲି ଅଞ୍ଚଳବାସୀ ସମେତ ଜିଲ୍ଲା ବାହାରୁ ଆସୁଥିବା ଜନସାଧାରଣମାନେ ଦାବି କରିଛନ୍ତି । ଏନେଇ ଜଣେ ବ୍ୟକ୍ତିଙ୍କୁ ପଚାରିବାରେ ସେ କହି ଛନ୍ତି ଖାଦ୍ୟ ତ ଖାଉଅଛୁ, ହୋଟେଲ ମାଲିକମାନେ ଖାଦ୍ୟର ମାନର ଅର୍ଥ ନନେଇ ତାଙ୍କ ମୁଖରୁ ଯାହା ବାହାରୁଚି ସେଇ ଅନୁଯାୟୀ ଶୋଷଣ କରୁଛନ୍ତି ।

### କୁକୁର ମାଲିକଙ୍କୁ ମେୟରଙ୍କ ଚେତାବନୀ

## ସହର ସୌନ୍ଦର୍ଯ୍ୟ ନଷ୍ଟ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ସୁଲୋଚନା ଦାସ କୁକୁର ରଖିଥିବା ମାଲିକଙ୍କୁ ଚେତାବନୀ ଦେଇଛନ୍ତି। କୁକୁର ରଖ, ସୌଉକ କର ଠିକ୍ ଅଛି। ହେଲେ ନିଜ ଘରୁ ନେଇ ଅନ୍ୟ ଘର ଆଗ ହେଉ କି ବିଏମସି କରିଥିବା ସୌନ୍ଦର୍ଯ୍ୟକରଣ ସ୍ଥଳ ହେଉ ଏଭଳି ଅବୈଧ ଭାବେ ମଳତ୍ୟାଗ କରାଇଲେ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏଥିପାଇଁ ବିଏମସି କଠୋର ହେବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବ। କୁକୁର ଦ୍ୱାରା କାହାକୁ ଅସୁବିଧାରେ ପକାନ୍ତୁ ନାହିଁ। ସହରକୁ ପରିଷ୍କାର ଓ ସୁନ୍ଦର ରଖିବା ପାଇଁ ସମସ୍ତ ନାଗରିକ ସହଯୋଗ କରନ୍ତୁ। ଯଦି କେହି କୁକୁରକୁ ରାସ୍ତା କିମ୍ବା ପାର୍କରେ ମଳତ୍ୟାଗ କରାନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର ଚେତାବନୀ ଦେଇଛନ୍ତି। ମେୟର ପୂର୍ବରୁ ମଧ୍ୟ ସହରର ପରିଷ୍କାରତା ଓ ପଶୁ ସମ୍ପର୍କିତ ବିଷୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସହରକୁ ଅଧିକ ସୁନ୍ଦର ଓ ବାସୋପଯୋଗୀ କରିବାକୁ ସହରବାସୀଙ୍କୁ ଅପିଲ କରିଛନ୍ତି। ନାଗରିକମାନେ କୁକୁର ରଖିବା ସମୟରେ ଦାୟିତ୍ୱବାନ ହେବା ଉଚିତ ବୋଲି କହିଛନ୍ତି। ସହରର ସୌନ୍ଦର୍ଯ୍ୟ ରକ୍ଷା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମେୟର ଆହ୍ୱାନ ଦେଇଛନ୍ତି।

---

## ବାଇକ ଚୋର ବନ୍ଧାହେଲା

ଭୁବନେଶ୍ୱର(ନି.ପ୍ର): ଖଣ୍ଡଗିରି ଥାନା ପୋଲିସ ଚୋରା ବାଇକ୍ ବିକ୍ରି ନେଇ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତ ରତ୍ନାକର ସାମଲ (୪୬)କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ୨୮ ତାରିଖ ଦିନବେଳା ଖଣ୍ଡଗିରି ପୋଲିସର ପାଟ୍ରୋଲିଂଟିମ ଓୟୁଏଟି କଲୋନୀ ନିକଟରେ ଚଢ଼ାଉ କରିଥିଲା। ସେଠାରେ ଜଣେ ବ୍ୟକ୍ତି ଗୋଟିଏ ନାଲି ରଙ୍ଗର ଏଚଏଫ ଡିଲକ୍ସ ବାଇକକୁ ଜଣେ ଗ୍ରାହକଙ୍କୁ ଅତି କମ୍ ଦାମରେ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସକୁ ଦେଖି ଫେରାର ହେବାକୁ ଚେଷ୍ଟା କରିଥିଲା। ମାତ୍ର ପୋଲିସ ତାକୁ କାବୁ କରିବାରେ ସଫଳ ହୋଇଥିଲା। ପଚରାଉଚରାବେଳେ ଅଭିଯୁକ୍ତ ରତ୍ନାକର ବାଇକର କୌଣସି କାଗଜପତ୍ର ଦେଖାଇପାରି ନଥିଲା ଏବଂ ଚୋରା ବାଇକ୍ ବିକ୍ରି କରୁଥିବା କଥା ସ୍ୱୀକାର କରିଥିଲା। ପୋଲିସ ଉକ୍ତ ବାଇକକୁ ଜବତ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

---

## ନକଲି ଅଳଙ୍କାର ଦେଇ ଅସଲି ସୁନା ଲୁଟ, ମହିଳା ଗିରଫ

ଭୁବନେଶ୍ୱର(ନି.ପ୍ର): ନକଲି ଅଳଙ୍କାର ଦେଇ ଅସଲି ସୁନା ଲୁଟ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମହିଳା ଜଣକ ଲକ୍ଷ୍ମୀ ତିୱାର। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଏନେଇ ପ୍ରଫୁଲ୍ଲ କୁମାର ସାହୁ ଥାନାରେ ଏତଲା ଦେଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ୨୪ ତାରିଖ ସନ୍ଧ୍ୟାରେ ଦୁଇ ଜଣ ମହିଳା ଠକ ଗ୍ରାହକ ବେଶରେ ସିଟି ଚନ୍ଦନ ଜୁଏଲର୍ସକୁ ଆସିଥିଲେ। ସେମାନେ ଜାଲ୍ ହଲମାର୍କ ଥିବା ୨୨.୮୫୦ ଗ୍ରାମର ଏକ ନକଲି ସୁନା ଚେନ୍ ବଦଳରେ ଦୋକାନରୁ ଏକ ୨୨ କ୍ୟାରେଟର ଅସଲି ସୁନା ନେକଲେସ୍ ଠକି ନେଇଥିଲେ। ପରେ ଦୋକାନୀ ଉକ୍ତ ଚେନକୁ ନକଲି ବୋଲି ଜାଣିବାକୁ ପାଇ ଭୁବନେଶ୍ୱର ଜୁଏଲେରୀ ଆସୋସିଏସନକୁ ଖବର ଦେଇଥିଲା। ୨୫ ତାରିଖରେ ଏହି ଠକ ଗ୍ୟାଙ୍ଗର ଜଣେ ମହିଳା ସାଧନା ତିୱାରୀ ଅନ୍ୟ ଏକ ଦୋକାନରେ ଠକେଇ କରିବାକୁ ଉଦ୍ୟମ କରୁଥିବାବେଳେ ଧରାପଡ଼ିଥିଲେ ଏବଂ ପୋଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖାରବେଳ ନଗର ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଅଧିକ ତଦନ୍ତ ଜାରି ରଖିଥିଲା। ଶୁକ୍ରବାର ରେଳ ଷ୍ଟେସନ୍ ନିକଟରୁ ଏହି ଗ୍ୟାଙ୍ଗର ଅନ୍ୟତମ ଉତ୍ତରପ୍ରଦେଶର ବାରଣାସୀ ଅଞ୍ଚଳର ମୁଖ୍ୟ ଫେରାର ଅଭିଯୁକ୍ତା ଲକ୍ଷ୍ମୀ ତିୱାରୀକୁ କାବୁ କରିବାରେ ସଫଳ ହୋଇଛି।

### ଏସସିବିରେ ଟିଏ, ଡିଏ ନାଁରେ କରିଥିଲେ ଦେଢ଼କୋଟି ଟଙ୍କା ଚଳୁ

## ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବାନ୍ଧିଲା ପୋଲିସ

କଟକ(ନିପ୍ର): ଏସସିବିରେ ଟିଏ, ଡିଏ ନାଁରେ ଦେଢ଼ କୋଟି ଟଙ୍କା ଚଳୁ କରି ଶେଷରେ ବନ୍ଧା ହୋଇଛନ୍ତି ଡାଟା ଏଣ୍ଟ୍ରି ଅପରେଟର। ଅନ୍ୟ ଲୋକଙ୍କ ଦରମାରେ ନିଜେ ଅୟସ କରୁଥିଲେ ଡାଟା ଏଣ୍ଟ୍ରି ଅପରେଟର। କଟକ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଆକାଉଣ୍ଟ ସେକ୍ସନର ବଡ଼ ଠକେଇ ଘଟଣାରେ ଶୁକ୍ରବାର ଠକ ଦିନେଶ ରାଉତଙ୍କୁ ଗିରଫ କରିଛି ମଙ୍ଗଳାବାଗ ଥାନା ପୋଲିସ। ମେଡିକାଲ କର୍ମଚାରୀଙ୍କ ଟିଏ, ଡିଏ, ଛୁଟି ଭତ୍ତା (ଲିଭ ସାଲାରି) ଆଦି ସରକାରୀ ସହାୟତା ବାବଦ ୧ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ କରିବା ଓ ପରେ ଏହି କେଳେଙ୍କାରୀ ଅଡିଟ୍‌ରେ ଧରାପଡ଼ିବା ପରେ ରିପୋର୍ଟକୁ ଆଧାର କରି ମେଡିକାଲ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ତେବେ ଆଜି ଏହି ଠକଙ୍କୁ ଗିରଫ କରିଛି ପୋଲିସ। ୨୦୧୫ରୁ ଏସ୍‌ସିବିରେ ଏକ ଠିକା କର୍ମଚାରୀ ଭାବରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଦିନେଶ। ବର୍ଷ ବର୍ଷ ଧରି ଏହି ପଦବୀରେ ରହିବା ପରେ ଠକେଇ ଲାଳସାରେ ବାନ୍ଧି ହୋଇଥିଲେ ସେ। ଥାନାରେ ମାମଲା ହେବା ପରେ ଗତକାଲି ରାତିରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ସିବି ମେଡିକାଲ ଆକାଉଣ୍ଟ ସେକ୍ସନରେ ଚଢ଼ାଉ କରି ଛାନ୍‌ଭିନ୍ କରିଥିଲା। ଠିକାସଂସ୍ଥା ଦ୍ୱାରା ନିୟୋଜିତ ଡାଟା ଏଣ୍ଟ୍ରି ଅପରେଟର ଦିନେଶ ରାଉତଙ୍କ ଉପରେ ସନ୍ଦେହ ହେବା ପରେ ପୋଲିସ ତାଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ଗତ ୧୦ ବର୍ଷ ଭିତରେ ତା'ର ଆକାଉଣ୍ଟକୁ କେଉଁ ସୂତ୍ରରୁ ଅର୍ଥ ଆସି ଜମା ହେଉଥିଲା ଏବଂ ଅନ୍ୟ କେଉଁ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି ସେସବୁ ପୋଲିସ ଖୋଳତାଡ଼ ଜାରି ରଖିଛି। ଅନ୍ୟପଟେ ଗିରଫ ଅଭିଯୁକ୍ତଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ।

## ୨୮ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ: ଜଣେ ଗିରଫ

ସାଲେପୁର(ନିପ୍ର): ସାଲେପୁର ପୁଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ଚାଲିଥିବା ସମୟରେ ଭୀମଦାସପୁର ଗ୍ରାମରେ ଚଢ଼ଉ କରି ୨୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀକୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଭୀମଦାସପୁର ଗ୍ରାମର ବିଚିତ୍ରାନନ୍ଦ ମଲ୍ଲିକ ନିଜ ଘରେ ୨୮ ଲିଟରରୁ ଊର୍ଦ୍ଧ୍ୱ ଚୋରା ଦେଶୀ ଓ ବିଦେଶୀ ମଦ ରଖି ବିକ୍ରୟ କରୁଥିଲା। ସାଲେପୁର ପୁଲିସ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତା' ଘର ଉପରେ ଚଢ଼ଉ କରି ୨୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ବିଚିତ୍ରାନନ୍ଦକୁ ଗିରଫ କରିଛି। ଏ ସଂପର୍କରେ ସାଲେପୁର ପୁଲିସ ପକ୍ଷରୁ ସାଲେପୁର ଥାନାରେ ୫୧୮/୨୬ରେ ଏକ ମାମଲା ରୁଜୁକରି ବ୍ୟବସାୟୀ ବିଚିତ୍ରାନନ୍ଦ ମଲ୍ଲିକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାଲେପୁର ଥାନା ଆଇ.ଆଇ.ସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ବେଆଇନ ଗ୍ୟାସ ସିଲିଣ୍ଡର କାରବାର, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ ଭାବେ ଗ୍ୟାସ ସିଲିଣ୍ଡର କାରବାର କରୁଥିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିନୟ ସାହୁ ଓ ଅକ୍ଷୟ ମହାନ୍ତି। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୪ ତାରିଖରେ ଇସ୍କନମନ୍ଦିର ଓଭରବ୍ରିଜ୍ ନିକଟରେ ସ୍ଥାନୀୟ ଲୋକେ ଏକ ଟାଟା ଏସି ଗାଡ଼ିକୁ ଅଟକାଇ ଥିଲେ, ଯେଉଁଥିରେ ବିପୁଳ ପରିମାଣର ଗ୍ୟାସ୍ ସିଲିଣ୍ଡର ଥିଲା। ଖବରପାଇ ନୟାପଲ୍ଲୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ଡ୍ରାଇଭର ଓ ହେଲପରଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୪୧ଟି ଭର୍ତ୍ତି ଥିବା ଏଚପି ଗ୍ୟାସ୍ ସିଲିଣ୍ଡର ଏବଂ ୧୫ ଟି ଖାଲି ସିଲିଣ୍ଡର ଉଦ୍ଧାର କରାଯାଇଥିଲା, ଯାହାର କୌଣସି ବୈଧ କାଗଜପତ୍ର ସେମାନଙ୍କ ପାଖରେ ନଥିଲା। ପଚରାଉଚରା ବେଳେ ଜଣାପଡ଼ିଥିଲା ଯେ ଏଗୁଡ଼ିକ ଗାଁ ଲୋକଙ୍କ ନାଁରେ ବୁକିଂ କରାଯାଇ କଳାବଜାରରେ ଚଢ଼ା ଦାମରେ ବିକ୍ରି କରିବାକୁ ଭୁବନେଶ୍ୱର ଅଣାଯାଇଥିଲା। ପୋଲିସ ତୁରନ୍ତ ଡ୍ରାଇଭର ରାଜା ଓ ହେଲପର ସନାତନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଅଧିକ ଖୋଳତାଡ଼ କରି ନୟାପଲ୍ଲୀ ପୋଲିସ ଆଜି ମୁଖ୍ୟ ମାଷ୍ଟରମାଇଣ୍ଡ ସୁମନ୍ତ ଓରଫ ଅକ୍ଷୟ ମହାନ୍ତି ଏବଂ ବିନୟ କୁମାର ସାହୁକୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ସୁମନ୍ତ ନୟାଗଡ଼ର ରୋଇବଙ୍କା ଠାରେ ଥିବା ଏଚପିଗ୍ୟାସ୍ ଗ୍ରାମୀଣ ବିତରକ ସଂସ୍ଥାରେ କାମ କରୁଥିଲା। ସେ ଗାଁର ଗରିବ ଲୋକଙ୍କ ନାଁରେ ମିଥ୍ୟା ସିଲିଣ୍ଡର ବୁକିଂ କରି ଓଟିପି ନେଇଯାଉଥିଲା ଏବଂ ସେହି ସିଲିଣ୍ଡରଗୁଡ଼ିକୁ ଭୁବନେଶ୍ୱର ତମାଣ୍ଡୋର ଅଭିଯୁକ୍ତ ବିନୟ ପାଖକୁ ପଠାଉଥିଲା। ବିନୟ ସେହି ସିଲିଣ୍ଡର ଗୁଡ଼ିକୁ ହୋଟେଲ୍ ଏବଂ ଅନ୍ୟ ଗ୍ରାହକମାନଙ୍କୁ କଳାବଜାରରେ ଚଢ଼ା ଦାମରେ ବିକ୍ରି କରୁଥିଲା। ସଂଗୃହୀତ ପ୍ରମାଣ ଆଧାରରେ ଆଜି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ମୁହଁ ସ୍କାନ ଓ ଫିଙ୍ଗର ପ୍ରିଣ୍ଟ୍‌ରେ ଧରାପଡ଼ିବେ ଅପରାଧୀ



ପୁରୀ(ନିପ୍ର): ଶ୍ରୀଜଗନ୍ନାଥ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଭକ୍ତ, ପର୍ଯ୍ୟଟକ ଏବଂ ସାଧାରଣ ଜନସାଧାରଣଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ସହ ଅପରାଧ ନିୟନ୍ତ୍ରଣ ଏବଂ ଅପରାଧୀମାନଙ୍କ ଗତିବିଧି ଉପରେ ନଜର ରଖିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇଛି। ଶ୍ରୀମନ୍ଦିର ନିକଟବର୍ତ୍ତୀ ବିଭିନ୍ନ ଦୋକାନ, ବଜାର, ଭିଡ଼ ଅଞ୍ଚଳ ଏବଂ ସାଧାରଣ ସ୍ଥାନରେ ଦୀର୍ଘ ସମୟ ଧରି ରହୁଥିବା କିମ୍ବା ସନ୍ଦେହଜନକ ଭାବେ ଘୁରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନରେ ଆଧୁନିକ ପ୍ରଯୁକ୍ତିର ସହାୟତା ନିଆଯାଇଥିଲା। ଯାଞ୍ଚ ସମୟରେ ସନ୍ଦେହଜନକ ବ୍ୟକ୍ତିମାନଙ୍କର ପରିଚୟ ଏବଂ ଉପଲବ୍ଧ ଅପରାଧିକ ରେକର୍ଡ ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ଆବଶ୍ୟକ ସ୍ଥଳରେ ଫିଙ୍ଗରପ୍ରିଣ୍ଟ ମାଧ୍ୟମରେ ମଧ୍ୟ ପରିଚୟ ଯାଞ୍ଚ କରାଯାଇଥିଲା। ଏହି ପ୍ରଯୁକ୍ତିଭିତ୍ତିକ ଯାଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୁରୀ ସହରରେ ରହୁଥିବା କିମ୍ବା ଅନ୍ୟ ସ୍ଥାନ ଓ ଅନ୍ୟ ରାଜ୍ୟରୁ ଆସି ଏଠାରେ ରହୁଥିବା ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏବଂ ଆବଶ୍ୟକ ସ୍ଥଳରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା। କୌଣସି ଅପରାଧୀ ଅନ୍ୟ ଜିଲ୍ଲା, ଅନ୍ୟ ସହର କିମ୍ବା ଅନ୍ୟ ରାଜ୍ୟରୁ ଆସି ପୁରୀରେ ଅବସ୍ଥାନ କରୁଥିଲେ, ଉପଲବ୍ଧ ତଥ୍ୟ ଆଧାରରେ ତାଙ୍କୁ ଚିହ୍ନଟ ଓ ଟ୍ରେସ୍ କରିବାରେ ଏହି ପ୍ରଯୁକ୍ତି ସହାୟକ ହେବ। ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ଏବଂ ଅପରାଧ ଘଟିବା ପୂର୍ବରୁ ପ୍ରତିରୋଧମୂଳକ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ଥାନାର ଅଧିକାରୀମାନଙ୍କ ପକ୍ଷରୁ ଏପରି ଯାଞ୍ଚ ଅଭିଯାନ ଚାଲୁ ରହିଛି। ସମ୍ପୃକ୍ତ ଥାନା ଅଧିକାରୀମାନେ ନିଜ ନିଜ ଥାନା ଅଞ୍ଚଳରେ ସନ୍ଦେହଜନକ ଏବଂ ଆବଶ୍ୟକତା ଅନୁଯାୟୀ ଯାଞ୍ଚଯୋଗ୍ୟ ବ୍ୟକ୍ତିମାନଙ୍କର ପରିଚୟ ଯାଞ୍ଚ କରୁଛନ୍ତି। ଏହା ସହିତ ଶ୍ରୀମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ନାକା ଚେକିଂ, ଯାଞ୍ଚ ଏବଂ ପରିଚୟ ଯାଞ୍ଚ ମଧ୍ୟ କରାଯାଇଥିଲା। ଯାଞ୍ଚ ସମୟରେ ସନ୍ଦେହଜନକ ଭାବେ ଘୁରୁଥିବା ବ୍ୟକ୍ତି, ଅପରାଧିକ ପୃଷ୍ଠଭୂମି ଥିବା ସମ୍ଭାବ୍ୟ ବ୍ୟକ୍ତି ଏବଂ ଆଇନଶୃଙ୍ଖଳା ପାଇଁ ସମ୍ଭାବ୍ୟ ଭାବେ ବିପଦ ସୃଷ୍ଟି କରିପାରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରାଯାଇଥିଲା।

# ନକଲି ପନିରକୁ ନେଇ ପୁରୀରେ ଜୋର୍‌ଦାର ଚଢ଼ାଉ



ପୁରୀ(ନିପ୍ର): ଅପମିଶ୍ରଣ ପନିରକୁ ନେଇ ରାଜ୍ୟ ସ୍ତରରେ ତନାଘନା ହେବା ପରେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ ଜୋରଦାର କରାଯାଇଛି। ଗତ ଦୁଇ ଦିନ ହେବ ଖାଦ୍ୟ ନିରାପତ୍ତା ଦଳ ଚଳାଇଥିବା ଅଭିଯାନରେ ୫୦ କେଜି ପନିର ଓ ୫ କେଜି ମିଠା ନଷ୍ଟ କରାଯାଇଛି। ସେଥିରୁ ୮ଟି ନମୁନା ପରୀକ୍ଷା ପାଇଁ ପଠାଯାଇଛି। ନମୁନା ରିପୋର୍ଟରେ ଅପମିଶ୍ରଣ ଧରାପଡ଼ିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି । ତେବେ ଅପମିଶ୍ରଣ ପନିରକୁ ରୋକିବା ପାଇଁ ନିୟମିତ ଚଢଉ ପାଇଁ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଖୁଚୁରା ବ୍ୟବସାୟ ସହ ଯେଉଁମାନେ ପୁରୀକୁ ଛେନା ଓ ପନିର ଯୋଗାଉଛନ୍ତି ସେମାନଙ୍କୁ ଚିହ୍ନଟ କରି ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟୀମାନେ ଅପମିଶ୍ରଣ ନକରିବା ପାଇଁ ସଚେତନ କରାଯାଉଛି। ପୁରୀ ବାସିନ୍ଦା ଚକ୍ରଧର ମହାପାତ୍ର କହିଛନ୍ତି, ପୁରୀରେ ଅପମିଶ୍ରଣ ପନିର ବ୍ୟବସାୟରେ ରାକେଟ କାର୍ଯ୍ୟ କରୁଛି । ନିମ୍ନ ମାନର ପନିର ପ୍ରସ୍ତୁତ କରାଯାଇ ଅଧିକ ଦାମ୍ ରେ ବିକ୍ରି କରାଯାଉଛି। ତେବେ ଅପମିଶ୍ରଣ ପନିରରେ ମିଠା ପ୍ରସ୍ତୁତ କରାଯାଇ ଦୋକାନରେ ବିକ୍ରି ହେଉଛି। ଏହାକୁ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ଅନେକ ବିପଦ ରହିଛି। ଏଣୁ ପୁରୀ ସହର ସମେତ ଜିଲାରେ ମଧ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭିନ୍ନ ମିଠା ଦୋକାନ ବୁଲି ମିଠା ଓ ପନିରର ମାନ ଯାଞ୍ଚ କରନ୍ତୁ। କେଉଁଠୁ ଅପମିଶ୍ରଣ ପନିର ଆସୁଛି ତାହାର ସନ୍ଧାନ କରାଯାଇ ଅସାଧୁ ବ୍ୟବସାୟୀଙ୍କ ଉପରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ । ପନିମାପଡ଼ାର ଛେନା ବ୍ୟବସାୟୀ ବିଜୟ ବେହେରା କହିଛନ୍ତି, ନିମାପଡ଼ାରେ ଗୋପାଳ ଭାଇମାନେ କ୍ଷୀର ଛେନା ବ୍ୟବସାୟ କରନ୍ତି। ହେଲେ ଏବେ ବିଭିନ୍ନ ବ୍ୟକ୍ତି ଡାଇରୀ ଫାର୍ମ କରି କ୍ଷୀର ଛେନା ବ୍ୟବସାୟ କରୁଛନ୍ତି। କେତେକ ଅସାଧୁ ବ୍ୟକ୍ତି ଅପମିଶ୍ରଣ ପନିର ବ୍ୟବସାୟ କରୁଛନ୍ତି । କିନ୍ତୁ ଗୋପାଳ ଭାଇମାନେ କେବଳ କ୍ଷୀରରୁ ଛେନା ଓ ପନିର ପ୍ରସ୍ତୁତ କରି ବ୍ୟବସାୟ କରୁଛନ୍ତି । ଆମେ କିଛି ଭେଜାଲ ଛେନା ଓ ପନିର ପ୍ରସ୍ତୁତ କରୁନୁ। ତେବେ କେତେକ ଅସାଧୁ ବ୍ୟବସାୟୀଙ୍କ ଯୋଗୁଁ ଆମେ ଅସୁବିଧା ସମ୍ମୁଖୀନ ହେଉଛୁ । ଆମକୁ ବାରମ୍ବାର ଯାଞ୍ଚର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ଦୋକାନୀ ମଧ୍ୟ ଆମଠାରୁ ସାମଗ୍ରୀ ନେବାରେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଆମେ ଗରିବ ନିରୀହ ଛୋଟ ବ୍ୟବସାୟୀମାନେ ଅସୁବିଧା ସମ୍ମୁଖୀନ ହେଉଛୁ। ଯେଉଁମାନେ ପ୍ରକୃତରେ ଅପମିଶ୍ରଣ ପନିର କରୁଛନ୍ତି ସେମାନଙ୍କ ବିରୋଧରେ ପ୍ରଶାସନ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ । ସୂଚନା ଅନୁସାରେ ସର୍ବାଧିକ ଛେନା ଓ ପନିର ବଳଙ୍ଗାର ନିନିଗାଁ, ଗୋପର ନାଗପୁର ଓ ଛଇତନାରୁ ପୁରୀ ଆସୁଥିବା ଜଣାପଡିଛି। ଖାଦ୍ୟ ନିରାପତ୍ତା ଟିମ୍ ଏହି ସବୁ ଅଞ୍ଚଳକୁ ଯାଇ ବ୍ୟବସାୟୀଙ୍କଠାରୁ ନମୁନା ସଂଗ୍ରହ କରିଛୁ। ବାଇକ୍ ଓ ଅଟୋ ଯୋଗେ ଆସୁଥିବ ପନିର ଓ ଛେନାକୁ ମଧ୍ୟ ଯାଞ୍ଚ କରାଯାଉଛି। ସେହିପରି ବଡଦାଣ୍ଡରେ ଥିବା ନାମୀ ମିଠା ଦୋକାନ ଗୁଡିକରେ ମଧ୍ୟ ଚଢ଼ାଉ କରାଯାଇ ମିଠାର ମାନ ଯାଞ୍ଚ କରାଯାଉଛି। ତେବେ ୪୦ କେଜିରୁ ଅଧିକ ପନିରକୁ ନଷ୍ଟ କରାଯାଇଛି। ବାସୀ ପନିର ନରଖିବାକୁ ବ୍ୟବସାୟୀଙ୍କୁ ତାଗିଦ୍ କରାଯାଇଛି। ବଡଦାଣ୍ଡ, ଅଠରନଳା, ସମୁଦ୍ରକୂଳ ଅଞ୍ଚଳରେ ଥିବା ମିଠା ଦୋକାନଗୁଡିକରେ ଚଢ଼ାଉ କରାଯାଇ ଯାଞ୍ଚ କରାଯାଉଛି। ଗତ ଦୁଇ ଦିନ ଭିତରେ ୫୫ କେଜି ପନିର ଓ ମିଠା ନଷ୍ଟ କରାଯାଇଛି। ପୁରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଖାଦ୍ୟ ନିରାପତ୍ତା ଅଧିକାରୀ, ପୁରୀ ମହାନଗର ନିଗମ ଏନଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ଏହି ଚଢାଉରେ ସାମିଲ ହୋଇଛନ୍ତି। ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି, ପୁରୀ ଜିଲାରେ ନକଲି ପନିର ଓ ଛେନା ବ୍ୟବସାୟ ଉପରେ କଡା କାର୍ଯ୍ୟନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉଭୟ ପୁରୀ ମହାନଗର ନିଗମର ଏନଫୋର୍ସମେଣ୍ଟ ଟିମ୍, ଖାଦ୍ୟ ନିରାପତ୍ତା ଅଧିକାରୀ ଯାଞ୍ଚ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆମେ ଅନୁରୋଧ କରୁଛୁ ଯେଉଁମାନେ ବେଆଇନ୍ ଭାବେ ନକଲି ଅପମିଶ୍ରିତ ପନିର ଓ ଛେନା ବ୍ୟବସାୟ କରୁଛନ୍ତି ସେମାନେ ଏହି ବ୍ୟବସାୟ ବନ୍ଦ କରନ୍ତୁ। ନହେଲେ ଆଇନ ଅନୁସାରେ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ।

# କୃଷି ବିଭାଗ ଦ୍ୱାରା ୬ ଏମ୍ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୮/୮(ନିପ୍ର):** ରାଜ୍ୟର ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୬ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷର କରିଛନ୍ତି। ଡିଜିଟାଲ୍ କୃଷି, ଉନ୍ନତ ବିହନ, ଜଳବାୟୁ ସହନଶୀଳତା ଏବଂ ପୋଷଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଡାକ ବିଭାଗ (ଓଡ଼ିଶା ସର୍କଲ), ଇକ୍ରିସାଟ୍ ଏବଂ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହିତ ଏହି ବୁଝାମଣା ପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ସଚିବ ସଚିନ୍ ରାମଚନ୍ଦ୍ର ଜାଧବ, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ୍ ନିର୍ମଳଜୀତ ସିଂହ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, 'ଏହି ୬ଟି ଐତିହାସିକ ବୁଝାମଣା ପତ୍ର ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ଆଗ୍ରିଷ୍ଟାକ୍ ( ପଞ୍ଜିକରଣ ଏବଂ ଇକ୍ରିସାଟ୍ ଓ ଏମଏସଏସଆରଏଫ୍ ଭଳି ସଂସ୍ଥା ସହ ମିଶି ଆମେ ଚାଷୀଙ୍କୁ ସଶକ୍ତ କରୁଛୁ। ଏହା ଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଯୋଜନାଗୁଡ଼ିକ ସିଧାସଳଖ ଚାଷୀଙ୍କ ପାଖରେ ପହଂଚିପାରିବ।' ଡାକ ବିଭାଗ ସହ ହୋଇଥିବା ଚୁକ୍ତି ଦ୍ୱାରା ଗ୍ରାମୀଣ ଡାକ ସେବକମାନେ ଗାଁ ଗାଁରେ ପହଂଚି ଚାଷୀଙ୍କ ପଞ୍ଜିକରଣ, କୃଷକ ଆଇଡି ତିଆରି, ସିଏମ୍ କିଷାନ, ପିଏମ୍ କିଷାନ ଇ-କେଓ୍ୱାଇସି ଏବଂ ଆଧାର ସଂଯୋଗୀକରଣ ଭଳି ସେବା ଯୋଗାଇଦେବେ। ଇକ୍ରିସାଟ୍ ସହ ହୋଇଥିବା ୪ଟି ବୁଝାମଣା ମାଧ୍ୟମରେ ଡାଲି, ବୁଟ, ମଟର, ହରଡ଼, ଚିନାବାଦାମ ଓ ରାଶି ଭଳି ଫସଲର ଉନ୍ନତ ଓ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରାଯିବ। ଏହା ଦ୍ୱାରା ଚାଷୀମାନେ ଭଲ ବିହନ ପାଇବା ସହ ସେମାନଙ୍କ ଉତ୍ପାଦନ ବୃଦ୍ଧି ପାଇବ।





ରକ୍ଷା ବନ୍ଧନ ତଥା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅବସରରେ ବାଚସ୍ପତି ସୁରମା ପାଢୀ ଓ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରାକ୍ଷୀ ପିନ୍ଧାଉଛନ୍ତି (ଫଟୋ-ଦିନଲିପି)

## 'ମାତ୍ର ୮ ମିନିଟ୍‌ରେ ବୁଡ଼ିଥିଲା ଏମ୍‌ଭି ଓସେନ ଓ୍ୱିନର'



ଭୁବନେଶ୍ୱର,୨୮।୮: ପାରାଦୀପରୁ ଲୁହାପଥର ବୋଝେଇ କରି ଆଣ୍ଡାମାନ ନିକଟରେ ବୁଡ଼ିଯାଇଥିବା ପାନାମା ପତାକାଧାରୀ ମାଲବାହୀ ଜାହାଜ ଏମଭି ଓସେନ ଓ୍ୱିନର ସମୁଦ୍ରରୁ ଉଦ୍ଧାର ହୋଇଥିବା ଦୁଇଜଣ କ୍ରୁ ସଦସ୍ୟଙ୍କ ଅନୁଯାୟୀ, ମାତ୍ର ଆଠ ମିନିଟ୍ ମଧ୍ୟରେ ଜାହାଜଟି ବୁଡ଼ିଗଲା। ଉଭୟ କ୍ରୁ ହେଲେ,ପାନ୍ ଟୋଙ୍ଗଲାଇ ଏବଂ ଚେନ୍ ଜିଆନହେ।ସେମାନେ ଚୀନ ନାଗରିକ। ଉଭୟ କହିଛନ୍ତି ଯେହେତୁ ସେମାନେ ଜାହାଜର ଉପର ଭାଗରେ ଥିଲେ, ଡେକ୍ ଉପରେ, ସେମାନେ ଏକ ଲାଇଫ୍ ରାଫ୍ଟ ଧରି ପାଣିକୁ ଡେଇଁ ପଡ଼ିବାରେ ସଫଳ ହୋଇଥିଲେ। ସେମାନେ ଉଦ୍ଧାରକାରୀ ଦଳକୁ କହିଥିଲେ ଯେ ସେହି ସମୟରେ ପାଣିରେ ଚାରିରୁ ପାଞ୍ଚ ଜଣ ଭାସୁଥିବାର ଦେଖାଯାଇଥିଲା। ରାତି ହୋଇଥିବାରୁ ଅନ୍ଧାର ଥିଲା। ଅନ୍ୟ କ୍ରୁ ସଦସ୍ୟମାନେ ବିଶ୍ରାମ ସମୟ ହୋଇଥିବାରୁ ଜାହାଜ ସହିତ ତଳକୁ ଖସି ପଡ଼ିଥିବା ଅନୁମାନ କରାଯାଉଛି।

## ହଷ୍ଟେଲରେ ରନ୍ଧନ ତେଲ ବ୍ୟବହାର କମାଇବାକୁ ଚିଠି

ଭୁବନେଶ୍ୱର,୨୮।୮(ନିପ୍ର): କଲେଜ କ୍ୟାଣ୍ଟିନ୍ ଓ ହଷ୍ଟେଲରେ ରନ୍ଧନ ତେଲ ବ୍ୟବହାର କମାଇବାକୁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପରାମର୍ଶ ଦେଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ମାନିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି। ପୁରୀ, ବରା, ଆଳୁଚପ ଭଳି ଅଧିକ ତେଲିଆ ଖାଦ୍ୟ ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି। ଖାଦ୍ୟ ପ୍ରସ୍ତୁତି ସମୟରେ ରନ୍ଧନ ତେଲର ବ୍ୟବହାର କମାଇବାକୁ ମଧ୍ୟ ପରାମର୍ଶ ଦିଆଯିବା ସହ ପାରମ୍ପରିକ ଘିଅ, ସୋରିଷ ଓ ବାଦାମ ତେଲ ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ କୁହାଯାଇଛି।

## ଭିଜିଲାନ୍ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

କେନ୍ଦୁଝର, ୨୮/୮(ନିପ୍ର): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡିଲେ ପାଟଣା ତହସିଲର କନିଷ୍ଠ ରାଜସ୍ୱ ସହାୟକ । ଜମି ମ୍ୟୁଟେସନ୍ ଫାଇଲ୍ ଆଗକୁ ବଢ଼ାଇବା ଏବଂ ଜମି ପଟ୍ଟା ଯୋଗାଇ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଉମାଶଙ୍କର ବିଶ୍ୱାଳ । ସୂଚନା ଅନୁଯାୟୀ ଅଭିଯୋଗକାରୀ ନିଜର ଏବଂ ନିଜ ଅଂଶୀଦାରମାନଙ୍କ ନାମରେ ଜମିର ମ୍ୟୁଟେସନ୍ ପାଇଁ ଗତ ଜୁନ୍ ୩ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିୟମାନୁସାରେ ଅନଲାଇନ ଆବେଦନ କରିଥିଲେ । ଆବେଦନର ସ୍ଥିତି ବୁଝିବା ପାଇଁ ଅଭିଯୋଗକାରୀ ତହସିଲ କାର୍ଯ୍ୟାଳୟକୁ ଯାଇଥିବା ବେଳେ, କନିଷ୍ଠ ରାଜସ୍ୱ ସହାୟକ ବି.ଏଚ୍ ଉମାଶଙ୍କର ମ୍ୟୁଟେସନ୍ ଫାଇଲ୍ ପ୍ରୋସେସ୍ କରିବା ଏବଂ ପଟ୍ଟା ପ୍ରଦାନ କରିବା ପାଇଁ ଛଅହଜାର ଟଙ୍କା ଦାବି କରିଥିଲେ ।

## ଜାନକାଦେଇପୁର ପିଏଚ୍‌ରେ ଅନୁଗୁଳ-ପୁରୀ-ଅନୁଗୁଳ ମେମୁ ଟ୍ରେନ୍‌ର ସାମୟିକ ରହଣି



ଭୁବନେଶ୍ୱର, ୨୮/୮(ପିଆଇବି): ଆଗାମୀ ଗଣେଶ ପୂଜା ଏବଂ ବିଶ୍ୱକର୍ମା ପୂଜା ଅବସରରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଅନୁଗୁଳ-ପୁରୀ-ଅନୁଗୁଳ ମେମୁ ଟ୍ରେନ୍‌ର ଜାନକାଦେଇପୁର ପିଏଚ୍ ଠାରେ ୨୮ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସାମୟିକ ରହଣି ବ୍ୟବସ୍ଥା କରାଯାଇଛି। ଏହି ଅନୁଯାୟୀ, ଟ୍ରେନ୍ ନମ୍ବର ୬୮୪୨୧ ଅନୁଗୁଳ-ପୁରୀ ମେମୁ ଏବଂ ଟ୍ରେନ୍ ନମ୍ବର ୬୮୪୨୨ ପୁରୀ-ଅନୁଗୁଳ ମେମୁ ଉକ୍ତ ଅବଧି ମଧ୍ୟରେ ଜାନକାଦେଇପୁର ପିଏଚ୍‌ରେ ସାମୟିକ ଭାବେ ରହଣି କରିବ, ଯାହା ଫଳରେ ଏହି ଅଞ୍ଚଳକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅଧିକ ସୁବିଧା ପାଇପାରିବେ। ଆଗାମୀ ପାର୍ବଣ ଅବସରରେ ଯାତ୍ରୀ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ସାମୟିକ ରହଣି ବ୍ୟବସ୍ଥା କରାଯାଇଛି। ଟ୍ରେନ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ଓ୍ୱେବସାଇଟ ଯାଞ୍ଚ କରିପାରିବେ।

## ଓସିଏକୁ ଜିଏସଟି ଝଟକା: କାରଣଦର୍ଶାଅ ନୋଟିସ୍ ଜାରି

**କଟକ, ୨୮/୮(ନିପ୍ର):** ବେଆଇନ ଭାବେ ଟିକସ ରିହାତି ନେଇ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଅଡୁଆରେ ପଡ଼ିଛି। ବ୍ୟକ୍ତିଗତ ବିମାନ ଯାତ୍ରା, ହୋଟେଲ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚକୁ 'ବ୍ୟବସାୟିକ ଖର୍ଚ୍ଚ' ଦର୍ଶାଇ ଲକ୍ଷାଧିକ ଟଙ୍କାର ଟିକସ ଛାଡ଼ ବା 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' ନେଇଥିବା ଅଭିଯୋଗରେ ଓସିଏକୁ ରାଜ୍ୟ ବାଣିଜ୍ୟକର ଓ ଜିଏସଟି ବିଭାଗ ନୋଟିସ୍ ଜାରି କରିଛି। ପ୍ରାୟ ୫.୫୮ଲକ୍ଷ ଟଙ୍କାର ଟିକସ ରିହାତି ଓସିଏ ବେଆଇନ ଭାବେ ନେଇଥିବା ଜଣାପଡ଼ିଛି। ଜିଏସଟି ଆସିଷ୍ଟାଣ୍ଟ କମିଶନରଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ନୋଟିସରେ ଓସିଏ ବେଆଇନ ଭାବେ ଟିକସ ରିହାତି ହାତେଇଥିବା ଜଣାପଡ଼ିଛି। ଓସିଏ ପକ୍ଷରୁ ଦାଖଲ



କରାଯାଇଥିବା ୨୦୨୬ ଜୁନ୍ ମାସର ଟ୍ୟାକ୍ସ ରିଟର୍ଣ୍ଣ ଯାଂଚବେଳେ ଏହି ଅନିୟମିତତା ପଦାକୁ ଆସିଛି। ବିଶେଷକରି ଟ୍ରାଭେଲ ଏଜେନ୍ସି, ହୋଟେଲ ରହଣି, ପୋଷାକ, ରଙ୍ଗ ଓ ଭିଡିଓ ସେବା ଭଳି ପ୍ରାୟ ୭୩ ଲକ୍ଷ ୯୧ ହଜାର ୫୪୫ ଟଙ୍କାର ବିଲ୍ ବାବଦରେ ସିଜିଏସଟି/ଏସଜିଏସଟି ଧାରା ୧୭(୫)କୁ ଉଲ୍ଲଂଘନ କରି ବେଆଇନ ଭାବେ ଓସିଏ ମୋଟ ୫ ଲକ୍ଷ ୫୮ ହଜାର ୫୮୯ ଟଙ୍କାର ଟିକସ ରିହାତି ନେଇଥିବା ନୋଟିସରେ ଉଲ୍ଲେଖ ରହିଛି। ଏଥିରେ ଆଇଜିଏସଟି ବାବଦକୁ ୨ ଲକ୍ଷ ୩୦ ହଜାର ୨୦୧ ଟଙ୍କା, ସିଜିଏସଟି ଓ ଏସଜିଏସଟି ବାବଦକୁ ଯଥାକ୍ରମେ ୧ ଲକ୍ଷ ୬୪ ହଜାର ୧୯୪ ଟଙ୍କା ଲେଖାଏଁ ରହିଛି। ଜିଏସଟି ଆସିଷ୍ଟାଣ୍ଟ କମିଶନର ଓମପ୍ରକାଶ ରାୟସିଂଙ୍କ ଦସ୍ତଖତରେ ଯାଇଥିବା ନୋଟିସରେ ଦର୍ଶାଯାଇଛି ଯେ, ଜିଏସଟି ନିୟମ ଅନୁସାରେ କୌଣସି ସଂସ୍ଥା କେବଳ ତାର ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ହୋଇଥିବା ଖର୍ଚ୍ଚ ଉପରେ ହିଁ ଟିକସ ରିହାତି ପାଇପାରିବ। କୌଣସି ସଂସ୍ଥା ବ୍ୟକ୍ତିଗତ ଖର୍ଚ୍ଚ ଉପରେ ଟିକସ ରିହାତି ବା ଇନପୁଟ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ଦାବି କରିପାରିବ ନାହିଁ। ଜିଏସଟି ଆଇନର ଧାରା ୧୫୫ ଏବଂ ୧୬ ଅନୁଯାୟୀ, ଟ୍ୟାକ୍ସ ରିହାତି ସଠିକ୍ ବୋଲି ପ୍ରମାଣ କରିବା ଦାୟିତ୍ୱ ଖୋଦ୍ ଓସିଏର। ତେଣୁ ସମ୍ପୃକ୍ତ ବିଲ୍, ଇ-ଓ୍ୱେ ବିଲ୍ ଏବଂ ଟଙ୍କା ପୈଠ କରିଥିବାର ସମସ୍ତ କାଗଜପତ୍ର ଦାଖଲ କରି ପକ୍ଷ ରଖିବାକୁ ଓସିଏ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ତୋଷଜନକ ଉତ୍ତର ନମିଳିଲେ ଓସିଏ ବିରୋଧରେ ଜିଏସଟି ଆଇନ ଅନୁଯାୟୀ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଓସିଏ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଓସିଏ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

## ମହିଳାଙ୍କ ଜୀବନ ରକ୍ଷା କଲେ ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ଡାକ୍ତରୀ ଟିମ୍

ଭୁବନେଶ୍ୱର, ୨୮/୮(ନିପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରାର ଏକ ବହୁବିଭାଗୀୟ ଚିକିତ୍ସକ ଦଳ ଜଣେ ଗୁରୁତର ଭାବେ ଅସୁସ୍ଥ ଥିବା ମହିଳାଙ୍କର ଏକ ବିରଳ ତଥା ଜୀବନ ପ୍ରତି ବିପଦଜନକ ମାମଲାକୁ ସଫଳତାର ସହ ଚିହ୍ନଟ ଓ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । ସଂପୃକ୍ତ ମହିଳାଙ୍କର ଜୀବନ ପ୍ରତି ବିପଦ ଥିବା ବେଳେ ସେ ପ୍ରସବ ପରବର୍ତ୍ତୀ ବିଳମ୍ବିତ ରକ୍ତସ୍ରାବ ଯାହାକୁ କି ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଥିଲା । ସିଜରିଆନ୍ ପ୍ରକ୍ରିୟାରେ ପ୍ରସବର ତିନି ଦିନ ପରେ ମହିଳା ଜଣଙ୍କ ପରିସ୍ରାଦ୍ୱାରରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବର ସମସ୍ୟା ନେଇ ହସ୍ପିଟାଲରେ ପହଞ୍ଚିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ଶାରୀରିକ ସ୍ଥିତି ଅସ୍ଥିର ହୋଇପଡ଼ିଥିବାରୁ ତୁରନ୍ତ ଚିକିତ୍ସା ଆବଶ୍ୟକ ହୋଇଥିଲା । ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇ ସ୍ଥିର କରାଯାଇଥିଲା । ତାଙ୍କୁ କ୍ରିଟିକାଲ୍ କେୟାର ବିଭାଗର ଡାକ୍ତର ଶୁଭଙ୍କର, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଅଭିଜିତ୍ ଓ ନେଫ୍ରୋଲୋଜି ବିଭାଗର ଡାକ୍ତର ହାପି ପାତ୍ରଙ୍କ ନେତୃତ୍ୱରେ ଚିକିତ୍ସକମାନେ ମିଳିତ ଭାବେ ଚିକିତ୍ସା କରିବା ସହ ତାଙ୍କର ଜଟିଳ ପରିସ୍ଥିତିର ନିୟନ୍ତ୍ରଣ କରିଥିଲେ। ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ଏକ ବିରଳ ଓ ଗୁରୁତର ରକ୍ତନାଳୀଜନିତ ସମସ୍ୟା । ଏଥିରେ ଜରାୟୁ ଧମନୀର ପ୍ରାଚୀରରେ କ୍ଷତ ସୃଷ୍ଟି ହେବା ଫଳରେ ରକ୍ତ ଆଖପାଖର ଟିସ୍ୟୁରେ ଲିକ୍ ହୋଇଥାଏ, ଯାହା ଗୁରୁତର ଓ ଜୀବନ ପ୍ରତି ବିପଦଜନକ ରକ୍ତସ୍ରାବର କାରଣ ହୋଇପାରେ । ହସ୍ପିଟାଲରେ ଉପଲବ୍ଧ ଅତ୍ୟାଧୁନିକ ରୋଗ ନିରୂପଣ ସୁବିଧା ଓ ବିଶେଷଜ୍ଞ ଚିକିତ୍ସା ସେବା ଯୋଗୁଁ ରକ୍ତସ୍ରାବର ମୂଳ କାରଣକୁ ଶୀଘ୍ର ଚିହ୍ନଟ କରାଯାଇପାରିଥିଲା ।

## ରାଜ୍ୟରେ ନିଶାମୁକ୍ତ ଭାରତ ଅଭିଯାନ: ଶୁଣୁ ନାହାନ୍ତି ୩୫୨ କଲେଜ !

ଭୁବନେଶ୍ୱର,୨୮।୮: ନିଶାମୁକ୍ତ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନଗୁଡିକରେ ଅଗଷ୍ଟ ୧୮ ତାରିଖରେ ଛାତ୍ରଛାତ୍ରୀଙ୍କ ନିଶାମୁକ୍ତ ଶପଥ ପାଠ ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ଏନେଇ ଅଗଷ୍ଟ ୭ ତାରିଖରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରିଥିଲା ଉଚ୍ଚଶିକ୍ଷା ବିଭାଗ। ଶପଥ ପାଠ ସହ କ୍ୟାମ୍ପସରେ ନିଶା ବିରୋଧୀ ଲୋଗୋ, ମାସ୍କଟ, ହେଲ୍ପଲାଇନ ନମ୍ବର ପ୍ରମୁଖ କାର୍ଯ୍ୟକ୍ଷମ କରାଯିବ। କାର୍ଯ୍ୟକ୍ରମର ଜିଓଟ୍ୟାଗ ଫଟୋ ସହ ସମସ୍ତ ତଥ୍ୟ ଉଚ୍ଚଶିକ୍ଷା ବିଭାଗ ପୋର୍ଟାଲରେ ଅପଲୋଡ଼ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଫୁ କରି ଉଡ଼ାଇ ଦେଇଛନ୍ତି ପ୍ରାୟ ୩ଶହରୁ ଅଧିକ କଲେଜ। ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି ତୁରନ୍ତ କରି ଅଗଷ୍ଟ ୨୯ସୁଦ୍ଧା ତଥ୍ୟ ଅପଲୋଡ଼ କରିବାକୁ ପୁନର୍ବାର ଅଗଷ୍ଟ ୨୫ ତାରିଖରେ ଚିଠି କରିଥିଲା ବିଭାଗ। ତଥାପି ଅନେକ ଶିକ୍ଷାନୁଷ୍ଠାନ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ରାଜ୍ୟରେ ଥିବା ୭୪୨ଟି ଡିଗ୍ରୀ କଲେଜରୁ ୩୯୦ଟି କଲେଜ ତଥ୍ୟ ପ୍ରଦାନ କରିଛନ୍ତି। ଆହୁରି ୩୫୨ କଲେଜ ବାକି ତଥ୍ୟ ଦେଇନାହାନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦୁଇ ଥର ରିମାଇଣ୍ଡର ଦିଆ ସରିଲାଣି। ତଥାପି ଅନେକ କଲେଜ ଶୁଣୁନଥିବା କୁହାଯାଇଛି।

## ସୁବର୍ଣ୍ଣପୁର ସିନିୟର୍ ଫୁଟବଲ୍ ଲିଗ୍: ସୋନପୁର ବ୍ଲକ ବିଜୟୀ



ସୋନପୁର, ୨୮/୮(ନିପ୍ର): ସୁବର୍ଣ୍ଣପୁର ସିନିଅର ଫୁଟବଲ୍ ଲିଗ୍‌ର ପ୍ରଥମ ମ୍ୟାଚ୍ ସୋନପୁର ବ୍ଲକ୍ ଚାମ୍ପିଅନ ଦଳ ଓ ଉଲୁଣ୍ଡା ବ୍ଲକ ଚାମ୍ପିଅନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଲୁଣ୍ଡାକୁ ୫-୦ ଗୋଲରେ ହରାଇ ସୋନପୁର ବ୍ଲକ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ମ୍ୟାନ ଅଫ ଦି ମ୍ୟାଚ ଭାବେ ବିଜୟୀ ଦଳର ସଞ୍ଜୀବ ଧରୁଆଙ୍କୁ ପୁରସ୍କୃତ କରା ଯାଇଥିଲା । ପ୍ରଥମ ମ୍ୟାଚ୍‌କୁ ଜିତୁ ଥନାପତି, ଚିକୁ ବଡ଼ପଣ୍ଡା ସୁଦାମ ଜଗଦଲା ଓ ସୁମିତ ଖେଳ ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚ୍ ବିନିକା ବ୍ଲକ ଚାମ୍ପିଅନ ଏବଂ ସୋନପୁର ମ୍ୟୁନିସିପାଲିଟି ଚାମ୍ପିଅନ ରାମ ଧୂନ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିନିକା ବ୍ଲକକୁ ୧-୦ ଗୋଲରେ ହରାଇ ସୋନପୁର ମ୍ୟୁନିସପାଲିଟି ରାମଧୂନ୍ କ୍ଲବ୍ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି ।

## ଟାଟାଷ୍ଟିଲ ମେରାମଣ୍ଡଳୀରେ ସାର୍ ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ



ଅନୁଗୁଳ/ମେରାମଣ୍ଡଳୀ, ୨୮/୮(ନିପ୍ର): ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପରିସରରେ ସାର୍ ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲାଣ୍ଟ କାର୍ଯ୍ୟାଳୟଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମହାନ ଦୂରଦ୍ରଷ୍ଟାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶ, ସମାଜ ଓ ଶିଳ୍ପ ଜଗତ ପ୍ରତି ତାଙ୍କର ଯୋଗଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମେରାମଣ୍ଡଳୀ ମେକାନିକାଲ୍ ମେଣ୍ଟେନାନ୍ସ ଚିଫ୍ ରାଜୀବ ଗର୍ଗ, କୋର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ପାଓ୍ୱାର ସିଷ୍ଟମ ଚିଫ୍ ରାଜେଶ ଅଗ୍ରଓ୍ୱାଲଙ୍କ ସମେତ ମେରାମଣ୍ଡଳୀ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଟାଉନସିପ୍ ପରିସରରେ କର୍ମଚାରୀଙ୍କ ନିମନ୍ତେ ଫୁଟବଲ ଓ ବିଭିନ୍ନ କୌତୁହଳପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାର୍ ଦୋରାବଜୀ ଟାଟାଙ୍କ ନେତୃତ୍ୱ, ଉତ୍କର୍ଷତା ଓ ତାଙ୍କ ମହାନ ଆଦର୍ଶକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ ପ୍ରତି ବର୍ଷ ନିଜର ସମସ୍ତ କାର୍ଯ୍ୟକ୍ଷେତ୍ରରେ ତାଙ୍କ ଜୟନ୍ତୀ ପାଳନ କରିଆସୁଛି।

## ପ୍ରାୟ ୨୦% କମିଲା ମିଲ୍ ଚିନି ଦର

**ନୂଆଦିଲ୍ଲୀ, ୨୮/୮(ପିଆଇବି):** ଘରୋଇ ବଜାରରେ ଯଥେଷ୍ଟ ଚିନି ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ଯୋଗାଣରେ ଦେଖା ଦେଇଥିବା କୃତ୍ରିମ ଅଭାବକୁ ରୋକିବା ଲାଗି କେନ୍ଦ୍ର ସରକାର ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ନିକଟରେ ମିଲ୍ ରେ ମିଳୁଥିବା ଚିନି ଦର ପାଖାପାଖି ୨୦% ହ୍ରାସ ପାଇଛି । ଫଳରେ ଖୁଚୁରା ବଜାରରେ ଚିନି ଦାମ୍ ମଧ୍ୟ ଧୀରେ ଧୀରେ କମୁଥିବା ଦେଖାଯାଇଛି । ଯୋଗାଣ ଶୃଙ୍ଖଳ ସକ୍ରିୟ ଥିବା ଯୋଗୁ ମିଲ୍ ଚିନି ଦର ହ୍ରାସର ପ୍ରଭାବ ଖୁବଶୀଘ୍ର ଖୁଚୁରା ବଜାରରେ ପଡ଼ିବ ବୋଲି ଆଶା କରାଯାଉଛି । ସରକାର ସାରା ଦେଶରେ ଚିନି ଦର, ଏହାର ଭଣ୍ଡାରଣ ଏବଂ ଯୋଗାଣ ଉପରେ କ୍ରମାଗତ ନଜର ରଖିଛନ୍ତି । ପର୍ଯ୍ୟାପ୍ତ ଉପଲବ୍ଧତା, ଯୋଗାଣ ଏବଂ ଉପଭୋକ୍ତାଙ୍କୁ ଲାଭ ପହଞ୍ଚାଇବା ଲାଗି ସରକାର ଅନେକ ସକ୍ରିୟ ପଦକ୍ଷେପ ନେଇଛନ୍ତି । ମିଲ୍ ଏବଂ ଖୁଚୁରା ଦର ହ୍ରାସ ପାଇବାର ଏହି ଧାରା ଦର୍ଶାଉଛି ଯେ ଚିନି ଦରରେ ହୋଇଥିବା ଦ୍ରୁତ ବୃଦ୍ଧି ମୁଖ୍ୟତଃ ଜମାଖୋରୀ ଏବଂ ଗୁଜବ କାରଣରୁ ହୋଇଥିଲା।

## ସ୍କ୍ରବ୍ ଟାଇଫସ୍‌ରେ ଜଣେ ମୃତ !

ଅନୁଗୁଳ,୨୮।୮: ଅନୁଗୁଳ ଜିଲ୍ଲାର ପାଲଲହଡ଼ା ବ୍ଲକ ଅନ୍ତର୍ଗତ ପବିତ୍ରପୁର ପଞ୍ଚାୟତରେ ସ୍କ୍ରବ୍ ଟାଇଫସ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଓ ୧୦ରୁ ଅଧିକ ସଂକ୍ରମିତ ହୋଇଥିବା ବେସରକାରୀ ସୂତ୍ରରୁ ପ୍ରକାଶ। ମୃତକଙ୍କ ନାମ ସୁମନ୍ତ ସେଠୀ। ସେ ପ୍ରଥମେ ଜ୍ୱର, ମୁଣ୍ଡବିନ୍ଧା ଏବଂ ଶରୀର ଯନ୍ତ୍ରଣା ହେଉଥିବା ଅଭିଯୋଗ କରିଥିଲେ । ପରେ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ହୋଇଥିବା ଚିହ୍ନଟ କରାଯାଇଥିଲା।ଦଶରୁ ଅଧିକ ସଂକ୍ରମିତ ବ୍ୟକ୍ତିଙ୍କୁ ଖମାର କମ୍ୟୁନିଟି ହେଲ୍ଥ ସେଣ୍ଟର (ସିଏଚ୍ ସି) ଏବଂ ଅନ୍ୟାନ୍ୟ ହେଲଥ ସେଣ୍ଟରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଲକ୍ଷଲକ୍ଷ ଟଙ୍କାର ମାଟି ବୋହି ନେଲେ ମାଫିଆ !

ହିଞ୍ଜିଳିକାଟୁ,୨୮/୮(ନିପ୍ର): ବାଲି, ପଥର, ମୋରମ ଓ ମାଟି ଚୋରା ଚାଲାଣ ପାଇଁ ଗଞ୍ଜାମ ଜିଲ୍ଲା ଏବେ ଚର୍ଚ୍ଚାରେ ରହିଛି। ଗତ କିଛି ମାସ ଧରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ନିତିଦିନିଆ ଘଟଣା ପାଲଟିଛି। ଯେଉଁଠି ଇଚ୍ଛା ପାରିଲେ ସେଠାରୁ ମାଫିଆ ଗୋଷ୍ଠୀ ସକ୍ରିୟ ହୋଇ ମନଭରି ନଦୀ, ପାହାଡ ଓ ପୋଖରୀକୁ ବିଦାରି ଭାରୀଯାନ ଯୋଗେ ଲଘୁ ଖଣିଜ ଦ୍ରବ୍ୟ ଅନ୍ୟତ୍ର ଚାଲାଣରେ ଲିପ୍ତଥିବା ସବୁଠି ଚର୍ଚ୍ଚା ହେଉଛି। ସର୍ବସମ୍ମୁଖରେ ଏଭଳି ଖୁଲମଖୋଲା ଲଘୁ ଖଣିଜ ଦ୍ରବ୍ୟ ଖନନ ଓ ବେଆଇନ ଭାବେ ପରିବହନ ହେଉଥିବା ବେଳେ ପ୍ରଶାସନର ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜିଲ୍ଲାରେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଘଟଣାରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବି ବାଦ୍ ପଡିନି। ସକ୍ରିୟ ମାଫିଆ ଗୋଷ୍ଠୀ କିଏ ଓ କିପରି ଢଙ୍ଗରେ ପ୍ରଶାସନକୁ ପ୍ରଭାବିତ କରି ବାଲି,ପଥର,



ମୋରମ ଓ ମାଟି ଚୋରା ଚାଲାଣ କରୁଛନ୍ତି ସେ ସଂପର୍କରେ ତଦନ୍ତର ଆବଶ୍ୟକତା ଥିବା କୁହାଯାଇଛି। ଗତ ଦୁଇ ଦିନ ଧରି ହିଞ୍ଜିଳିକାଟୁ ବ୍ଲକ ଶିକିରି ଗ୍ରାମ ନୂଆଁ ସାହି ପୋଖରୀରୁ ଧରି ବେଧଡକ ଭାବେ ମାଟି ଚୋରା ଚାଲାଣ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଗତ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ନୂଆଁ ସାହି ପୋଖରୀରୁ ଜେସିବି ମେସିନ ବ୍ୟବହାର କରି ପୋଖରୀର ଗଭୀରରୁ ମାଟି ତାଡ଼ି ଟ୍ରାକ୍ଟର ଯୋଗେ ଚାଲାଣ ହୋଇଥିଲା। ପୋଖରୀ ହୁଡ଼ାକୁ ଖୋଳି ମାଫିଆ ଗୋଷ୍ଠୀ ଟ୍ରାକ୍ଟରରେ ଗ୍ରାମର ବିଭିନ୍ନ ବେସରକାରୀ ଜମି, ପଦର ଘରର ବାରି ପଟେ ଆଦି ସ୍ଥାନକୁ ମାଟି ଚାଲାଣ କରିଥିଲେ ବୋଲି କୁହାଯାଇଛି। ଗତ ଦୁଇ ଦିନ ଧରି ବେଧଡକ ଭାବେ ଏଭଳି ମାଟି ଚାଲାଣ ହେଉଥିବା ବେଳେ ଖନନ ସ୍ଥଳରେ ବ୍ଲକ, ତହସିଲ କିମ୍ବା ଖଣିଜ ବିଭାଗର କୌଣସି ଅଧିକାରୀଙ୍କ ପାଦ ନ ପଡ଼ିବା ସାଧାରଣ ଲୋକଙ୍କୁ ଚକିତ କରିଛି। ପର୍ଯ୍ୟାୟକ୍ରମେ ଉକ୍ତ ପୋଖରୀରୁ ଅନ୍ୟୂନ ହଜାର ହଜାର ଘନ ଫୁଟର ମାଟି ବେଆଇନ ଭାବେ ଚାଲାଣ ହୋଇଥିବା ସୂଚନା ମିଳିଛି। ଲକ୍ଷଲକ୍ଷ ଟଙ୍କାର ମାଟି ଚାଲାଣ କରି ମାଫିଆ ଗୋଷ୍ଠୀ ମାଲାମାଲ୍ ହୋଇଥିବା ବେଳେ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ କ୍ଷତି ହୋଇଥିବା ଅନୁମେୟ। ସମ୍ପୃକ୍ତ ପୋଖରୀରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପ କାମ ନିର୍ମାଣାଧୀନ ରହିଛି। ବେଆଇନ ଭାବେ ବ୍ୟାପକ ମାଟି ଖନନ ଓ ବେଧଡକ ଚାଲାଣ ଫଳରେ ପ୍ରକଳ୍ପର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆକର୍ଷଣ କରିଛନ୍ତି।

## ଧାନ ପଞ୍ଜୀକରଣ କରିବାକୁ ଯାଇ ବୃଦ୍ଧ ଦୁର୍ଘଟଣାଗ୍ରସ୍ତ

ତରଭା,୨୮।୮( ନିପ୍ର ) ବର୍ତ୍ତମାନ ଧାନ ପଞ୍ଜୀକରଣ ପାଇଁ ଚାଷୀ ପେକ୍ସକୁ ଦୌଡ଼ି ଦୌଡ଼ି ନାକେଦମ ହେଉଛି । ଏଭଳି ପରିସ୍ଥିତିରେ କମସରା ପେକ୍ସ ଅଧୀନସ୍ଥ ପୁଲବନ୍ଧ ଗ୍ରାମର କାର୍ତ୍ତିକ ପରୁଆ ( ୬୫ ) ଶୁକ୍ରବାର ପୂର୍ବାହ୍ନରେ ପେକ୍ସରୁ ଧାନ ବିକ୍ରି ପାଇଁ ପଞ୍ଜୀକରଣ ସାରି ଘରକୁ ଫେରୁଥିବାବେଳେ ପଣ୍ଡକିମାଲ ଗ୍ରାମ ନିକଟ ରାସ୍ତାରେ ଅଜଣା ଗାଡି ଧକ୍କାରେ ବୃଦ୍ଧ ଗୁରୁତର ଆଘାତପ୍ରାପ୍ତ ହୋଇଛନ୍ତି। ତୁରନ୍ତ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିଲା । ତାଙ୍କର ଅବସ୍ଥା ଗୁରୁତର ଥିବା ପରିବାର ଲୋକ କହୁଛନ୍ତି । ଏଠାରେ ଉଲ୍ଲେଖ ଥାଉ କି ପଞ୍ଜୀକରଣ କୁ ନେଇ ଲୋକେ ବହୁତ ହଇରାଣ ହରକତ ହେଉଥିବାରୁ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ଉକ୍ତ ସମସ୍ୟାର ସମାଧାନ କରୁ ବୋଲି ସାଧାରଣରେ ଦାବି ହେଉଛି ।

## ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କୁଚିଣ୍ଡା,୨୮/୮(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଆଞ୍ଚଳିକ କୃଷକ ଏକତା ମଞ୍ଚ ପକ୍ଷରୁ ଖରିଫ ଧାନ ବିକ୍ରୀ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୩୦ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ' ଙ୍କୁ ଶୁକ୍ରବାର ଅପରାହ୍ନରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯେହେତୁ ସମବାୟ ସମିତି(ଲ୍ୟାମ୍ପ) ମାନଙ୍କରେ ଚାଲିଥିବା ଚାଷୀଙ୍କ ଧାନ ବିକ୍ରୀ ପଞ୍ଜୀକରଣ ପ୍ରକ୍ରିୟା ସର୍ଭର ଡାଉନ୍ ଯୋଗୁଁ ବିଳମ୍ବିତ ହେଉଛି। ଚାଷୀମାନେ ସକାଳୁ ଆସି ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଧାଡିରେ ଅପେକ୍ଷା କରୁଥିଲେ ବି ପଞ୍ଜୀକରଣରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଏଥିସହ ଭାଗଚାଷୀଙ୍କ ପଞ୍ଜୀକରଣରେ ଜଟିଳ ପରିସ୍ଥିତି ଦେଖାଦେଉଛି। ଅନ୍ୟପକ୍ଷରେ ଜଙ୍ଗଲଜମି ପଟ୍ଟା ପାଇଥିବା ଗରିବ ଆଦିବାସୀ ମାନେ ନେଟ୍ ପଟ୍ଟା (ଭୂ-ଲେଖ)ରେ ତଥ୍ୟ ନଥିବା ଏବଂ ତାଙ୍କ ଖଜଣା କଟୁ ନଥିବାରୁ ସେମାନେ ପଞ୍ଜୀକରଣ କରି ପାରୁ ନାହାନ୍ତି। ତେଣୁ ଚାଷୀ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା, ଭାଗଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ଏବଂ ଜଙ୍ଗଲଜମି ପଟ୍ଟାଧାରୀଙ୍କ ପଞ୍ଜୀକରଣ କରି ଧାନ ବିକ୍ରୀ ସୁବିଧା ଯୋଗାଇଦେବାକୁ ଏଥିରେ ଦାବି କରାଯାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାରେ ଅବହେଳା କଲେ ଚାଷୀ ସଂଗଠନ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ